READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ | ସଂଖ୍ୟା-୩୪ | ୪ - ୧୦ ସେପ୍ଟେମ୍ବର, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-34 | 4th - 10th SEPTEMBER, 2023 | BHUBANESWAR | ₹ 5/- (8 Pages)

### ଦୁର୍ନୀତିର ଗନ୍ତାଘର ପାଲଟିଛି ଜଟଣୀ ସବ୍‌ରେଜିଷ୍ଟ୍ରାର ଅଫିସ

# ଅଫିସର, କିରାଣୀ ମାଲାମାଲ

**ଭୁବନେଶ୍ୱର :** ଜମିଜମା ରେକର୍ଡ ପଞ୍ଜିକରଣ ପାଇଁ ଥିବା ପୁରୁଣା ବ୍ୟବସ୍ଥାରେ ପରିବର୍ତ୍ତନ ଘଟି ଏବେ ଇ-ରେଜିଷ୍ଟ୍ରେସନ ବ୍ୟବସ୍ଥାର ପ୍ରଚଳନ କରାଯାଇଛି। ଆଶା କରାଯାଉଥିଲା ଏହାଦ୍ୱାରା ସାଧାରଣ ଲୋକଙ୍କ ସମସ୍ୟା ଦୂର କରିବ। ସେଥିପାଇଁ ଅନ୍‌ଲାଇନ ସ୍ଲଟ୍ ବୁକିଂ ନିୟମ କରାଯାଇଛି। ଏହି ସ୍ଲଟ୍ ବୁକିଂ ଏବେ ସମ୍ପୂର୍ଣ୍ଣ ଦଲାଲଙ୍କ କବଜାରେ ରହିଛି। ଲୋକଙ୍କ ଅଗୋଚରରେ ରାତି ୧୨ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସ୍ଲଟ୍ ବୁକିଂ ଚାଲିଥିବାରୁ ସାଧାରଣ ଲୋକ ସକାଳୁ ସ୍ଲଟ୍ ବୁକ୍ କରିବାକୁ ଚେଷ୍ଟା କରୁଥିଲେ ବି ଏହା ସମ୍ଭବ ହୋଇପାରୁନାହିଁ। ଦଲାଲମାନେ ରାତି ଅଧରେ ସ୍ଲଟ୍ ବୁକ୍ କରି ନେଇଥିବାରୁ ସାଧାରଣ ଲୋକ ନିରାଶ ହେଉଛନ୍ତି। ଖବର ଅନୁସାରେ ଗୋଟିଏ ଗୋଟିଏ ମୋବାଇଲ ନମ୍ବରରୁ ଏକାଧିକ ନମ୍ବର ସ୍ଲଟ୍ ବୁକ୍ କରିବା ଓ ସେଥିପାଇଁ କୌଣସି ଦେୟ ଜମା କରିବାକୁ ପଡୁନଥିବାରୁ ଦଲାଲମାନେ ମନଇଚ୍ଛା ସ୍ଲଟ୍ ବୁକ୍ କରି ରଖୁଛନ୍ତି। ଗୋଟିଏ ଗୋଟିଏ ମୋବାଇଲ ନମ୍ବରରୁ ୨୦ରୁ ଊର୍ଦ୍ଧ୍ୱ ସ୍ଲଟ୍ ବୁକିଂ



ହେଉଥିବା ଜଣାପଡିଛି। ଫଳରେ ଅସୁବିଧାରେ ପଡି କେହି ଅସଲ ଜମି ମାଲିକ ତୁରନ୍ତ ଜମି ବିକ୍ରି କରିବାକୁ ଚାହୁଁଥିଲେ ମଧ୍ୟ ତାଙ୍କୁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି। ସାରା ରାଜ୍ୟର ଅଧିକାଂଶ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସ୍ଲଟ୍ ବୁକିଂ କରିବାକୁ ଯାଇ ଲୋକେ ସମାନ ସମସ୍ୟାର ସମ୍ମୁଖୀନ ହେଉଥିଲେ ବି ଏପଟେ ସ୍ଲଟ୍ ଗୁଡିକୁ ଦଲାଲମାନେ ମନଇଚ୍ଛା ଦରରେ ବିକ୍ରି କରୁଛନ୍ତି। ଯାହାଫଳରେ ସାଧାରଣ ଲୋକ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି ଏବଂ ଦଲାଲ, ଅଫିସର ମାଲାମାଲ ହେଉଛନ୍ତି। ଦଲାଲମାନେ ନିଜେ ବୁକ୍ କରି ରଖିଥିବା ସ୍ଲଟ୍ ଗୁଡିକ ଚଢ଼ା ଦରରେ ବା କଳାବଜାରରେ ବିକ୍ରି କରୁଥିଲେ ବି ବେଳେବେଳେ ଏହା ବିକ୍ରି ନହୋଇ ଅକାମୀ ହୋଇଯାଉଛି। ଫଳରେ ଦିଆଯାଉଥିବା ସ୍ଲଟ୍‌ର ଶତକଡା ୪୦ ରୁ ୫୦ ଭାଗ ଜମି ହିଁ ପଞ୍ଜିକରଣ ହୋଇପାରୁଛି। ଯାହାଫଳରେ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ଜଟଣୀରେ ଦଲାଲମାନେ ସ୍ଲଟ୍ ଗୁଡିକୁ ୨ ରୁ ୫ ହଜାର ଟଙ୍କାରେ ବିକ୍ରି କରୁଥିବା ନେଇ ଅଭିଯୋଗ ହେଉଛି। ସେଠାକାର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଥିବା ମୋଟ ୬୬ଟି ସ୍ଲଟ୍ ଭିତରୁ ଦିନକୁ ମାତ୍ର ୧୦ ରୁ ୨୦ଟି ଜମିଜମା ପଞ୍ଜିକରଣ ହୋଇପାରୁଛି। କେବଳ ଜମିଜମା ପ୍ରସଙ୍ଗରେ ନୁହେଁ, ବିବାହ ଓ ଟ୍ରଷ୍ଟ ରେଜିଷ୍ଟ୍ରି ପାଇଁ ମଧ୍ୟ ଲୋକଙ୍କୁ ୧ମାସ ଯାଏଁ ଅପେକ୍ଷା କରିବାକୁ ପଡୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାତି ୧୨ଟାରୁ ସକାଳ ୧୦ ଭିତରେ ସ୍ଲଟ୍ ବୁକିଂ ହେଉଥିବାରୁ ରାତିରେ ଦଲାଲମାନେ ସହଜରେ ଏହାକୁ ବୁକ୍ କରି ନେଉଛନ୍ତି। ସାଧାରଣ ଲୋକ ସ୍ଲଟ୍ ବୁକିଂ କରିନପାରି ବାଧ୍ୟରେ ଦଲାଲଙ୍କ ଠାରୁ ସ୍ଲଟ୍ କିଣୁଛନ୍ତି। ଏଥିରେ ଜଟଣୀ ସବ୍‌ରେଜିଷ୍ଟ୍ରାର ଅଫିସର କିରାଣୀ ଓ ଖୋଦ୍ ସବ୍‌ରେଜିଷ୍ଟ୍ରାର ଲାଞ୍ଚ ଖାଉଥିବା ଅଭିଯୋଗ ହେଉଛି। ➤ ପୃ-୬

### ସହରରେ ଡେଙ୍ଗୁ, ଗାଁରେ ମ୍ୟାଲେରିଆ

# ରୋଗୀ ସଂଖ୍ୟା ବଢୁଛି

**ଭୁବନେଶ୍ୱର:** ରାଜ୍ୟରେ ମଶାଙ୍କ ଉତ୍ପାତ ଏତେ ବଢ଼ିଛି ଯେ, ସହରରୁ ଗାଁ ସବୁଠି ମଶାଙ୍କୁ ଦେଖିଲେ ଭୟ ଲାଗୁଛି। ଗ୍ରାମାଞ୍ଚଳରେ ମ୍ୟାଲେରିଆ ବ୍ୟାପୁଥିଲା ବେଳେ ସହରରେ ଅଣାୟତ୍ତ ହେଉଛି ଡେଙ୍ଗୁ। ସରକାର ଡେଙ୍ଗୁ ଉପରେ ଅଧିକ ଫୋକସ କରୁଥିଲା ବେଳେ ମ୍ୟାଲେରିଆ ଅଥୟ କରିବା ଆରମ୍ଭ କରିଦେଲାଣି। ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୪ ହଜାର ପାଖାପାଖି ରହିଥିଲା ବେଳେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ହଜାର ଅତିକ୍ରମ କଲାଣି। ଯଦିଓ ୨୦୧୬ ମସିହାରୁ



ଓଡ଼ିଶାରେ ମ୍ୟାଲେରିଆ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି ତଥାପି ଚଳିତ ବର୍ଷ ଏହା ଅଧିକ ରହିଛି। ସେହିପରି ରାଜ୍ୟରେ ଡେଙ୍ଗୁ ସ୍ଥିତି ଗମ୍ଭୀର ରହିଛି। ଗତବର୍ଷ ଏହି ସମୟରେ ଯେଉଁ ଜିଲ୍ଲାଗୁଡ଼ିକରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୫୦ ଟପି ନ ଥିଲା ଚଳିତବର୍ଷ ସେସବୁ ଜିଲ୍ଲାରେ ୩ଶହ ଟପିଲାଣି। ବିଶେଷକରି ରାଜ୍ୟରେ ବର୍ତ୍ତମାନସୁଦ୍ଧା ଯେତିକି ରୋଗୀଙ୍କୁ ଚିହ୍ନଟ କରାଯାଇଛି ତାହାର କେବଳ ୮୨% ଆକ୍ରାନ୍ତ କେବଳ ୬ଟି ଜିଲ୍ଲାରୁ ହିଁ ରହିଛନ୍ତି। ଆହୁରି ୧ମାସ କିମ୍ବା ତା'ଠାରୁ ଅଧିକ ଦିନ ଡେଙ୍ଗୁର ପ୍ରଭାବ ରହିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏ ଦୃଷ୍ଟିରୁ ରୋଗୀଙ୍କ ସଂଖ୍ୟା ଗତବର୍ଷ ଚିହ୍ନଟ ହୋଇଥିବା ସମୁଦାୟ ଆକ୍ରାନ୍ତଙ୍କଠାରୁ ବଳିଯିବ ବୋଲି ଆଶଙ୍କା କରାଯାଉଛି। ପୂର୍ବବର୍ଷ ଭଳି ଖୋର୍ଦ୍ଧା ଜିଲ୍ଲା ଓ ଭୁବନେଶ୍ୱର ମଧ୍ୟ ଚଳିତବର୍ଷ ଡେଙ୍ଗୁର ➤ ପୃ-୬

### ଏକ ଦେଶ-ଏକ ନିର୍ବାଚନ

# ଜାତୀୟ ରାଜନୀତିରେ ହଟଚମଟ

**ନୂଆଦିଲ୍ଲୀ :** ଏକ ଦେଶ-ଏକ ନିର୍ବାଚନ ଦିଗରେ କେନ୍ଦ୍ରସରକାର ପ୍ରଥମ ପଦକ୍ଷେପ ନେଇଛନ୍ତି। ସରକାର ଏ ଦିଗରେ ବିଚାର କରିବା ପାଇଁ ଏକ କମିଟି ଗଠନ କରିଛନ୍ତି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଏହି କମିଟିର ସଭାପତି କରାଯାଇଛି। କମିଟିର ସଦସ୍ୟଙ୍କ ଉପରେ ଖୁବ ଶୀଘ୍ର ବିଜ୍ଞପ୍ତି ଜାରି କରାଯିବ। ତେବେ ସରକାରଙ୍କ ଏହି ପଦକ୍ଷେପକୁ ବିରୋଧୀ ଦଳ ପ୍ରଶ୍ନ କରିଛନ୍ତି। କଂଗ୍ରେସ ପ୍ରଶ୍ନ କରିଛି ବର୍ତ୍ତମାନ ଏହାର ଆବଶ୍ୟକତା କ'ଣ? ମୁଦ୍ରାସ୍ଫୀତି, ବେକାରୀ ସମସ୍ୟା ଭଳି ପ୍ରଥମ ପ୍ରସଙ୍ଗଗୁଡ଼ିକ ସମାଧାନ କରାଯିବା ଉଚିତ୍ ବୋଲି ବିରୋଧୀ କହିଛନ୍ତି। ନିର୍ବାଚନ ପରିଚାଳନା ପାଇଁ ଆର୍ଥିକ ଖର୍ଚ୍ଚ,

**ପୂର୍ବତନ ରାଷ୍ଟ୍ରପତି କୋବିନ୍ଦଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ**

ବାରମ୍ବାର ପ୍ରଶାସନିକ ଅସ୍ଥିରତା, ସୁରକ୍ଷା ବାହିନୀ ନିୟୋଜନରେ ଅସୁବିଧାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସରକାର ଏକ ଦେଶ-ଏକ ନିର୍ବାଚନ ଯୋଜନା ଉପରେ ବିଚାର କରୁଛନ୍ତି। ଏହା ଅଧୀନରେ ସରକାର ଏକକାଳୀନ ଲୋକସଭା ଏବଂ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ କରିବାକୁ ଚାହୁଁଛନ୍ତି। ୧୯୫୧-୫୨ ମସିହାରେ ଲୋକସଭା ଏବଂ ସମସ୍ତ ରାଜ୍ୟର ବିଧାନସଭା ପାଇଁ ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହୋଇଥିଲା। ଏହା ପରେ ୧୯୫୭, ୧୯୬୨ ଏବଂ ୧୯୬୭ ରେ ଲୋକସଭା ଏବଂ ସମସ୍ତ ବିଧାନସଭା ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ପରେ ୧୯୬୮, ୧୯୬୯ ମସିହାରେ କିଛି ବିଧାନାସଭ ସମୟ ପୂର୍ବରୁ ➤ ପୃ-୬

### ବକ୍ରବାଣୀ



ଅଣୀ ଭାଗ ଲୋକ ଭୋକିଲା ଏଠି
ଖାଇବାକୁ ମୁଠେ ହାଣ୍ଡିରେ ନାଇଁ
ଗରୀବ ଧନରେ ରାଇଜ ସାରା
ହେଲିକେପ୍ଟର ଉଡ଼େ ସାଇଁ ସାଇଁ
ଦେଇଥିଲେ ଚିଠି ନାନୀ ଆମର
ଆକଟ କରିବେ କେନ୍ଦ୍ର ସର୍କାର
ଆକଟ ବଦଳେ ସାବାସୀ ଦେଲେ
ୟା'ଙ୍କ ସମର୍ଥନ ତାଙ୍କୁ ଦର୍କାର
ପୋଡ଼ା ମେସିନକୁ କୋଳେଇ ନେଲେ
ଚିଠି ଲେଖି ନାନୀ ହୀନସ୍ତା ହେଲେ।

—ଟୁଟୁ

# ମିଶନ ଶକ୍ତି ଏବଂ ଶିଶୁ ବିକାଶରେ ବଡ ଘୋଟାଲା

**ଯାଜପୁର, (ସୁରେଶ ଖଣ୍ଡାୟୀ):** ରାଜ୍ୟରେ ମିଶନ ଶକ୍ତି ଗଠନ ହେବା ଦିନଠାରୁ ଏହି ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ରଡକସନ ଗ୍ରୁପ, ଏବଂ ବ୍ଲକ ଲେବେଲ ପେଡେରେସନ ଏବଂ ଜିଲ୍ଲା ଲେବେଲ ଫେଡେରେସନ୍ ମାଧ୍ୟମରେ ଦୀର୍ଘ ୧୦ବର୍ଷ ହେବ ସବୁଠାରୁ ବଡ ବଡ ଅର୍ଥ ଘୋଟାଲା ହୋଇଛି। ଏପରକି ଏହି ଅର୍ଥରାଶି ସିଧାସଳଖ ଜିଲ୍ଲା ଏବଂ ରାଜ୍ୟରୁ ସେମାନଙ୍କ ଆକାଉଣ୍ଟକୁ ଦିଆଯାଇଛି। ଆଉ ଏହି ଅର୍ଥରାଶିର ବିଲ ଭାଉଚର, କାର୍ଯ୍ୟଖସଡା, ଫାଇଲ ପତ୍ର, ଅଡିଟ୍ ରିପୋର୍ଟ କିଛି ବି ନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ଜଣାପଡିଛି। ପ୍ରତି ବର୍ଷ ଏହିଭଳି ଭାବରେ ଗୋଟିଏ ଗୋଟିଏ ବ୍ଲକ ଲେବେଲ ସଂଘ, ପିଜି ଗ୍ରୁପକୁ କୋଟିଏରୁ ଉର୍ଦ୍ଧ ଟଙ୍କା ଆସି ତାହାର ଖର୍ଚ୍ଚ ହୋଇସାରିଛି। ଜିଲ୍ଲା ସ୍ତରରେ ଜିଲ୍ଲା ସମାଜ ମଙ୍ଗଳ ଅଧିନରେ ମିଶନ ଶକ୍ତି ବିଭାଗ ରହି କାର୍ଯ୍ୟ କରୁଥିବା ବେଳେ ଜିଲ୍ଲା ସ୍ତରର ଏହି ଅଧିକାରୀ ମାନେ ଏହାର କେବେବି ଅନୁଧ୍ୟାନ କରିନାହାନ୍ତି। ବରଂ ବସି ବସି ମାସକୁ ମାସ ତାଙ୍କର ଲକ୍ଷାଧିକ ଟଙ୍କା ଦରମା ଆକରରେ ଏବଂ ଅନ୍ୟାନ ବାଟରେ ନେଇ ନିଜର ହାଲୁକା ଦାୟିତ୍ୱକୁ ସାରିଛନ୍ତି। କିନ୍ତୁ ପକୃତରେ ମହିଳା ମାନଙ୍କର ବିକାଶ ଆଜିବି ହୋଇପାରିନାହିଁ। ବରଂ ଗଣତାନ୍ତ୍ରିକ ଉପାୟରେ ମାତ୍ର ବର୍ଷେ କିମ୍ବା ୨ବର୍ଷ ପାଇଁ ନିର୍ବାଚିତ ହୋଇଥିବା କର୍ମକର୍ତ୍ତା ମାନେ ଦୀର୍ଘଦିନ ଧରି ରହିଛନ୍ତି। ବ୍ଲକ ସ୍ତରରେ ବ୍ଲକ ଲେବେଲ ଫେଡେରେସନ ଏବଂ ଜିଲ୍ଲା ସ୍ତରରେ ଜିଲ୍ଲା ଲେବେଲ ଫେଡେରେସନ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ ସମୟ ଧରି ଗାଦି ମାଡିବସି ରହି ଗୋଟିଏ ପରେ ଗୋଟିଏ ବଡ ବଡ ଦୁର୍ନୀତି କରିବାରେ ଲାଗିଛନ୍ତି। ଏମାନେ ସରକାରଙ୍କ ବିଭିନ୍ନ ଅର୍ଥନୈତିକ ପ୍ରୋଜେକ୍ଟ ମାନ ହାତେଇ ସେଥିରୁ ନିଜର ଅର୍ଥନୈତିକ ଲାଳସା ପୂର୍ଣ୍ଣ କରିଛନ୍ତି। ଅପରପକ୍ଷେ ଏହି ମହିଳା ମାନେ ରାଜ୍ୟ ସରକାରଙ୍କ ଭୋଟ ବ୍ୟାଙ୍କ ହୋଇଥିବାରୁ ରାଜ୍ୟ ସରକାର ଏମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଅଛନ୍ତି। ରାଜ୍ୟରେ ବିରୋଧୀ ଦଳର ନିଷ୍କ୍ରିୟତା ଏବଂ ପକୃତ ଘଟଣା ଜାଣିବାର ଅଭାବ ଓ ବିରୋଧ କରିବା ପାଇଁ ଶକ୍ତି ନଥିବାରୁ ଏମାନେ ଏବେ ଧରାକୁ ସରା ମଣିବାକୁ ଉଚିତ ମଣୁନାହାନ୍ତି। ସୂଚନା ଅଧିକାର ଆଇନ ବଳରେ ମାଗାଯାଇଥିବା ସୂଚନା ସମ୍ପର୍ଣ୍ଣ ପ୍ରଦାନ ନକରି ବି ଯେତିକି ପ୍ରଦାନ କରିଛନ୍ତି ସେଥିରୁ ଶତାବ୍ଦୀର ସବୁଠାରୁ ବଡ ଦୁର୍ନୀତି ହୋଇଥିବା ନେଇ ଆଶଙ୍କା ଜାତ ହୋଇଛି। ଦୀର୍ଘ ଦିନ ଧରି ଏମାନେ ସରକାରୀ ଅର୍ଥକୁ ହରିଲୁଟ କରିଆସୁଥିବା ବେଳେ ସାମାନ୍ୟତମ ସୂଚନା ଦେଉନାହାନ୍ତି। ନିକଟରେ ଜିଲ୍ଲା କାର୍ଯ୍ୟଳୟ ଯାଜପୁର ମାଗାଯାଇଥିବା ସୂଚନା ପ୍ରଦାନ କରିବା ପାଇଁ ଶିଶୁ ବିକାଶ କାର୍ଯ୍ୟଳୟ ଏବଂ ମିଶନ ଶକ୍ତି ବିଭାଗକୁ କେତକ ସୂଚନା ମଗାଯାଇଥିଲା। ମିଶନ ଶକ୍ତି ବଡଚଣା ପକ୍ଷରୁ ମିଳିଥିବା ସୂଚନା ମୁତାବକ ତାଙ୍କର ସଭାନେତ୍ରୀ ବହିଷ୍କାର କରାଯାଇଥିଲେ ସୁଦ୍ଧା ସେମାନେ ଦାୟିତ୍ୱ ହସ୍ତାନ୍ତର କରିନଥିବାରୁ ସୂଚନା ଦେବେନାହିଁ ବୋଲି ମନା କରିଦେଲେ।

### ଜିଆଇ ଜର୍ଣ୍ଣାଲରେ ସ୍ଥାନ ପାଇଲା ଓଡ଼ିଶାର ୭ ଉତ୍ପାଦ

# କଣ୍ଟେଇମୁଣ୍ଡି ବାଇଗଣ ଜିଆଇ ତାଲିକାଭୁକ୍ତ



**ଭୁବନେଶ୍ୱର :** ଜିଆଇ ଜର୍ଣ୍ଣାଲରେ ସ୍ଥାନ ପାଇଲା ରାଜ୍ୟର ୭ଉତ୍ପାଦ। ନୟାଗଡର କଣ୍ଟେଇମୁଣ୍ଡି ବାଇଗଣକୁ ମିଳିଲା ଜିଆଇ ଟ୍ୟାଗ୍। ସେହିଭଳି ଢେଙ୍କାନାଳ ମଗଜି, ଶିମିଳିପାଳ କାଇ ଚଟଣୀକୁ ଜିଆଇ ଟ୍ୟାଗ ପ୍ରଦାନ କରାଯିବ। ଖଜୁରୀ ଗୁଡ଼, କୋରାପୁଟର କଳାଜିରା ଚାଉଳ, ଡଙ୍ଗରିଆ କନ୍ଧଙ୍କ ଏମ୍ବ୍ରୋଡରି ଚାଦର-କପଡ଼ାଗଣ୍ଡାକୁ ମଧ୍ୟ ଜିଆଇ ଟ୍ୟାଗ ମିଳିବ। ତେବେ ନୟାଗଡ କଣ୍ଟିଲୋ ଅଞ୍ଚଳରେ ଉତ୍ପାଦିତ ଏହି କୃଷିଜାତ ଦ୍ରବ୍ୟ କଣ୍ଟେଇମୁଣ୍ଡି ବାଇଗଣ ଜିଆଇ ଜର୍ଣ୍ଣାଲରେ ସ୍ଥାନ ପାଇବା ପରେ ଏହାର ସ୍ୱତନ୍ତ୍ରତା ବୃଦ୍ଧି ପାଇଛି। ପୋଷାକ ତତ୍ତ୍ୱରେ ପରିପୂର୍ଣ୍ଣ ଏହି ବାଇଗଣର ସ୍ୱାଦ ମଧ୍ୟ ଭାରୀ ନିଆରା। ଏ ନେଇ ନୟାଗଡ଼ ଜିଲ୍ଲାରେ ଖୁସିର ମାହୋଲ ଦେଖିବାକୁ ମିଳିଛି। କିଛି ମାସ ପୂର୍ବରୁ ନୟାଗଡ଼ ଜିଲ୍ଲା ପ୍ରଶାସନ ସହାୟତାରେ କଣ୍ଟିଲୋ ସ୍ଥିତ ନୀଳମାଧବ କୃଷି ସଂଗଠନ ଏହି କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ➤ ପୃ-୬

### ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ

# ଅବୈଧ ପିଲାଙ୍କୁ ମିଳିବ ମାତାପିତାଙ୍କ ସମ୍ପତ୍ତିରୁ ଭାଗ

**ନୂଆଦିଲ୍ଲୀ :** ଅବୈଧ ବିବାହରେ ହୋଇଥିବା ପିଲାମାନେ ସେମାନଙ୍କ ପିତାମାତାଙ୍କ ସମ୍ପତ୍ତିରେ ଅଂଶ ଦାବି କରିପାରିବେ। ଏକ ମାମଲାର ଶୁଣାଣି କରି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ଯେଉଁ ପିଲାମାନେ ଅବୈଧ ବା ମାନ୍ୟତା ପାଇ ନଥିବା ବିବାହରୁ ଜନ୍ମ ହୋଇଛନ୍ତି, ସେମାନେ ମଧ୍ୟ ବାପା ମା'ଙ୍କ ସମ୍ପତ୍ତିର ଭାଗ ପାଇବାକୁ ହକଦାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏପରି ବିବାହରୁ ଜନ୍ମିତ



ପିଲାମାନଙ୍କୁ ଆଜି ସୁପ୍ରିମକୋର୍ଟ ବୈଧତା ପ୍ରଦାନ କରି ଆଇନଗତ ଅଧିକାର ଦେଇଛନ୍ତି। ତେବେ ଏପରି ପିଲାମାନେ କେବଳ ହିନ୍ଦୁ ଉତ୍ତରାଧିକାର ଆଇନ ଅନୁସାରେ ନିଜର ଅଧିକାର ପାଇଁ ଦାବି କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପୂର୍ବରୁ କୋର୍ଟ କହିଥିଲେ ଯେ ଅବୈଧ ବିବାହରୁ ଜନ୍ମିତ ପିଲାମାନେ କେବଳ ବାପା ମା' କିଣିଥିବା ସମ୍ପତ୍ତିରୁ ଭାଗ ନେଇପାରିବେ। ➤ ପୃ-୬

ଭବାନୀପାଟଣା ପୌରପରିଷଦ

ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୩ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି। ଆସନ୍ତୁ ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନା ମୁକ୍ତ ଓ ପଲିଥିନ୍ ମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା।

ଶ୍ରୀଯୁକ୍ତ ଚିନ୍ମୟ କୁମାର ନାୟକ — ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ — ଉପ-ନଗରପାଳ
ଶ୍ରୀମତୀ ସଂଯୁକ୍ତା ବେହେରା — ନଗରପାଳ

ତଥା

ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌରପରିଷଦ

# ମୌଳିକ ସୁବିଧାରୁ ବଞ୍ଚିତ ଗମ୍ଭାରିଗୁଡା

**ନବରଙ୍ଗପୁର:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଅଞ୍ଚଳା ପଞ୍ଚାୟତ ଅଧୀନରେ ଥିବା ଗମ୍ଭାରୀଗୁଡ଼ା ଗ୍ରାମ ସବୁ କ୍ଷେତ୍ରରେ ଅବହେଳିତ ହୋଇରହିଛି। ଗ୍ରାମବାସୀ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଅଞ୍ଚଳା ପଞ୍ଚାୟତର ଭଣ୍ଡିମାଳ ଗ୍ରାମର ଏକ ପଡା ଗ୍ରାମ ହେଉଛି ଗମ୍ଭାରିଗୁଡା। ପଞ୍ଚାୟତର ୬ ନଂ ୱାର୍ଡ ଭାବେ ପରିଚିତ ଏହି ଗ୍ରାମ। ପଞ୍ଚାୟତ ସଦର ମହକୁମା ଠାରୁ ୬ କି.ମି ଏବଂ ବ୍ଲକ ସଦର ମହକୁମାଠାରୁ ୧୭ କି.ମି







ଦୂରରେ ରହିଛି ଏହି ଗ୍ରାମ। ୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଲୋକ ସଂଖ୍ୟା ୨୫୦ରୁ ଉର୍ଦ୍ଧ୍ୱ। ମାଟି ରାସ୍ତା ଯୋଗୁଁ ଲୋକମାନେ ବର୍ଷା ଦିନେ ଯାତାୟତରେ ଅସୁବିଧା ସମ୍ମୁଖୀନ ହୋଇଥାନ୍ତି। ଗ୍ରାମବାସୀ ବର୍ଷାଦିନେ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ବହୁ କଷ୍ଟରେ ଆସିଥାନ୍ତି। ଏହା ସହ ବିଦ୍ୟାଳୟକୁ ଯାଉଥିବା ଛୋଟ ଛୋଟ ପିଲା ମାନେ ଅଧିକ କଷ୍ଟ ଭୋଗିଥାନ୍ତି। ଗ୍ରାମ ମଧ୍ୟରେ ୨୫ ବର୍ଷ ତଳେ ପକ୍କା ରାସ୍ତା ନିର୍ମାଣ ହୋଇଥିଲା। ଗ୍ରାମବାସୀଙ୍କ ପାଇଁ ୩ ଟି ନଳକୂପ ଖନନ କରାଯାଇଛି। ୩ଟି ଯାକ ନଳକୂପରୁ ଖରାଦିନେ କମ ପାଣି ବାହାରିବା ସହ ଗୋଳିଆ ପାଣି ବାହାରୁଛି। ଲୋକେ ସେହି ଗୋଳିଆ ପାଣିକୁ ଘରକୁ ନେଇ ଛାଣି ପିଇବା ଉପଯୋଗୀ କରିଥାନ୍ତି ଓ ଗାଧୋଇବା ପାଇଁ ଗ୍ରାମ ପାଖରେ ଥିବା ପୋଖରୀ ଉପରେ ନିର୍ଭର କରିଥାନ୍ତି। ଗ୍ରାମବାସୀ ବର୍ଷାଦିନେ ଧାନ ଓ ମକା ଚାଷ କରିଥାନ୍ତି ଓ କିଛି ଲୋକ କୁଲି କରି ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ମାନସିକ ସ୍ଥିତି ଭଲ ରହିବ। ବ୍ୟବସାୟ ଦୂର ସ୍ଥାନକୁ ଯାଇ ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପୂର୍ବ ମତଭେଦ ଦୂର ହେବ। ଛାତ୍ରମାନଙ୍କୁ ଅଧିକ ପରିଶ୍ରମ କରିବା ଆବଶ୍ୟକ। ଦମ୍ପତି ମାନଙ୍କ ସମ୍ପର୍କ ସୁଦୃଢ଼ ହେବ। ପ୍ରତିକାର : ହନୁମାନଜୀଙ୍କୁ ମିଷ୍ଟାନ୍ନ ଭୋଗ ଲଗାନ୍ତୁ।

**ବୃଷ** ମନ ଚଞ୍ଚଳ ରହିବ। ରକ୍ତଚାପ ବଢ଼ିପାରେ। ବ୍ୟବସାୟରେ ସତର୍କ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ପୁରୁଣା ବିବାଦର ସମାଧାନ କରିପାରନ୍ତି। ଉଧାର ନିଅନ୍ତୁ ନାହିଁ କି ଦିଅନ୍ତୁ ନାହିଁ। ପ୍ରତିକାର : ଶିବାଳୟରେ କ୍ଷୀର ଓ ଚିନି ଦାନ କରନ୍ତୁ।

**ମିଥୁନ** ବାରୀରେ ଲଗାମ ଦିଅନ୍ତୁ। ସଠିକ୍ ନିର୍ଣ୍ଣୟ ନିଅନ୍ତୁ। ଅନାବଶ୍ୟକ ବିବାଦ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସାବଧାନ ରହନ୍ତୁ। ଜମି ସମ୍ବନ୍ଧୀୟ ବିବାଦରେ ପଡିପାରନ୍ତି। ପ୍ରତିକାର : ଦେବୀ ଦୁର୍ଗାଙ୍କୁ ଫଳ ଅର୍ପଣ କରନ୍ତୁ।

**କର୍କଟ** ଲକ୍ଷ୍ମୀପ୍ରାପ୍ତି ପାଇଁ ଅଧିକ ପରିଶ୍ରମ କରିବେ। ଆୟ ବ୍ୟୟରେ ବୃଦ୍ଧି ହୋଇପାରେ। ବିବାଦରୁ ଦୂରରେ ରହନ୍ତୁ। ପରିବାରର ସହଯୋଗ ପାଇବେ। ପ୍ରତିକାର : ରୂପା ପାତ୍ରରେ ଭଗବାନ ଶିବଙ୍କୁ ଜଳଅର୍ପଣ କରନ୍ତୁ।

**ସିଂହ** ଆତ୍ମବିଶ୍ୱାସ ବୃଦ୍ଧି ହେବ। ଆୟରେ ବୃଦ୍ଧି ହେବ। ଘର ବା ବାହନ କିଣିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସତର୍କ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ଚିନ୍ତିତ ରହିବେ। ପ୍ରତିକାର : ଭଗବାନ ଶ୍ରୀକୃଷ୍ଣଙ୍କ ସୁଗନ୍ଧିତ ଫୁଲହାର ଦିଅନ୍ତୁ।

**କନ୍ୟା** ମନ ଉପରେ ଲଗାମ ଦିଅନ୍ତୁ। ବ୍ୟବସାୟରେ ସତର୍କ ରହନ୍ତୁ। ଋଣ ପରିଶୋଧ କରିପାରନ୍ତି। ବନ୍ଧୁଙ୍କ ସହଯୋଗ ପାଇବେ। କଟୁ ଶବ୍ଦ ବ୍ୟବହାର କରନ୍ତୁ ନାହିଁ। ପ୍ରତିକାର : ଭଗବାନ ଗଣେଶଙ୍କୁ ଦୁବମାଳ ଓ ଫଳ ଅର୍ପଣ କରନ୍ତୁ।

**ତୁଳା** ରାଜନୀତିରେ କ୍ଷତି ହୋଇପାରେ। ଗୁପ୍ତ କଥା ପ୍ରକାଶ କରନ୍ତୁ ନାହିଁ। ସାକାରାତ୍ମକ ମାନସିକତା ରଖନ୍ତୁ। ପ୍ରେମୀ ମାନେ ନିଜର ମନକଥା ସର୍ବସମ୍ମୁଖରେ ପ୍ରକାଶ କରିପାରିବେ। ପ୍ରତିକାର : ଗୋମାତାଙ୍କୁ ରାଶି ଲଡୁ ଖୁଆନ୍ତୁ।

**ବିଛା** ଭାଗୀଦାରୀ ବ୍ୟବସାୟରେ ସଫଳ ହେବେ। ନିଜର ସବୁ କାମ ନିଜେ କରନ୍ତୁ। ଛଳନାର ଶୀକାର ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିବେ। ପ୍ରତିକାର : ହନୁମାନଜୀଙ୍କ ଲାଲ ଫୁଲ ମାଳା ଦିଅନ୍ତୁ।

**ଧନୁ** ଅନ୍ୟକଥାରେ ପଡି ନିର୍ଣ୍ଣୟ କରନ୍ତୁ। ଆୟ ଓ ସମ୍ମାନରେ କ୍ଷତି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ପରିବାରରେ ସହଯୋଗ ପାଇବେ। ପ୍ରତିକାର : ବରିଷ୍ଠ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ମକର** ଦୂରଯାତ୍ରା କରିପାରନ୍ତି। ବ୍ୟବସାୟରେ ଲାଭ ହୋଇପାରେ। ଧନ ସଞ୍ଚୟ ପାଇଁ ସମୟ ଅନୁକୂଳ। ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିକାର : ଶିବାଳୟରେ ଘିଅ ଦୀପ ଦିଅନ୍ତୁ।

**କୁମ୍ଭ** ଯୋଜନା ଗୁପ୍ତ ରଖନ୍ତୁ। ଅନୈତିକ କାର୍ଯ୍ୟରୁ ଦୂରରେ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ମନ ନିବେଶ କରନ୍ତୁ। ଗୁରୁଜନଙ୍କ ସହଯୋଗ ପାଇବେ। ଆଖି ବା ପେଟରେ ପୀଡା ହୋଇପାରେ। ପ୍ରତିକାର : ଦରିଦ୍ରଙ୍କ ଧଳା ରଙ୍ଗ ଖାଦ୍ୟ ଦାନ କରନ୍ତୁ।

**ମୀନ** ଶତ୍ରୁ ସଂଖ୍ୟା ବଢ଼ିବ। ଭାଗ୍ୟରେ ସହଯୋଗ ନିଶ୍ଚିତ ମିଳିପାରେ। ନୂଆ ରୋଜଗାର ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଜୀବନସାଥୀଙ୍କ ପୂର୍ଣ୍ଣ ସହଯୋଗ କରନ୍ତୁ। ପ୍ରତିକାର : କେସରଯୁକ୍ତ ଖାଦ୍ୟ ଖାଆନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ପିୟୁ ରିସର୍ଚ୍ଚ ସେଣ୍ଟର ସର୍ଭେ ରିପୋର୍ଟ

# ମୋଦୀଙ୍କ ନେତୃତ୍ୱକୁ ୮୦% ଭାରତୀୟଙ୍କ ସମର୍ଥନ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ନେଇ ଆମେରିକାର ଥିଙ୍କଟ୍ୟାଙ୍କ ପିଉ ରିସର୍ଚ୍ଚ ପକ୍ଷରୁ ଏକ ସକାରାତ୍ମକ ରିପୋର୍ଟ ପ୍ରକାଶ କରାଯାଇଛି। ବିଶେଷକରି ଭାରତରେ ଜି-୨୦ ସମ୍ମିଳନୀକୁ ନେଇ ଏବେ ବିଶ୍ୱସ୍ତରୀୟ ନେତାମାନେ ଏକାଠି ହେବାକୁ ଯାଉଥିବା ବେଳେ ମୋଦୀଙ୍କ ସମ୍ପର୍କରେ ପ୍ରକାଶିତ ଏହି ରିପୋର୍ଟ ଭାରତର ଛବିକୁ ଆହୁରି ଦୀପ୍ତ କରିବ ବୋଲି କୁହାଯାଉଛି। ଏହି ଥିଙ୍କଟ୍ୟାଙ୍କ ପକ୍ଷରୁ ମୋଦୀଙ୍କ ନେତୃତ୍ୱକୁ ନେଇ ଭାରତରେ ସର୍ଭେ କରାଯାଇଥିଲା। ଏଥିରେ ପ୍ରାୟ ୮୦ ପ୍ରତିଶତ ଲୋକ ମୋଦୀଙ୍କ ସମର୍ଥନରେ ରହିଛନ୍ତି ବୋଲି ପିଉ ରିପୋର୍ଟରେ କୁହାଯାଇଛି। ଏଥିମଧ୍ୟରୁ ସର୍ବାଧିକ ୫୫ ପ୍ରତିଶତ ଲୋକ ମୋଦୀଙ୍କ ନେତୃତ୍ୱ ପ୍ରତି ଅକୁଣ୍ଠ ସମର୍ଥନ ଜଣାଇଛନ୍ତି। କେବଳ ଭାରତ ନୁହେଁ, ମୋଦୀଙ୍କ ନେତୃତ୍ୱକୁ ବିଶ୍ୱର ବିଭିନ୍ନ ଭାଗରେ ମଧ ଲୋକମାନେ ସମର୍ଥନ କରିଥିବା ଏହି ରିପୋର୍ଟରେ କୁହାଯାଇଛି। ତାଙ୍କ ନେତୃତ୍ୱକୁ ନେଇ ଏହି ଥିଙ୍କଟ୍ୟାଙ୍କ ପକ୍ଷରୁ ୨୩ଟି ରାଷ୍ଟ୍ରରେ ସର୍ଭେ କରାଯାଇଥିଲ। ଏଥିରେ ପ୍ରାୟ ୩୭ ପ୍ରତିଶତ ଲୋକ ମୋଦୀଙ୍କ ନେତୃତ୍ୱରେ ଉପରେ ଭରସା



ରଖିଥିବା କୁହାଯାଇଛି। ଏକ୍ଷେତ୍ରରେ କେନିଆ ସବୁଠୁ ଉପରେ ରହିଛି। ଏଠାକାର ୬୦ ପ୍ରତିଶତରୁ ଅଧିକ ଲୋକ ମୋଦୀଙ୍କ ନେତୃତ୍ୱକୁ ସମର୍ଥନ କରିଛନ୍ତି। ଅନ୍ୟପକ୍ଷରେ ମୋଦୀଙ୍କ ନେତୃତ୍ୱ ଯୋଗୁଁ ଭାରତର ଛବି ବିଶ୍ୱ ଦୁନିଆରେ ବେଶ ଆଦୃତ ହୋଇପାରିଛି ବୋଲି ଏହି ୨୩ଟି ରାଷ୍ଟ୍ରର ୪୬ ପ୍ରତିଶତ ଲୋକ କହିଛନ୍ତି। କେବଳ ୩୪ ପ୍ରତିଶତ ଲୋକ ଏହାକୁ ଅସ୍ୱୀକାର କରିଛନ୍ତି। କେବଳ ସେତିକି ନୁହେଁ, ପୂର୍ବରୁ ଭାରତ ପ୍ରତି ବହୁ ୟୁରୋପୀୟ ରାଷ୍ଟ୍ରଙ୍କ ଭାବ ନକାରାତ୍ମକ ରହିଥିଲା ବେଳେ ଏବେ ସେହି ଭାବନାରେ ଯଥେଷ୍ଟ ପରିବର୍ତ୍ତନ ଆସିଛି। ଫ୍ରାନ୍ସ ଏବଂ ବ୍ରିଟେନ ଭଳି ବହୁ ପ୍ରମୁଖ ୟୁରୋପୀୟ ରାଷ୍ଟ୍ର ଏବେ ଭାରତକୁ ପ୍ରଶଂସା କରି ରହିପାରୁନାହାନ୍ତି ବୋଲି ଏହି ରିପୋର୍ଯରେ କୁହାଯାଇଛି। ମୋଦୀଙ୍କ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଭାରତରେ ୩୪ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି। ସେହିପରି ଭାରତରେ ପାକିସ୍ତାନ ପ୍ରତି ୭୫ ପ୍ରତିଶତ ଲୋକଙ୍କ ନକାରାତ୍ମକ ଭାବ ରହିଥିଲା ବେଳେ ୫୭ ପ୍ରତିଶତ ଲୋକଙ୍କ ମନୋଭାବ ପାକିସ୍ତାନ ପ୍ରତି ଅତ୍ୟନ୍ତ ନକାରାତ୍ମକ ରହିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।

### ଜର୍ମାନ୍ ବୈଜ୍ଞାନିକଙ୍କ ଦାବି

# ୫୦ ବର୍ଷ ପୂର୍ବେ ମଙ୍ଗଳ ଗ୍ରହରୁ ମିଳିଥିଲା ଜୀବନ

**ନୂଆଦିଲ୍ଲୀ :** ୫୦ ବର୍ଷ ଆଗରୁ ଆମେରିକୀୟ ମହାକାଶ ଏଜେନ୍ସି 'ନାସା' ମଙ୍ଗଳ ଗ୍ରହରେ ଜୀବନ ଆବିଷ୍କାର କରିଥିଲେ ବି ଅଜାଣତରେ ତାହାକୁ ନଷ୍ଟ କରି ଦେଇଥିବା କଥା ଜଣେ ଜର୍ମାନ୍ ବୈଜ୍ଞାନିକ ଦାବି କରିଛନ୍ତି। 'ଆଷ୍ଟ୍ରୋବାୟୋଲୋଜି' ପ୍ରଫେସର୍ ତଥା 'ଟେକ୍ନିକାଲ୍ ୟୁନିଭର୍ସିଟି ବର୍ଲିନ୍'ର ଅଧାପକ ଡାର୍କ ସୁଲ୍ଜ ମ୍ୟାକୁ କହିଛନ୍ତି, ୧୯୭୦ ଦଶକର ମଧ ଭାଗରେ ଆରମ୍ଭ ହୋଇଥିବା 'ନାସା'ର 'ଭାଇକିଙ୍ଗ୍' ପ୍ରୋଗ୍ରାମ୍ ସେ ସୁଯୋଗକୁ ଭୁଲ୍‌କ୍ରମେ ବା ଅଜାଣତରେ ନଷ୍ଟ କରିଦେଇଥିଲା। 'ଭାଇକିଙ୍ଗ୍' ପ୍ରୋଗ୍ରାମ୍‌ରେ 'ନାସା' ମଙ୍ଗଳପୃଷ୍ଠକୁ ୨ଟି ଲାଣ୍ଡର୍ ପଠାଇଥିଲା। ତାହା ଯୋଗୁଁ ବିଶ୍ୱବାସୀ ପ୍ରଥମ କରି ମଙ୍ଗଳ ଗ୍ରହର ପୃଷ୍ଠ ଦେଖିଥିଲେ। ଏହାଛଡ଼ା, ଲାଣ୍ଡର୍ ଦୁଇଟି ମଙ୍ଗଳ ଗ୍ରହର ମୃତ୍ତିକା ଓ ଶିଳାର ଜୈବିକ ବିଶ୍ଳେଷଣ ବି କରିଥିଲେ। ଏହି ମିସନ୍‌ରେ ଦୁଇଟି ଆଗ୍ନେୟଗିରି ଉଦ୍‌ଗୀରଣ ଏବଂ ତା'ର ଢାଲୁ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲା ଯାହା ହାୱାଇରେ ଥିବା ଆଗ୍ନେୟଗିରି ଉଦ୍‌ଗୀରଣ ଭଳି ଦିଶୁଥିଲା। ବହୁ ପୂର୍ବ ସେଥିରେ ବର୍ଷା ପାଣି ପଡ଼ିଥିବାର ଆଭାସ ମିଳିଥିଲା। ଜର୍ମାନ ପ୍ରଫେସର୍ କହିଛନ୍ତି, 'ଭାଇକିଙ୍ଗ୍'ର ପ୍ରାରମ୍ଭିକ ପରୀକ୍ଷା ଅନୁସାରେ, ମଙ୍ଗଳ ଗ୍ରହର ଲାଲ୍ ମୃତ୍ତିକାରେ ପୋଷକତତ୍ତ୍ୱ ମିଶା ଜଳ ଓ ରେଡିଓଆକ୍ଟିଭ୍ କାର୍ବନ୍ ଛଡ଼ାଯାଇଥିଲା। ମଙ୍ଗଳରେ କୌଣସି ଅଣୁଜୀବ ଥିଲେ, ସେମାନେ ଉକ୍ତ ପୋଷକତତ୍ତ୍ୱକୁ ବ୍ୟବହାର କରି ବାଷ୍ପ ଭାବେ ରେଡିଓଆକ୍ଟିଭ୍ କାର୍ବନ୍ ଛାଡ଼ି ଥାଆନ୍ତେ। ଜୈବିକ ଉପାଦାନ ଚିହ୍ନଟ କରିବା ଲାଗି 'ଭାଇକିଙ୍ଗ୍' ଲାଣ୍ଡରରେ ଏକ ଯନ୍ତ୍ର ବି ଲାଗିଥିଲା। ଏହା ସେଠାରୁ କିଛି ପରିମାଣରେ 'କ୍ଲୋରିନେଟେଡ୍ ଅର୍ଗାନିକ୍' (ଏକ



ପ୍ରକାର ଜୈବିକ ପଦାର୍ଥ) ପାଇଥିଲା। ପୃଥିବୀରୁ ଯାଇଥିବା କୌଣସି ସାମଗ୍ରୀଦ୍ୱାରା ସଂକ୍ରମିତ ହୋଇ ତାହା ସୃଷ୍ଟି ହୋଇଥିଲା ବୋଲି ସେତେବେଳେ କୁହାଯାଇଥିଲା। ଉକ୍ତ ପ୍ରକଳ୍ପର ବୈଜ୍ଞାନିକ ଜେରାଲ୍ଡ ସୋଫେନ୍ 'ଭାଇକିଙ୍ଗ୍' ପ୍ରକଳ୍ପକୁ ବିଫଳ ବୋଲି କହିଥିଲେ। କିନ୍ତୁ, ମଙ୍ଗଳ ଗ୍ରହର ପୃଷ୍ଠରେ ତା'ର ନିଜସ୍ୱ 'କ୍ଲୋରିନେଟେଡ୍ ଅର୍ଗାନିକ୍' ଅଛି ବୋଲି ପରେ ୨୦୦୮ରେ 'ଫିନିକ୍ସ୍ ଲାଣ୍ଡର', 'କ୍ୟୁରିଓସିଟି' ଓ 'ପର୍ସୁଭିରାନ୍ସ' ରୋଭର୍ ସୁନିଶ୍ଚିତ କରିଥିଲେ। ଅଧାପକ ଡାର୍କ ସୁଲ୍‌ଜ୍ ମ୍ୟାକୁ କହିଛନ୍ତି, ସମ୍ଭବତଃ ଜଳ ସହିତ ଅଭ୍ୟସ୍ତ ନ ଥିବାରୁ ଶୁଷ୍କ ମଙ୍ଗଳ ଗ୍ରହରୁ ସଂଗୃହୀତ ନମୁନାରେ ଥିବା ସେ ଅଣୁଜୀବମାନେ ଜଳ ସଂସ୍ପର୍ଶରେ ଆସି ମରିଯାଇଥିବେ।

# ରେଲୱେ ବୋର୍ଡ ଅଧକ୍ଷ ତଥା ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଭାବେ ଦାୟିତ୍ୱ ନେଲେ ଜୟା ବର୍ମା ସିହ୍ନା

**ନୂଆଦିଲ୍ଲୀ,(ପିଆଇବି) :** ଜୟା ବର୍ମା ସିହ୍ନା ରେଳ ଭବନରେ ରେଲୱେ ବୋର୍ଡ (ରେଳ ମନ୍ତ୍ରଣାଳୟ)ର ନୂଆ ଅଧ୍ୟକ୍ଷ ଏବଂ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ (ସିଇଓ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କ୍ୟାବିନେଟର ନିଯୁକ୍ତି ସମିତି ଜୟା ବର୍ମା ସିହ୍ନାଙ୍କ ନିଯୁକ୍ତିର ସ୍ୱୀକୃତି ପ୍ରଦାନ କରିଛନ୍ତି। ଜୟା ବର୍ମା ସିହ୍ନା ରେଲୱେ ବୋର୍ଡର ଅଧ୍ୟକ୍ଷ ଏବଂ ସିଇଓ ଭାବରେ ଭାରତୀୟ ରେଳର ଏହି ଶୀର୍ଷ ପଦରେ ନିଯୁକ୍ତ ହୋଇଥିବା ପ୍ରଥମ ମହିଳା ବୋଲି ଜଣାପଡିଛି। ଏହା ପୂର୍ବରୁ ଜୟା ବର୍ମା ସିହ୍ନା ରେଲୱେ ବୋର୍ଡରେ ସଦସ୍ୟ (ସଞ୍ଚାଳନ ଏବଂ ବ୍ୟବସାୟ ବିକାଶ) ଭାବରେ କାର୍ଯ୍ୟ କରିଛନ୍ତି। ଶ୍ରୀମତୀ ସିହ୍ନା ଭାରତୀୟ ରେଳରେ ମାଲ୍ ପରିବହନ ଏବଂ ଯାତ୍ରୀ ସେବାର ସମଗ୍ର ପରିବହନର ଦାୟିତ୍ୱ ମଧ୍ୟ ତୁଲାଇ ସାରିଛନ୍ତି। ଜୟା ବର୍ମା ସିହ୍ନା ୧୯୮୮ରେ ଭାରତୀୟ ରେଳ ଟ୍ରାଫିକ୍ ସେବା (ଆଇଆରଟିଏସ୍)ରେ ଯୋଗ ଦେଇଥିଲେ। ଭାରତୀୟ ରେଳରେ ନିଜର ୩୫ବର୍ଷରୁ ଅଧିକ କ୍ୟାରିୟରରେ ସେ ରେଳ ବୋର୍ଡର ସଦସ୍ୟ (ସଂଚାଳନ ଏବଂ ବ୍ୟବସାୟ ବିକାଶ) ଅତିରିକ୍ତ ସଦସ୍ୟ, ଟ୍ରାଫିକ୍ ପରିବହନ ପରି ବିଭିନ୍ନ ମହତ୍ୱପୂର୍ଣ୍ଣ



ପଦବୀରେ କାର୍ଯ୍ୟ କରିଛନ୍ତି। ସେ ପରିଚାଳନା, ବାଣିଜ୍ୟିକ, ଆଇଟି ଏବଂ ସତର୍କତା ସହିତ ବିଭିନ୍ନ କ୍ଷେତ୍ରରେ କାମ କରିଛନ୍ତି। ସେ ଦକ୍ଷିଣ ପୂର୍ବ ରେଳର ପ୍ରଧାନ ମୁଖ୍ୟ ପରିଚାଳନା ପ୍ରବନ୍ଧକ ଭାବରେ ନିଯୁକ୍ତ ହୋଇଥିବା ପ୍ରଥମ ମହିଳା ଅଟନ୍ତି। ସେ ବାଂଲାଦେଶର ଢ଼ାକାରେ ଭାରତୀୟ ହାଇ କମିଶନରେ ରେଳ ପରାମର୍ଶଦାତା ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କର ଏହି କାର୍ଯ୍ୟକାଳ ସମୟରେ କୋଲକାତାରୁ ଢ଼ାକା ପର୍ଯ୍ୟନ୍ତ ମୈତ୍ରୀ ଏକ୍ସପ୍ରେସ୍‌ର ଉଦ୍‌ଘାଟନ କରାଯାଇଥିଲା। ଶ୍ରୀମତୀ ସିହ୍ନା ଆଲ୍‌ହାବାଦ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଏବଂ ତାଙ୍କର ଫଟୋଗ୍ରାଫିରେ ଆଗ୍ରହ ରହିଛି।

# ବିଗୁଡୁଛି ଚୀନ୍ ଅର୍ଥନୀତି, ବଢୁଛି ବେରୋଜଗାରୀ

**ନୂଆଦିଲ୍ଲୀ :** କିଛି ଦିନ ପୂର୍ବରୁ ଚାଇନା ଆମେରିକାକୁ ପଛରେ ପକାଇ ବିଶ୍ୱ ଶକ୍ତିରେ ପରିଣତ ହେବା ପଥରେ ଅଗ୍ରସର ହେଉଥିଲା। ସମଗ୍ର ବିଶ୍ୱରେ ଚୀନ୍ ନିଜର ଦବ୍ଦବା ଜାହିର କରିବାରେ ଲାଗିଛି। ହେଲେ ନିକଟରେ କିଛି ମାସ ହେବ ଏଥିରେ ଭଟ୍ଟା ପଡିଯାଇଛି। ବର୍ତ୍ତମାନ ସମୟରେ ଡ୍ରାଗନ୍‌ର ଅର୍ଥନୀତି ଉପରେ ସଙ୍କଟ ଢ଼ାଙ୍କି ହୋଇରହିଛି। ଚୀନ୍‌ର ଜିଡିପି ଅଭିବୃଦ୍ଧି ଥମିଯାଇଛି। ଦେଶରେ କମ୍ପାନୀଗୁଡିକ ଉପରେ ଋଣ ଭାର ବଢ଼ିବାରେ ଲାଗିଛି। ଚୀନ୍‌ରେ ସମ୍ପ୍ରତି ବେକାରୀ ସମସ୍ୟା ଚରମ ସୀମାରେ ପହଞ୍ଚିଛି, ବିଦେଶୀ କମ୍ପାନୀଗୁଡିକ ଚୀନ୍‌ରୁ ସେମାନଙ୍କର ବ୍ୟବସାୟକୁ ଅନ୍ୟତ୍ର ସ୍ଥାନାନ୍ତର ଉପରେ ଏବେ ଜୋର ଦେଉଛନ୍ତି। ସାରା ଦୁନିଆର କାରଖାନା କୁହାଯାଉଥିବା ଚୀନ୍ ଏବେ ପୁରୁଣା ହୋଇଯାଉଛି। ଚୀନ୍‌ର ଅବିସ୍ମରଣୀୟ ଉଡନ୍ତା ଇଞ୍ଜିନ୍ ଏବେ ଏହାର ଅର୍ଥନୀତି ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଛି। ଅପରପକ୍ଷେ ଚୀନ୍ ଏବଂ ଆମେରିକା ମଧ୍ୟରେ ଶତ୍ରୁତା କାହାକୁ ଛପି ରହିନାହିଁ। କିନ୍ତୁ ଚୀନ୍‌ର ତଳମୁହାଁ ହେଉଥିବା ଅର୍ଥନୀତି ଆମେରିକା ଏବେ ଚିନ୍ତା ବିଷୟ ହୋଇଛି।



ବାଣିଜ୍ୟ ନୀତିଠାରୁ ଆରମ୍ଭ କରି ଟେକ୍ନୋଲୋଜି ପର୍ଯ୍ୟନ୍ତ ଚୀନ୍ ଏବଂ ଆମେରିକା ପ୍ରାୟତଃ ମୁହାଁମୁହିଁ ସ୍ଥିତିରେ ରହୁଛନ୍ତି। ଚୀନ୍‌ର ଅର୍ଥନୀତିରେ ଏଭଳି ବିପଦ ଆମେରିକା ପାଇଁ ସତର୍କ ଘଣ୍ଟି ସାଜିଛି। ଚୀନ୍‌ରେ ଏହି ଆର୍ଥିକ ଅସ୍ଥିରତାକୁ ନେଇ ଆମେରିକା ଖୁସି ହେବା ଉଚିତ୍, କିନ୍ତୁ ତାହା ନୁହେଁ। ଚୀନ୍‌ର ଅବନତି ଅବସ୍ଥା ମଧ ଆମେରିକା ପାଇଁ ବିପଦ ସାଜିବାକୁ ଯାଉଛି। ଏହାର କାରଣ ହେଉଛି ଯେ, ଚୀନ୍ ଆମେରିକା ସମେତ ବିଶ୍ୱର ବିଭିନ୍ନ ଦେଶ ପାଇଁ କାରଖାନା ଭାବରେ କାମ କରିଥାଏ। ଗତ ଦୁଇ ଦଶନ୍ଧି ଧରି ଚୀନ୍ ବିଶ୍ୱ ପାଇଁ ସବୁଠୁ ବଡ ଯୋଗାଣକାରୀ ରହିଆସିଛି। ଆମେରିକା ସମେତ ବିଶ୍ୱର ବିଭିନ୍ନ ଦେଶ ଚୀନ୍‌ରୁ ଶସ୍ତା ସାମଗ୍ରୀ କିଣି ବିପୁଳ ଲାଭ କରୁଛନ୍ତି। ଚୀନ୍‌ରେ ସେମାନଙ୍କର କାରଖାନା ସ୍ଥାପନ କରି ଆମେରିକୀୟ କମ୍ପାନୀମାନେ ସେଠାରୁ ଶସ୍ତା ଦ୍ରବ୍ୟ ଉତ୍ପାଦନ କରୁଛନ୍ତି।

# ମାତ୍ର ୭ ମିନିଟରେ କର୍କଟ ଚିକିତ୍ସା !

### ଇଂଲଣ୍ଡରେ ରହିଛି ଚମତ୍କାରୀ ଇଞ୍ଜେକସନ

**ନୂଆଦିଲ୍ଲୀ :** ବ୍ରିଟେନର ରାଷ୍ଟ୍ରାୟତ୍ତ ଏଜେନ୍ସି ନ୍ୟାସନାଲ ହେଲଥ୍ ସର୍ଭିସ (ଏନ୍‌ଏଚ୍‌ଏସ୍) ବିଶ୍ୱର ପ୍ରଥମ ଏଜେନ୍ସି ହେବ ଯିଏ କି ଇଂଲଣ୍ଡର ଶତାଧିକ ରୋଗୀଙ୍କୁ କର୍କଟ ରୋଗର ଚିକିତ୍ସା ପାଇଁ ଏକ ଇଞ୍ଜେକସନ୍ ପ୍ରଦାନ କରିବ। ଏହା ଦ୍ୱାରା କର୍କଟ ରୋଗର ଚିକିତ୍ସା ପାଇଁ ଲାଗିଥିବା ସମୟକୁ ତିନି ଚତୁର୍ଥାଂଶ ପର୍ଯ୍ୟନ୍ତ ହ୍ରାସ କରାଯାଇପାରିବ। ଇଂଲଣ୍ଡର ମେଡିସିନ ଆଣ୍ଡ୍ ହେଲଥକେୟାର ପ୍ରଡକ୍ଟସ ରେଗୁଲେଟରୀ ଏଜେନ୍ସି (ଏମଏଚଆରଏ)ର ଅନୁମୋଦନ ପରେ ଏନଏଚଏସ୍ ଇଂଲଣ୍ଡ ମଙ୍ଗଳବାର କହିଛି ଯେ ଆଟେଜୋଲିଜୁମାବ ଇଞ୍ଜେକ୍ସନ ଏହି ଚମତ୍କାର କରିଛି। କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଶତାଧିକ ରୋଗୀଙ୍କୁ "ଚର୍ମ ତଳେ" ଏହି ଇଞ୍ଜେକ୍ସନ ଦିଆଯିବ। ଏହା ଦ୍ୱାରା କର୍କଟ ରୋଗୀଙ୍କୁ ଚିକିତ୍ସା ପାଇଁ ଅଧିକ ସମୟ ମିଳିବ। ରୋଚେ ପ୍ରଡକ୍ଟସ ଲିମିଟେଡର ମେଡିକାଲ



ଡାଇରେକ୍ଟର ମାରିଅସ୍ ସୋଲଜ୍ କହିଛନ୍ତି, ପୂର୍ବରୁ ଡ୍ରିପ (ସାଲାଇନ) ମାଧ୍ୟମରେ ଦିଆଯାଉଥିବା ଔଷଧ କ୍ରିୟାଶୀଳ ହେବାକୁ ୩୦ରୁ ୬୦ ମିନିଟ୍ ସମୟ ଲାଗୁଥିଲା, କିନ୍ତୁ ଆଟେଜୋଲିଜୁମାବ ସିଧାସଳଖ ଶିରାରେ ଦିଆଯାଉଥିବାରୁ ତାହା ପ୍ରାୟ ୭ ମିନିଟ୍ ସମୟ ରେ କାମ କରୁଛି। ଏହା ଫଳରେ କମ ସମୟରେ ଅଧିକ ରୋଗୀଙ୍କ ଚିକିତ୍ସା କରାଯାଇପାରୁଛି। ଏହି ଇଞ୍ଜେକ୍ସନ ଜେନେନଟେକ୍ ଦ୍ୱାରା ତିଆରି କରାଯାଇଛି। ଏହା ହେଉଛି ଏକ ଇମ୍ୟୁନୋଥେରାପି, ଯାହା ରୋଗୀର ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରି କର୍କଟ କୋଷଗୁଡ଼ିକୁ ଖୋଜିବା ଏବଂ ନଷ୍ଟ କରିବାରେ ସକ୍ଷମ କରିଥାଏ। ଏହା ବର୍ତ୍ତମାନ ଫୁସଫୁସ, ସ୍ତନ, ଯକୃତ ଏବଂ ମୂତ୍ରାଶୟ ସମେତ ବିଭିନ୍ନ ପ୍ରକାର କର୍କଟ ରୋଗରେ ପୀଡ଼ିତ ଥିବା ରୋଗୀଙ୍କ ଚିକିତ୍ସା କରୁଛି ଏନଏଚଏସ୍। ଇଂଲାଣ୍ଡରେ ପ୍ରତିବର୍ଷ ପ୍ରାୟ ୩୬୦୦ ଲୋକଙ୍କୁ ଏହି ଇଞ୍ଜେକ୍ସନ ଦିଆଯାଉଛି। ଏହି ଔଷଧ ଶରୀରର ରୋଗପ୍ରତିରୋଧକ ଶକ୍ତି ସହ ମିଶି କର୍କଟ କୋଷକୁ ନଷ୍ଟ କରିବାକୁ ଉଦ୍ୟମ କରିଥାଏ।

# ନିଅଣ୍ଟିଆ ବର୍ଷା: ବଢ଼ିବ ଡାଲି, ଖାଇବା ତେଲ ଦର

**ନୂଆଦିଲ୍ଲୀ :** ନିକଟ ଭବିଷ୍ୟତରେ ଦାରଦାମ୍ ତାତିରୁ ଖାଉଟିଙ୍କୁ ମୁକ୍ତି ମିଳିବାର ସମ୍ଭାବନା କ୍ଷୀଣ। କାରଣ ଆଗାମୀ ଦିନରେ ଘରୋଇ ବଜାରରେ ଖାଇବା ତେଲ ଏବଂ ଡାଲିର ମୂଲ୍ୟରେ ଆହୁରି ବୃଦ୍ଧି ହୋଇପାରେ। ଏହା ସାଧାରଣ ଜନତାଙ୍କ ଉପରେ ମୁଦ୍ରାସ୍ଫୀତିର ଭାରକୁ ଆହୁରି ବଢ଼ାଇବ। କୁହାଯାଉଛି ଯେ ଅଗଷ୍ଟରେ ହାରାହାରି ତୁଳନାରେ ବହୁତ କମ୍ ବର୍ଷା ହୋଇଛି ଏବଂ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ସମାନ ଅବସ୍ଥା ଜାରି ରହିବ। ଏହାର ଅର୍ଥ ଆସନ୍ତା ମାସରେ ମଧ ମୌସୁମୀ ଦୁର୍ବଳ ରହିବ। ଏପରି ପରିସ୍ଥିତିରେ ଡାଲି ଏବଂ ତେଲ ବିହନର ଅମଳ ପ୍ରଭାବିତ ହେବ, ଯେଉଁ କାରଣରୁ ଉତ୍ପାଦନ ମଧ ପ୍ରଭାବିତ ହୋଇପାରେ। ଏଭଳି ପରିସ୍ଥିତିରେ ଆଗାମୀ ଦିନରେ ବଜାରରେ ଡାଲି ଏବଂ ଖାଇବା ତେଲ ମୂଲ୍ୟରେ ଆହୁରି ବୃଦ୍ଧି ଘଟିପାରେ। ଏପରିକି ମାତ୍ର ବର୍ଷକ ମଧ୍ୟରେ ହରଡ଼ ଡାଲି ଦର ୨୭ ପ୍ରତିଶତ ବୃଦ୍ଧି ଘଟିଛି। ସରକାରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଡାଲିର ମୂଲ୍ୟ ହ୍ରାସ ହେବାର ନାମ ନେଉନାହିଁ। ବିଶେଷକରି ହରଡ଼ ଡାଲିର ମୂଲ୍ୟରେ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି। ଗତ ଏକ ବର୍ଷ ମଧ୍ୟରେ ବଜାରରେ ହରଡ଼ ଡାଲି ୨୭ ପ୍ରତିଶତ ମହଙ୍ଗା ହୋଇଛି। ଏହାସହିତ ମସୁର ଡାଲିର ମୂଲ୍ୟ ମଧ ବୃଦ୍ଧି ପାଇଛି। ଚଳିତବର୍ଷ ମୌସୁମୀରେ କମ୍ ବର୍ଷା ଯୋଗୁ ଆସନ୍ତା ଦିନରେ ଡାଲିର ମୂଲ୍ୟରେ ଆହୁରି ବୃଦ୍ଧି ହେବାର ସମ୍ଭାବନା ରହିଛି। ଅଗଷ୍ଟରେ ନିଅଣ୍ଟିଆ ବର୍ଷା ଆଗାମୀ ଦିନରେ ବଡ଼ ସମସ୍ୟାର କାରଣ ହୋଇପାରେ। କାରଣ ପାଣିପାଗ ବିଭାଗ ଅନୁଯାୟୀ, ଚଳିତବର୍ଷ ଅଗଷ୍ଟରେ ଗତ ୮ ବର୍ଷ ମଧ୍ୟରେ ହାରାହାରି ତୁଳନାରେ ବହୁତ କମ୍ ବର୍ଷା ହୋଇଛି। ଦୁର୍ବଳ ମୌସୁମୀର ଏପରି ପରିସ୍ଥିତି ସେପଟ୍ଟେମ୍ବର ପର୍ଯ୍ୟନ୍ତ ଲାଗି ରହିବ। ଏଲ୍ ନିନୋ କାରଣର୍ ଆସନ୍ତା ମାସରେ ହାରାହାରିଠାରୁ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ଦେଶର ଅଧିକାଂଶ ସ୍ଥାନରେ ଖରିଫ ଫସଲ ବୁଣାବୁଣି କାର୍ଯ୍ୟ ସମ୍ପୂର୍ଣ୍ଣ ହେଉଛି। ଦୁର୍ବଳ ମୌସୁମୀ ଯୋଗୁଁ



ଫସଲ ଅମଳ ପ୍ରଭାବିତ ହେବାର ସମ୍ଭାବନା ରହିଥିବା ଫାଇନାନ୍ସିଆଲ୍ ଟାଇମ୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଏହା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଖରିଫ ଫସଲ ଅମଳ ଋତୁ ଅଗଷ୍ଟ ଏବଂ ସେପଟ୍ଟେମ୍ବର ମାସରେ ହେଉଥିବା ବର୍ଷା ଉପରେ ନିର୍ଭର କରେ। ଏଭଳି ପରିସ୍ଥିତିରେ ଦେଶରେ ଦୁଇ ବର୍ଷ ମଧ୍ୟରେ କମ୍ ବର୍ଷା ହେତୁ ଧାନ, ଆଖୁ, ଡାଲି ଏବଂ ତେଲ ବିହନ ଉତ୍ପାଦନ ପ୍ରଭାବିତ ହୋଇପାରେ। ଏତାଛଡା ଦୁର୍ବଳ ମୌସୁମୀ ଡାଲି ଏବଂ ତୈଳ ବୀଜର ଅମଳ ଉପରେ ବହୁତ ଖରାପ ପ୍ରଭାବ ପକାଇପାରେ। କାରଣ ଏହି ଫସଲଗୁଡିକ ଲାଗି ଅଧିକ ମାତ୍ରାରେ ଜଳସେଚନ ଆବଶ୍ୟକ, କିନ୍ତୁ ଜଳ ଅଭାବରୁ ଡାଲି ଏବଂ ତେଲ ବିହନ ଉତ୍ପାଦନ ପ୍ରଭାବିତ ହେବ। ଏହି କାରଣରୁ ଉତ୍ପାଦନ ମଧ ହ୍ରାସ ହୋଇପାରେ। କେବଳ ଉତ୍ତର-ପଶ୍ଚିମ ଭାଗରେ ଭଲ ବର୍ଷା ରେକର୍ଡ କରାଯାଇଛି ବୋଲି ପାଣିପାଗ ବିଭାଗ କହିଛି। ଗତ ବର୍ଷ ତୁଳନାରେ ଏହି ଅଞ୍ଚଳରେ ପ୍ରତିଶତ ଅଧିକ ବର୍ଷା ହୋଇଛି। ଏଥିସହିତ ମଧ ଭାରତରେ ୭ପ୍ରତିଶତ କମ୍ ବର୍ଷା, ପୂର୍ବ ଉତ୍ତର ଭାରତରେ ୧୫ ପ୍ରତିଶତ କମ୍ ଏବଂ ଦକ୍ଷିଣ ଭାରତର ହାରାହାରି ତୁଳନାରେ ୧୭ ପ୍ରତିଶତ କମ୍ ରେକର୍ଡ କରାଯାଇଛି। ଏଭଳି ପରିସ୍ଥିତିରେ ପାଣିପାଗ ବିଭାଗର ଅଧିକାରୀମାନେ କହିଛନ୍ତି ଯେ ଅଗଷ୍ଟ ମାସରେ ଗତ ବର୍ଷ ତୁଳନାରେ ସମଗ୍ର ଦେଶରେ ୩୫ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିଲେ ମଧ ଅଗଷ୍ଟ ମାସରେ ଅଭାବ ପୂରଣ ହୋଇପାରିବନାହିଁ।

ଏକମାତ୍ର
ଭୁବନେଶ୍ୱର, ୪ - ୧୦ ସେପ୍ଟେମ୍ବର, ୨୦୨୩
ପରିକ୍ରମା

### ୫ ରୁ ୧୮ ବର୍ଷ ପିଲାଙ୍କୁ ମାଗଣା ସ୍ୱାସ୍ଥ୍ୟସେବା

# ରାସନ କାର୍ଡରେ ନାଁ ନଥିଲେ ବି ବିଏସ୍‌କେୱାଇରେ ମିଳିବ ମାଗଣା ଚିକିତ୍ସା

**ଭୁବନେଶ୍ୱର :** ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ)କୁ ନେଇ ଆଉ ଏକ ବଡ଼ ଘୋଷଣା କରିଛନ୍ତି। ଏଣିକି ରାସନ କାର୍ଡରେ ନାଁ ନଥିଲେ ବି ୫ରୁ ୧୮ ବର୍ଷ ବୟସର ପିଲାଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସେବା ମିଳିପାରିବ। ରାସନ କାର୍ଡରେ ବାପା ଓ ମାଆଙ୍କ ନାମ ରହିଥିଲେ ତାଙ୍କ ଛୋଟ ପିଲାଙ୍କୁ ମାଗଣା ଚିକିତ୍ସା ମିଳିପାରିବ। ଯେଉଁମାନଙ୍କ ନାଁ ଏନଏଫଏସଏ ବା ଏଫଏସଏସ ଡାଟା ବେସରେ ମଧ ନାଁ ନାହିଁ ସେମାନଙ୍କ ଚିକିତ୍ସା ମଧ ସୁରୁଖୁରରେ ହୋଇପାରିବ। ଉପଯୁକ୍ତ ତଥ୍ୟ ପ୍ରଦାନ କରି ନିଜ ପିଲାଙ୍କ ନାମ ସାମିଲ କରିପାରିବେ ଅଭିଭାବକ। ଏନେଇ ବିଏସକେୱାଇ ସହ ଜଡ଼ିତ ହୋଇଥିବା ସବୁ ମେଡିକାଲକୁ ଚିଠି ଲେଖି ଅବଗତ କରାଇଛନ୍ତି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ। ଗତ କିଛି ଦିନ ହେଲା ଏଭଳି ସମସ୍ୟା ଦେଖାଦେଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ଜାଣିବାକୁ ପାଇଥିଲା। ପିଲାଙ୍କ ନାମ ରାସନ କାର୍ଡରେ ପଞ୍ଜିକୃତ ହୋଇନଥିବାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ମିଳିପାରୁନଥିଲା। ଯାହାକୁ ନେଇ ଆଜି ସ୍ୱାସ୍ଥ୍ୟ ବିଭାଗ କହିଛନ୍ତି କି ଯଦି ଖାଦ୍ୟ ସୁରକ୍ଷା ଯୋଜନାରେ ଅଭିବାକଙ୍କ ନାମ ରହିଛି, ତେବେ ତାଙ୍କ ଛୋଟ ପିଲାଙ୍କୁ



ବିଏସ୍‌କେୱାଇ ଯୋଜନାରୁ ବଞ୍ଚିତ କରାଯିବ ନାହିଁ। କୌଣସି କାରଣରୁ ଯଦି ୫ରୁ ୧୮ ବର୍ଷ ମଧ୍ୟରେ ପିଲାଙ୍କ ନାମ ଜାତୀୟ ଖାଦ୍ୟ ସୁରକ୍ଷା (ଏନ୍‌ଏଫ୍‌ଏସ୍‌ଏ) ଅବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ରେ ଅନ୍ତର୍ଭୁକ୍ତ ହୋଇ ନାହିଁ ତେବେ ସେମାନଙ୍କୁ ବିଏସ୍‌କେୱାଇରେ ମାଗଣା ସ୍ୱାସ୍ଥ୍ୟ ସେବା ମିଳିପାରିବ। ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସବୁ ବିଏସ୍‌କେୱାଇ ତାଲିକାଭୁକ୍ତ ଡାକ୍ତରଖାନାକୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଅନେକ ରାସନକାର୍ଡ ଧାରୀ ବ୍ୟକ୍ତିଙ୍କର ନାମ ଖାଦ୍ୟ ସୁରକ୍ଷା ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିଲେ ସୁଦ୍ଧା ସେମାନଙ୍କ ପିଲାମାନଙ୍କ ନାମ ସାମିଲ ହୋଇପାରି ନାହିଁ। ଏନ୍‌ଏଫ୍‌ଏସ୍‌ଏ/ ଏସ୍‌ଏଫ୍‌ଏସ୍‌ଏସ୍ ଡାଟାବେସ୍ରେ ନାମ ଯୋଡ଼ିବା ପାଇଁ ଉର୍ଦ୍ଦିଷ୍ଟ ଅନ୍‌ଲାଇନ୍ ଫର୍ମରେ ଖାଲି ସ୍ଥାନର ଅଭାବ ଯୋଗୁଁ ଅନେକ ହିତାଧିକାରୀଙ୍କ ପିଲାମାନଙ୍କ ନାମ ସାମିଲ କରାଯାଇ ପାରୁନାହିଁ। ଫଳରେ ସେମାନଙ୍କୁ ବିଏସ୍‌କେୱାଇ ତାଲିକାଭୁକ୍ତ ଡାକ୍ତରଖାନା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସମ୍ଭବ ହେଉ ନାହିଁ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀ ଆବଶ୍ୟକ କାଗଜପତ୍ର ଦେଖାଇଲେ ସେମାନଙ୍କର ୫ରୁ ୧୮ ବର୍ଷ ମଧ୍ୟରେ ପିଲାଙ୍କୁ ବିଏସ୍‌କେୱାଇରେ ସ୍ୱାସ୍ଥ୍ୟ ସେବା ମିଳିପାରିବ। ସେହି ପିଲା ସମ୍ପୃକ୍ତ ହିତାଧିକାରୀଙ୍କ ସନ୍ତାନ ବୋଲି ପ୍ରମାଣ ଦେବାକୁ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଅକ୍ଟୋବର ୧୫ରେ ଓସିଏସ୍ ପ୍ରିଲିମ୍ ପରୀକ୍ଷା

**କଟକ :** ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପାଇଁ ପ୍ରିଲିମ ପରୀକ୍ଷା-୨୦୨୨ର ତାରିଖ ଘୋଷଣା କରାଯାଇଛି। ଓସିଏସ୍ ପରୀକ୍ଷା ନେଇ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ଅକ୍ଟୋବର ୧୫ ତାରିଖ (ରବିବାର)ରେ ଓସିଏସ୍ ପ୍ରିଲିମ ପରୀକ୍ଷା ହେବ। ପରୀକ୍ଷା ସମ୍ପର୍କିତ ବିସ୍ତୃତ ବିବରଣୀ ପରେ ଘୋଷଣା କରାଯିବ। ଅଧିକ ସୂଚନା ପାଇଁ ଆୟୋଗର ୱେବସାଇଟ୍‌କୁ ଯିବାକୁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି। ଗତବର୍ଷ ଡିସେମ୍ବର ମାସରେ ୨୨୭ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୬୮୩ ପଦବି ପାଇଁ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅକ୍ଟୋବର ୧୫ରେ ହେବାକୁ ଥିବା ଓସିଏସ୍ ପ୍ରିଲିମ ପରୀକ୍ଷା-୨୦୨୨ ପାଇଁ ହଜାର ହଜାର ପ୍ରାର୍ଥୀ ପରୀକ୍ଷା ଦେବେ। ଯେଉଁମାନେ ପ୍ରିଲିମ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ପରବର୍ତ୍ତୀ ସମୟରେ ମୁଖ୍ୟ ପରୀକ୍ଷାରେ ସେମାନେ ସାମିଲ ହେବେ। ସୂଚନାଯୋଗ୍ୟ, ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୧ର ଫଳ ଗତ ଜୁଲାଇ ୩୧ ତାରିଖରେ ପ୍ରକାଶ ପାଇଥିଲା। ଏହି ପରୀକ୍ଷାରେ ମୋଟ୍ ୧୬୪ ଜଣ ଝିଅଙ୍କ ସହିତ ୪୩୨ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିଲେ।

# ଘରୋଇ ସ୍କୁଲର ୨୦ହଜାର ଆରଟିଇ ସିଟ୍ ଖାଲି

**ଭୁବନେଶ୍ୱର :** ୨୫ ପ୍ରତିଶତ ଗରିବ ଓ ଆର୍ଥିକ ଅନଗ୍ରସର ପିଲାଙ୍କୁ ଘରୋଇ ସ୍କୁଲରେ ମାଗଣା ପାଠପଢ଼ାଇବା ଲାଗି ଶିକ୍ଷାଧିକାର ଆଇନରେ ପ୍ରାବଧାନ ରହିଛି। ଏହାକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ଗଣଶିକ୍ଷା ବିଭାଗ ବିଗତ ବର୍ଷରୁ ଆରଟିଇ ପାରଦର୍ଶୀ ପୋର୍ଟାଲ ନାମରେ ଏକ ଅନ୍‌ଲାଇନ ପୋର୍ଟାଲର ମଧ ବ୍ୟବସ୍ଥା କରିଛି। ପ୍ରଚାରପ୍ରସାର ଅଭାବରୁ ଚଳିତବର୍ଷ ମଧ ନାମଲେଖା ଆଶାନୁରୂପ ହୋଇପାରିନି। ଚଳିତବର୍ଷ ୨୫% ସିଟ୍‌ରେ ସମୁଦାୟ ୨୦ହଜାର ୧୩୧ଜଣ ପିଲା ନାମ ଲେଖାଇଛନ୍ତି। ଶିକ୍ଷାଧିକାର ଆଇନ ଅନୁଯାୟୀ ୩ରୁ ୧୪ ବର୍ଷ ବୟସର ସମସ୍ତ ପିଲାଙ୍କୁ ମାଗଣା ଶିକ୍ଷା ଲାଗି ଆର୍ଟିଇରେ ବ୍ୟବସ୍ଥା ରହିଛି। ତଦନୁଯାୟୀ ଘରୋଇ ସ୍କୁଲରେ ପିଲାଙ୍କ ଲାଗି ୨୫% ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଏହି ସିଟ୍ ଗୁଡିକରେ ତଞ୍ଚକତା କରି ଘରୋଇ ସ୍କୁଲ କର୍ତ୍ତୃପକ୍ଷ ସିଟ୍ ଗୁଡ଼ିକୁ ବିକ୍ରି କରୁଥିଲେ ବୋଲି ଅଭିଯୋଗ ହେଉଥିଲା। ତେଣୁ ୨୦୨୧ ମସିହାରୁ ସରକାର ନିୟମ କଡ଼ାକଡ଼ି କରିବା ସହିତ ପଛୁଆବର୍ଗଙ୍କ ଲାଗି ଥିବା ୨୫% ସଂରକ୍ଷିତ ସିଟ୍‌ରେ ନାମଲେଖା ପାଇଁ ଅନଲାଇନ ପୋର୍ଟାଲର ଆରମ୍ଭ କଲେ। ନିୟମ ଅନୁଯାୟୀ ଏହି ୨୫% ସିଟରୁ ୧୦% ଅନୁସୂଚିତ ଜାତି(ଏସସି) ପିଲାଙ୍କ ଲାଗି, ଅନୁସୂଚିତ ଜନଜାତି (ଏସଟି) ପିଲାଙ୍କ ଲାଗି ୧୦% ଓ ସାଧାରଣ(ଆର୍ଥିକ ଅନଗ୍ରସର) ବର୍ଗର ପିଲାଙ୍କ ଲାଗି ୫% ସଂରକ୍ଷଣ ରହିଥିଲା। ହେଲେ ପ୍ରଚାର ପ୍ରସାର ଅଭାବରୁ ଏବେ ମଧ ଅଭିଭାବକମାନେ ଘରୋଇ ସ୍କୁଲରେ ଉଦ୍ଦିଷ୍ଟ ୨୫% ସିଟରେ ପିଲାଙ୍କ ନାମଲେଖାଇବା ଲାଗି ଇଚ୍ଛା ପ୍ରକାଶ କରୁନାହାଁନ୍ତି।

# ଅସୁସ୍ଥ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଘରେ ପହଞ୍ଚିବ ମଧ୍ୟାହ୍ନ ଭୋଜନ ରାସନ



**ଭୁବନେଶ୍ୱର :** ଏଣିକି ବିଦ୍ୟାଳୟ ଆସିପାରୁନଥିବା ୬ରୁ ୧୪ ବର୍ଷର ଅସୁସ୍ଥ ଓ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଘରେ ମଧ୍ୟାହ୍ନଭୋଜନର ଶୁଖିଲା ରାସନ୍ ଦିଆଯିବ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀ ଅନୁସାରେ ସେମାନଙ୍କ ଘରେ ମଧ୍ୟାହ୍ନଭୋଜନ ଚାଉଳ ଦିଆଯିବା ସହ ରୋଷେଇ ବାବଦ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି। ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କ ପାଠ୍ୟ ପୁସ୍ତକ ମଧ ସେମାନଙ୍କ ଘରେ ପହଞ୍ଚାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ୩୬୯୪ ଛାତ୍ରଛାତ୍ରୀ ଉପକୃତ ହେବେ। ସ୍କୁଲ ଆସିପାରୁନଥିବା ଛାତ୍ରଛାତ୍ରୀଙ୍କ ଶୁଖିଲା ରାସନ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପିଲାଙ୍କ ପାଖରେ ଶୁଖିଲା ରାସନ୍ ଓ ପାଠ୍ୟପୁସ୍ତକ ପହଞ୍ଚାଇବାର ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ସ୍କୁଲ ଆସିପାରୁ ନଥିବା ଛାତ୍ରଛାତ୍ରୀମାନଙ୍କର କୌଣସି ଅସୁବିଧା ହେଲେ ସେମାନେ ନିଜ ଅଞ୍ଚଳରେ ଥିବା ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଏଏନ୍‌ଏମ୍ ବା ଆର୍ବିଏସ୍କେଙ୍କ ସହାୟତା ନେଇପାରିବେ। ଏହି ଛାତ୍ରଛାତ୍ରୀଙ୍କ ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଅଙ୍ଗନବାଡି କେନ୍ଦ୍ରକୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ କାଉନ୍ସେଲିଂ ପାଇଁ ନିଆଯିବ। ଏହାସହ ସ୍କୁଲ ଆସିପାରୁନଥିବା ଏହି ଛାତ୍ରଛାତ୍ରୀଙ୍କ ଘରକୁ ପ୍ରତିମାସରେ ବିଦ୍ୟାଳୟ ଶିକ୍ଷକ, ବ୍ଲକ୍ ସହଯୋଗୀ ଅଧିକାରୀ (ବିଆରପି), ଆଇଇଭିମାନେ ତଦାରଖ କରିବା ପାଇଁ ଯିବେ। ସେମାନେ କିଭଳି ପଢୁଛନ୍ତି, ପଢ଼ାରେ କେତେ ଉନ୍ନତି କରୁଛନ୍ତି ଆଦି ସମ୍ପର୍କରେ ପଚାରି ବୁଝିବେ। ଛାତ୍ରଛାତ୍ରୀଙ୍କ ଉତ୍ତମ ପ୍ରଦର୍ଶନ ପାଇଁ ଅଭିଭାବକଙ୍କର କାଉନ୍‌ସେଲିଂ ମଧ କରାଯିବ।

### ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କ ପାଇଁ ନାମଲେଖା ସୁଯୋଗ

# ସ୍କୁଲକୁ ଫେରିଲେଣି ୯୬୦୦ ଛାତ୍ରଛାତ୍ରୀ

**ଭୁବନେଶ୍ୱର :** ଅଧାରୁ ପାଠପଢ଼ା ଛାଡିଥିବା ତଥା ଦଶମ ଫେଲ୍ ୧୪ରୁ ୧୮ବର୍ଷ ବୟସର ଛାତ୍ରଛାତ୍ରୀଙ୍କୁ ପୁଣି ଥରେ ପାଠପଢ଼ା ପାଇଁ ଗଣଶିକ୍ଷା ବିଭାଗ ବ୍ୟବସ୍ଥା କରିଛି। ରାଜ୍ୟ ମୁକ୍ତ ବିଦ୍ୟାଳୟ(ଏସ୍‌ଆଇଓଏସ୍)ରେ ଜୁଲାଇ ଶେଷ ସପ୍ତାହରୁ ଏହି ମାଗଣା ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୯ ହଜାର ୬ଶହ ଛାତ୍ରଛାତ୍ରୀ ଏହି ପ୍ରକ୍ରିୟା ମାଧ୍ୟମରେ ନାମ ଲେଖାଇ ସାରିଲେଣି। ଆସନ୍ତା ଅଗଷ୍ଟ ୩୧ ତାରିଖରେ ଏସ୍‌ଆଇଓଏସ୍ ମାଗଣା ନାମଲେଖା ପ୍ରକ୍ରିୟା ଶେଷ ହେବ। ଯେଉଁ ଛାତ୍ରଛାତ୍ରୀମାନେ ନାମଲେଖିନାହାନ୍ତି ଆସନ୍ତା ୩୧ ତାରିଖ ମଧ୍ୟରେ ମାଗଣାରେ ନାମ ଲେଖିପାରିବେ ବୋଲି ଗଣଶିକ୍ଷା ବିଭାଗ ଦର୍ଶାଇଛି। ରାଜ୍ୟରେ ଅଧାରୁ ପାଠଛାଡ଼ିଥିବା ୩୯୨୫ ଏବଂ ଅନୁପସ୍ଥିତ ଥିବା ୧୦,୮୯୬ ଜଣ ଛାତ୍ରଛାତ୍ରୀଙ୍କୁ ପୁଣି ଥରେ ଶିକ୍ଷା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ମାଗଣା ନାମଲେଖା ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ ନାମଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ମିଳିବା ସହ କୌଣସି ପାଠ୍ୟକ୍ରମ ସମ୍ପୂର୍ଣ୍ଣ ଦେୟମୁକ୍ତ ରହିବ। ଏହା ସହ ଛାତ୍ରଛାତ୍ରୀମାନେ ବିନା କୌଣସି ଶୁଳ୍କରେ ପରୀକ୍ଷା ମଧ ଦେବେ। ଏସ୍‌ଆଇଓଏସରେ ଯେପରି ଅଧିକରୁ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇପାରିବେ, ସେଥିପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଉଛି। ଜିଲ୍ଲା ଓ ବ୍ଲକ ସ୍ତରରେ ନାମଲେଖା ପାଇଁ କ୍ୟାମ୍ପର ଆୟୋଜନ କରାଯାଇଛି। ଛାତ୍ରଛାତ୍ରୀମାନେ ଏହି କ୍ୟାମ୍ପ ଆସି ସୁବିଧାରେ ନାମ ଲେଖାଇପାରୁଛନ୍ତି। ଏହା ସହ ଛାତ୍ରଛାତ୍ରୀଙ୍କୁ ସଚେତନ କରିବାକୁ ମଧ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କ ଘରକୁ ଘର ଯାଇ କାଉନସେଲିଂ କରୁଛନ୍ତି। ରାଜ୍ୟ ବାହାରେ ଥିବା ପିଲାମାନେ ଯେପରି ନାମ ଲେଖିପାରିବେ, ସେଥିପାଇଁ ଶିକ୍ଷକମାନେ ତାଙ୍କୁ ମୋବାଇଲ୍ ମାଧ୍ୟମରେ ଯୋଗାଯୋଗ କରି ନାମ ଲେଖାଇବାକୁ ବୁଝାଉଛନ୍ତି।

## ୧୩ରେ କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର :** ସେପ୍ଟେମ୍ବର ୧୩ ତାରିଖରେ ଓଡ଼ିଶା ଆସୁଛନ୍ତି କେନ୍ଦ୍ର ନିର୍ବାଚନ ଆୟୋଗ ଏବଂ ଇସିଆଇ ଅଧିକାରୀ। ଆଗୁଆ ନିର୍ବାଚନ ଚର୍ଚ୍ଚା ଭିତରେ ଏଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ଧଳ। ସେ କହିଛନ୍ତି, କେନ୍ଦ୍ର ନିର୍ବାଚନ ଆୟୋଗ ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ନିର୍ବାଚନ ସମ୍ବନ୍ଧୀୟ ଆଲୋଚନା କରିବେ। ନିର୍ବାଚନ ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ଆବଶ୍ୟକ ଅନୁସାରେ ଇଭିଏମ୍ ପହଞ୍ଚି ସାରିଛି। ୯ଟି ଜିଲ୍ଲା ପାଇଁ ଭିଭିପାଟ ବି ପହଞ୍ଚି ସାରିଛି। ଆସନ୍ତା ଅକ୍ଟୋବର ମାସରେ ସମସ୍ତ ଇଭିଏମ୍ ଓ ଭିଭିପାଟ ଯାଞ୍ଚ ହେବ। ଭୋଟର ତାଲିକା ସଂଶୋଧନ ପାଇଁ ମଧ ପ୍ରକ୍ରିୟା ଆରମ୍ଭ କରାଯାଉଛି। ନିର୍ବାଚନ ନେଇ ଏହା ଏକ ପ୍ରକ୍ରିୟା। ଆଗୁଆ ନିର୍ବାଚନ ନେଇ ଏହାର କୌଣସି ସମ୍ପର୍କ ନାହିଁ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ ଭାବେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜାତୀୟ ନିର୍ବାଚନ ଆୟୋଗଙ୍କର ୩ଜଣିଆ ବରିଷ୍ଠ ଅଧିକାରୀ ଚଳିତମାସ ୧୯ତାରିଖରେ ପଶ୍ଚିମବଙ୍ଗ ଗସ୍ତ କରି ସେଠାରେ ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିବା ସହ ଜିଲ୍ଲାପାଳମାନଙ୍କ ସଙ୍ଗେ ଆଲୋଚନା କରିଛନ୍ତି। ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ରାଜ୍ୟକୁ ଗସ୍ତ କରି ପ୍ରସ୍ତୁତି ସମୀକ୍ଷା କରୁଛନ୍ତି।

## ସିସିଟିଭି ସର୍ଭେଲାନ୍ସରେ ରହିବ ଭୁବନେଶ୍ୱର

**ଭୁବନେଶ୍ୱର :** ଏଣିକି ରାଜଧାନୀରେ ଅପରାଧ ଘଟାଇବା ପୂର୍ବରୁ ଶହେ ଥର ଚିନ୍ତା କରିବେ ଅପରାଧୀ। କମିଶନରେଟ ପୁଲିସ ପକ୍ଷରୁ ରାଜଧାନୀରେ ଆରମ୍ଭ ହେବ 'ସହଭାଗିତା'। ସିସିଟିଭି ସର୍ଭେଲାନ୍ସରେ ରହିବ ଭୁବନେଶ୍ୱର। ଅପରାଧୀଙ୍କୁ ଧରିବା ଓ କ୍ରାଇମ୍ କଣ୍ଟ୍ରୋଲ କରିବା ପାଇଁ କମିଶନରେଟ ପୋଲିସର ନୂଆ ରଣନୀତି। ରାଜଧାନୀରେ ଥିବା ବିଭିନ୍ନ ସୁନା ଦୋକାନ, ସପିଂ ମଲ୍, ବଡ଼ ଦୋକାନମାନେ ଯୋଡ଼ି ହେବେ। କମିଶନରେଟ ପୋଲିସ ସହ ଦୋକାନ, ମଲଗୁଡିକରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ସେୟାର ହେବ। ଅପରାଧ ନିୟନ୍ତ୍ରଣ ଓ ଚିହ୍ନଟ କରିବାରେ ଏହି ସିସିଟିଭି ଫୁଟେଜ ହେବ ସହାୟକ। ଦୋକାନୀଙ୍କୁ ଅନୁରୋଧ କରାଯାଇଛି ଯେ ଲାଗିଥିବା ସିସିଟିଭି ମଧ୍ୟରୁ ଅତ୍ୟନ୍ତ ଗୋଟିଏ କ୍ୟାମେରା ରାସ୍ତା ଆଡ଼କୁ ରଖନ୍ତୁ। କ୍ୟାମେରା ରାସ୍ତା ଆଡ଼କୁ ରହିଲେ ଲୋକଙ୍କ ଗତିବିଧି ଉପରେ ନଜର ରଖିବାକୁ ସୁବିଧା ହେବ। ସିସିଟିଭିର ଆଇପି ଆଡ୍ରେସ ପୋଲିସ ସହ ସେୟାର କରିବାକୁ କୁହାଯାଇଛି। ସିସିଟିଭିର ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରଖାଯିବ।

# ଚଳିତ ବର୍ଷ ଶେଷ ସୁଦ୍ଧା ୩୫ହଜାର ଶିକ୍ଷକ ନିଯୁକ୍ତି

**ଭୁବନେଶ୍ୱର :** ଶିକ୍ଷା ଦ୍ୱାରା ହିଁ ରାଷ୍ଟ୍ରର ସାମଗ୍ରିକ ବିକାଶ ସମ୍ଭବ। ତେଣୁ ଗୁଣାତ୍ମକ ଶିକ୍ଷାକୁ ସର୍ବଦା ପ୍ରାଥମିକତା ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷା ରୂପାନ୍ତରଣରେ ଆଉ ଏକ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛନ୍ତି। ବିଦ୍ୟାଳୟ ଗୁଡ଼ିକରେ ଖାଲିଥିବା ସମସ୍ତ ଶିକ୍ଷକ ପଦ ପୂରଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଚଳିତ ବର୍ଷ ଶେଷ ସୁଦ୍ଧା ଗଣଶିକ୍ଷା ବିଭାଗ ଅଧୀନରେ ୩୫ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ପାଇବେ। ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ ଶିକ୍ଷକ ନିଯୁକ୍ତି ପାଇବାକୁ ଥିବାବେଳେ ଗଣଶିକ୍ଷା ବିଭାଗ ରୋଡମ୍ୟାପ୍ ପ୍ରସ୍ତୁତ କରିଛି। ୭୫୪୦ ମାଧ୍ୟମିକ ଶିକ୍ଷକଙ୍କ ନିଯୁକ୍ତି ପାଇଁ ମେନ୍(ମୁଖ୍ୟ) ପରୀକ୍ଷା ସାରି ଅକ୍ଟୋବର ଶେଷ ସୁଦ୍ଧା ନୂଆ ଶିକ୍ଷକମାନଙ୍କୁ ନିଯୁକ୍ତି ଦେବା ପାଇଁ ବିଭାଗ ଲକ୍ଷ୍ୟ ରଖିଥିବାବେଳେ ଏହାପରେ ଏଲ୍‌ଟିଆର୍‌ପିର ୬,୫୦୦ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିବ। ସେହିପରି ୨୦ହଜାର ପ୍ରାଥମିକ ଶିକ୍ଷକଙ୍କ ସମେତ ୨୦୬୪ ମାଧ୍ୟମିକ ଶିକ୍ଷକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ମଧ ପାଖାପାଖି ୨ହଜାର ଶିକ୍ଷକ ନିଯୁକ୍ତି ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଅକ୍ଟୋବର ସୁଦ୍ଧା ସାଢ଼େ ସାତ ହଜାର ମାଧ୍ୟମିକ ସ୍କୁଲ ଶିକ୍ଷକ ନିଯୁକ୍ତି କାର୍ଯ୍ୟ ଶେଷ ହେବ। ଏହି ଏହି ପର୍ଯ୍ୟାୟ ନିଯୁକ୍ତି ଶେଷ ହେବା ପରେ ଓଏସଏସସି ୬୫୦୦ ଏଲଟିଆରପି (ଲିଭ୍ ଏଣ୍ଡ ଟ୍ରେନିଂ ରିଜର୍ଭ ପୋଷ୍ଟ) ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏ ସମ୍ପର୍କରେ ସବିଶେଷ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ସମସ୍ୟା ଦୂର



କରିବାକୁ ୬୦୨୫ଟି ଏଲଟିଆର୍ (ଛୁଟି ଓ ପ୍ରଶିକ୍ଷଣ ପାଇଁ ସଂରକ୍ଷିତ) ଶିକ୍ଷକ ପଦ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ମଧ ଆରମ୍ଭ ହୋଇଛି। ଏହାବ୍ୟତୀତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଭାବ ପୂରଣ ପାଇଁ ୨୦ହଜାର କନିଷ୍ଠ ଶିକ୍ଷକ ଯୋଜନା ଭିତ୍ତିରେ ନିଯୁକ୍ତି ପାଇବେ। ଓସେପା ପକ୍ଷରୁ ଏନେଇ ବିଜ୍ଞପ୍ତି ଖୁବଶୀଘ୍ର ପ୍ରକାଶ ଯାଉଛି। କେନ୍ଦ୍ରୀୟ ଶିକ୍ଷକ ଚୟନ ସଂସ୍ଥା 'ଏଡିସିଲ୍' ନିଯୁକ୍ତି ପାଇଁ ଆଶାୟୀଙ୍କ ଦକ୍ଷତା ପରୀକ୍ଷା କରିବ। ସମ୍ପୂର୍ଣ୍ଣ ସ୍ୱଚ୍ଛ ପଦ୍ଧତିରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଥିବାବେଳେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଏସଏସସି(ସେବା ଚୟନ ବୋର୍ଡ଼) ମଧ ଗୁରୁ ଦାୟିତ୍ୱ ବହନ କରିବ। ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ୀକରଣ ପରେ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ନବକଳେବର ଓ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବା ପାଇଁ ଗଣଶିକ୍ଷା ବିଭାଗ ଗୁରୁତ୍ୱ ଦେଇଛି। ଏହିକ୍ରମରେ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ୨୦୬୪ଜଣ ମାଧ୍ୟମିକ ଶିକ୍ଷକ ନିଯୁକ୍ତି ପାଇବେ। ଏଥିଲାଗି ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏସଏସବି ଦ୍ୱାରା ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ସେହିଭଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ପୃଥକୀକରଣ ସହ ନୂତନ ପଦ ସୃଷ୍ଟି ଓ ନିଯୁକ୍ତି ଉପରେ ମଧ ନିର୍ଦ୍ଦେଶାଳୟ ଗୁରୁତ୍ୱ ଦେଉଛି।

## ସରକାରୀ ମେଡିକାଲ କଲେଜ ହାଉସ୍ ସର୍ଜନଙ୍କ ଷ୍ଟାଇପେଣ୍ଡ ୫୦% ବୃଦ୍ଧି



**ଭୁବନେଶ୍ୱର :** ରାଜ୍ୟରେ କାର୍ଯ୍ୟରତ ପ୍ରାୟ ୧୭୦୦ ହାଉସ୍ ସର୍ଜନମାନଙ୍କୁ ବଡ଼ ଉପହାର ଦେଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ମେଡିକାଲ କଲେଜରେ କାର୍ଯ୍ୟରତ ହାଉସ୍ ସର୍ଜନମାନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରାଯାଇଛି। ଡାଇନାମିକ୍ ଷ୍ଟାଇପେଣ୍ଡ ଅନୁସାରେ କାର୍ଯ୍ୟରତ ଓଏମ୍‌ଏଚ୍‌ଏସ୍ କ୍ୟାଡର୍ ଅଧୀନ ଆସିଷ୍ଟାଣ୍ଟ ସର୍ଜନମାନେ ପାଉଥିବା ଦରମାର ୫୦% ଅର୍ଥ ଷ୍ଟାଇପେଣ୍ଡ ଭାବେ ହାଉସ୍ ସର୍ଜନମାନଙ୍କୁ ପ୍ରଦାନ କରାଯିବ। ଏହା ଦ୍ୱାରା ସରକାରୀ ମେଡିକାଲ କଲେଜରେ କାର୍ଯ୍ୟରତ ୧୧୫୦ ଡାକ୍ତରୀ ଛାତ୍ରଛାତ୍ରୀ ଏବଂ ଫରେନ୍ ୟୁନିଭର୍ସିଟିରୁ ଆସି କାର୍ଯ୍ୟରତ ୫୦୦ ହାଉସ୍ ସର୍ଜନ ଏହା ଦ୍ୱାରା ଉପକୃତ ହେବେ। ସମ୍ପ୍ରତି ଆସିଷ୍ଟାଣ୍ଟ ସର୍ଜନମାନଙ୍କୁ ପ୍ରାୟ ୭୦ରୁ ୮୦ ହଜାର ଟଙ୍କା ବେତନ ମିଳୁଥିବା ବେଳେ ସେହି ଅନୁସାରେ ହାଉସ୍ ସର୍ଜନମାନଙ୍କୁ ପ୍ରାୟ ୪୦ ହଜାର ଟଙ୍କା ମିଳିବ। ସୂଚନାଯୋଗ୍ୟ ଯେ ପୂର୍ବରୁ ହାଉସ୍ ସର୍ଜନମାନଙ୍କୁ ପ୍ରାୟ ୫ ହଜାର ଟଙ୍କା ଷ୍ଟାଇପେଣ୍ଡ ମିଳୁଥିଲା। ପ୍ରତି ତିନି ବର୍ଷରେ ଥରେ ସରକାର ବିଚାର କରି ଷ୍ଟାଇପେଣ୍ଡ ବୃଦ୍ଧି କରିଥାନ୍ତି। ତେବେ ଅନେକ ସମୟରେ ଷ୍ଟାଇପେଣ୍ଡ ବୃଦ୍ଧି ପାଇଁ ହାଉସ୍ ସର୍ଜନମାନେ ଦାବି କରି ଆସୁଥିଲେ। ସମ୍ପ୍ରତି ସେମାନଙ୍କୁ ପ୍ରାୟ ୨୮ ହଜାର ଟଙ୍କା ଷ୍ଟାଇପେଣ୍ଡ ମିଳୁଛି। ଏହି ନିଷ୍ପତ୍ତି ପରେ ସେମାନଙ୍କର ଷ୍ଟାଇପେଣ୍ଡ ବୃଦ୍ଧି ପାଇଛି।

# ମିଲେଟ୍ ପ୍ୟାକେଜିଂ ପାଇଁ ଆଇଆଇପି ସହିତ ରାଜିନାମା

**ଭୁବନେଶ୍ୱର :** ମିଲେଟ୍ ଶକ୍ତି ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ପ୍ୟାକେଜିଂର ମାନକୀକରଣ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି ବିଭାଗ ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ୟାକେଜିଂ ମଧ୍ୟରେ ଏକ ତ୍ରିପାକ୍ଷିକ ରାଜିନାମା କୃଷି ଭବନଠାରେ ସ୍ୱାକ୍ଷରିତ ହୋଇଛି। ଏହି ଭଗୀଦାରିତାର ଅବଧି ତିନି ବର୍ଷ ପାଇଁ ଅର୍ଥାତ୍ ୨୦୨୩ ଅପ୍ରେଲ ପହିଲାଠାରୁ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରହିଛି। ମେମୋରାଣ୍ଡମ୍ ଅଫ୍ ଆଗ୍ରିମେଣ୍ଟରେ ଓଡ଼ିଶା ସରକାରଙ୍କ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ବିନୋଦ କୁମାର ଜେନା ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂର ଯୁଗ୍ମ ନିର୍ଦ୍ଦେଶକ ଡ. ବାବୁରାଓ ଗୁଡୁରି ସ୍ୱାକ୍ଷର କରିଛନ୍ତି। ଏହି ରାଜିନାମା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ



ଅରବିନ୍ଦ କୁମାର ପାଢ଼ୀ, ଆଇଆଇପିର ସହକାରୀ ନିର୍ଦ୍ଦେଶକ ଶେଖର ଆମ୍ବେରକର ଏବଂ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ମିଶନ ଶକ୍ତି ଅଧିନରେ ପ୍ରୋତ୍ସାହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦ ଗୋଷ୍ଠୀ ଏବଂ ଉତ୍ପାଦକ କମ୍ପାନୀ ଦ୍ୱାରା ପ୍ରସ୍ତୁତ କୃଷିଜାତ ଦ୍ରବ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ଦ୍ରବ୍ୟ ଏବଂ ଅଣକୃଷି ଦ୍ରବ୍ୟର ଉପଯୁକ୍ତ ପ୍ୟାକେଜିଂର ବିକାଶ କରିବା ଏହି ଭାଗୀଦାରିତାର ମୂଳ ଉଦ୍ଦେଶ୍ୟ। ଏଥି ସହିତ ସ୍ଥାନୀୟ ଓ ଉଚ୍ଚ ମୂଲ୍ୟ ଏବଂ ରପ୍ତାନୀ ବଜାରକୁ ଲକ୍ଷ୍ୟ ରଖି ଆଇଆଇପି ପକ୍ଷରୁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ ମିଶନ ଶକ୍ତି ବିଭାଗର ଅଧିକାରୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ପ୍ୟାକେଜିଂ ପ୍ରଯୁକ୍ତିବିଦ୍ୟା ଉପରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ କହିଲେ ଯେ ମିଲେଟ୍ର ପ୍ରସାର ଦିଗରେ ଓଡ଼ିଶା ମିଲେଟ୍ ମିଶନ ଏବଂ ମିଶନ ଶକ୍ତି ବିଭାଗ ଘନିଷ୍ଠ ସହଯୋଗୀ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ମିଲେଟ୍ ଶକ୍ତି ଏହି ଦୁଇ ବିଭାଗର ଏକ ଯୌଥ ଉଦ୍ୟୋଗ। ରାଜ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ପ୍ରକାରର ଦ୍ରବ୍ୟ ପ୍ରସ୍ତୁତ କରୁଛନ୍ତି । ମାତ୍ର ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ଉପଯୁକ୍ତ ପ୍ୟାକେଜିଂର ସମସ୍ୟା ରହିଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂ ସହ ସହଭାଗିତା ଦ୍ୱାରା ପ୍ୟାକେଜିଂରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିବ ଏବଂ ଦ୍ରବ୍ୟଗୁଡ଼ିକ ମୂଲ୍ୟଯୁକ୍ତ ହୋଇପାରିବ ବୋଲି ଡ. ପାଢ଼ୀ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ପାଢ଼ୀ ଆଇଆଇପିର ଅଧିକାରୀମାନଙ୍କୁ ଆସନ୍ତା ନଭେମ୍ବର ୯ ଓ ୧୦ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ହେଉଥିବା ଆନ୍ତର୍ଜାତିକ ମିଲେଟ୍ ସମ୍ମିଳନୀରେ ଯୋଗଦେବା ନିମନ୍ତେ ଆମନ୍ତ୍ରଣ ଜଣାଇଥିଲେ ଏବଂ ପ୍ୟାକେଜିଂ ସଂପର୍କରେ ଲୋକମାନଙ୍କ ଜାଣିବା ନିମନ୍ତେ ଗୋଟିଏ ଷ୍ଟଲ ଖୋଲିବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କହିଲେ ଯେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ମିଲେଟ୍ସ ସାମଗ୍ରୀ ପ୍ରସ୍ତୁତ କରାଯାଉଥିବା ପରିପ୍ରେକ୍ଷୀରେ ମିଶନ ଶକ୍ତି ଆମର ପ୍ରାକୃତିକ ସହଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂ ଏହି ସବୁ ଦ୍ରବ୍ୟର ପ୍ୟାକେଜିଂର ଗୁଣାତ୍ମକ ଅଭିବୃଦ୍ଧି ଆଣିପାରିବ ବୋଲି ଚୌଧାରୀ ଆଶା ପ୍ରକାଶ କରିଥିଲେ। ଏଥି ସହିତ ସ୍ଥାନୀୟ କଞ୍ଚାମାଲକୁ ବ୍ୟବହାର କରି କିପରି ନୂତନ ଏବଂ ଉନ୍ନତ ଧରଣର ପ୍ୟାକେଜିଂର ସମ୍ଭାବନା ସୃଷ୍ଟି କରାଯାଇପାରିବ ସେଥି ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ୍ର ଅଧିକାରୀମାନେ ପଦକ୍ଷେପ ନେବା ପାଇଁ ଶ୍ରୀ ଚୌଧାରୀ କହିଥିଲେ।

ଭୁବନେଶ୍ୱର, ୪ - ୧୦ ସେପ୍ଟେମ୍ବର, ୨୦୨୩



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ରାଜନୀତିରେ ଲାଗିପାରେ ଝଟ୍କା

ସମ୍ବାଦକୀୟ
ତାରକ ମହାନ୍ତି



ସମୟ ଏଭଳି ବଦଳିଯାଏ ଯାହା ପୂର୍ବରୁ କେହି କଳ୍ପନା କରିନଥାନ୍ତି। ତାହା ପାଣିପାଗ ହେଉ ଅଥବା ରାଜନୀତି କ୍ଷେତ୍ର ବି ହୋଇପାରେ। ଅନେକ ନେତା ବିଜ୍ଞ ହୋଇ ମଧ୍ୟ ଖରାପ ସମୟ ପ୍ରଭାବରେ ନିଷ୍ପ୍ରଭ ପ୍ରାୟ ଦିନ ଗଣୁଥିଲା ବେଳେ ଆଉ କେହି ନିଜ ରାଜନୀତି କ୍ୟାରିଅରକୁ ନେଇ ଚିନ୍ତିତ ଥିବା ଦେଖିବାକୁ ମିଳୁଛି। ଯେପରିକି ସ୍ୱର୍ଦ୍ଧିତ ଓଡ଼ିଆ ନେତା ଶ୍ରୀକାନ୍ତ ଜେନା, ବିଜୟ ମହାପାତ୍ର ଏବଂ ପଞ୍ଚାନନ କାନୁନଗୋଙ୍କ କଥା ଦେଖନ୍ତୁ। ଦିନେ ଓଡିଶା ରାଜନୀତିର ଶକ୍ତିକେନ୍ଦ୍ର ଥିବା ଏହି ନେତା କ୍ଷମତା ଠାରୁ ଦୂରରେ ରହି ରାଜ୍ୟ ରାଜନୀତିକୁ ଦୂରରୁ ଅନୁଭବ କରୁଛନ୍ତି ହେଲେ ସେମାନଙ୍କ ଅସଲ କ୍ଷମତା ପ୍ରୟୋଗ କରିବାରୁ ବଞ୍ଚିତ ରହୁଛନ୍ତି। ଏହି ନେତାମାନେ ମଧ୍ୟ ଦିନେ ଅପ୍ରତିଦ୍ୱନ୍ଦୀ ଥିଲେ। ସେମାନେ ରାଜ୍ୟର ଭୌଗଳିକ ନକ୍ସା, ଜନତାଙ୍କ ମାନସିକତାକୁ ଉତ୍ତମ ଭାବେ ଉପଲବ୍ଧି କରିପାରିଥିଲେ। ପଦବିରେ ରହି କ୍ଷମତାର ସଠିକ ବିନିଯୋଗ କରିପାରୁଥିଲେ। ହେଲେ ସମୟ ଏମାନଙ୍କୁ ଏଭଳି ସ୍ଥିତିରେ ପହଞ୍ଚାଇଦେଇଛି ଯେ, ଯେଉଁ ଜନତା ଏମାନଙ୍କ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷାରେ ରହୁଥିଲେ ଆଜି ସେମାନଙ୍କ ପାଇଁ ଏଭଳି ନେତା ମାନେ ଆଜି ଅଲୋଡ଼ା ହୋଇପଡିଛନ୍ତି। ତେବେ ବର୍ତ୍ତମାନ ରାଜ୍ୟ ରାଜନୀତିରେ ନୂଆ ସମୀକରଣ ଆରମ୍ଭ ହୋଇଯାଇଛି। ତାହା ହେଉଛି ଶାସକ ବିଜେଡି ଦଳର ତୁଙ୍ଗ ନେତାଙ୍କ ବଦଳରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ। ଇତିମଧ୍ୟରେ ଶ୍ରୀ ପାଣ୍ଡିଆନ ସଫଳତାର ସହ ୩୦ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ସାରିଛନ୍ତି। ବ୍ୟବସ୍ଥା ବାହାରେ ଏସବୁ ହୋଇଥିଲେ ବି ପ୍ରମୁଖ ବିରୋଧୀ ଦଳ କେବଳ ଗଣମାଧ୍ୟମ ଆଗରେ ଯାହା ବିବୃତି ଦେଇ ନିଜ କାର୍ଯ୍ୟ ସାରିଥିବା ଅନୁଭବ କରୁଛନ୍ତି। ସେହିଭଳି ମୁଖ୍ୟ ସଚିବଙ୍କ ଠାରୁ ଆରମ୍ଭ କରି ଅନ୍ୟ ସଚିବ ମାନେ କେହି ଆଗକୁ ଆସି ଏହାର ପ୍ରତିବାଦ କରିନାହାନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିକାଶ କାର୍ଯ୍ୟ ନାଁରେ ଏତେ ସବୁ କାର୍ଯ୍ୟକ୍ରମ କରାଯାଇଛି ବୋଲି କୁହାଯାଉଛି। ବାସ୍ତବରେ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କମ କେହି ବୋଧେ ଜାଣନ୍ତି ନାହିଁ। ଯାହା ଚର୍ଚ୍ଚା ହେଉଛି ରାଜ୍ୟରେ ଆଗାମୀ ବିଧାନସଭା ନିର୍ବାଚନ ଖୁବ ଶୀଘ୍ର ହୋଇପାରେ। ତେଣୁ ବିରୋଧୀ ଦଳ ମୈଦାନକୁ ଓହ୍ଲାଇବା ପୂର୍ବରୁ ଶାସକ ବିଜୁ ଜନତା ଦଳ ଜଣକୁ ନେଇ ନିଜର ପ୍ରଚାର କାର୍ଯ୍ୟ ବହୁ ଆଗକୁ ନେଇସାରିଛି। ଯେଉଁଥିରେ ଯୁବ, ଛାତ୍ର, ମହିଳା ଓ ଅନ୍ୟ ଭୋଟର ଯୋଡି ହୋଇ ସାରିଛନ୍ତି। ମଠ ମନ୍ଦିର ଠାରୁ ଆରମ୍ଭ କରି ପର୍ଯ୍ୟଟନ ବିକାଶ ପାଇଁ ତ୍ୱରିତ ଅର୍ଥ ମଞ୍ଜୁରୀ ସହ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଏଥିରୁ କଣ ବୁଝାପଡୁଛି ?

ସରକାରୀ କାର୍ଯ୍ୟକ୍ରମ ଜରିଆରେ ବିଜେଡି ଏହାର କାର୍ଯ୍ୟକ୍ରମ ଜାରି ରଖିଛି। ଏଥିରେ ନା ଦଳ ଭିତରୁ ବା ଦଳ ବାହାରୁ କାହାର ବିରୋଧ କରିବାର ସାମର୍ଥ୍ୟ ନାହିଁ। ଏକ ମାଧିଆ ବାଇଶି ପଳ ଭଳି ଆଉ ନେତା ମନ୍ତ୍ରୀଙ୍କ ଆବଶ୍ୟକତା ରହୁନି। ଅଭିଯୋଗ ଶୁଣାଣି ବାହାନାରେ ଶାସକ ଦଳ ଅଭିନବ ଢଙ୍ଗରେ ଲୋକଙ୍କ ଅତି ନିକଟତର ହୋଇପାରିଛି। ଓଡ଼ିଶାରେ ନବୀନଙ୍କ ବିକଳ୍ପ ନେତା କୌଣସି ଦଳରେ ଥିଲା ଭଳି ମନେହେଉନି। କିନ୍ତୁ ୨୦୧୯ ନିର୍ବାଚନ ବେଳେ ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାଁ ଶୁଣାଯାଉଥିଲା। ଆଜି ସେଭଳି ଆଲୋଚନା ମଧ୍ୟ ନାହିଁ। କଂଗ୍ରେସ କଥା ନକହିବା ଭଲ। ଓଡ଼ିଶାରେ କଂଗ୍ରେସର ସ୍ଥିତି ଆଦୌ ଭଲ ନାହିଁ। ତଳ ସ୍ତରରେ କର୍ମୀଙ୍କ ମଧ୍ୟରେ ସେଭଳି କିଛି ଆଗ୍ରହ ପରିଲକ୍ଷିତ ହେଉନି। କଂଗ୍ରେସ ଭୋଟ ବିଜେଡି ଭୋଟ ଖାତାକୁ ପ୍ରାୟ ଚାଲିଯାଇଛି। ବ୍ଲକ ସ୍ତରରେ କଂଗ୍ରେସ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ କରୁଥିବା ନଜର ଆସୁନାହିଁ। ବିଜେପି ଯଦିଓ ଆଲୋଚନାରେ ରହିଛି, ତଥାପି ରାଜ୍ୟରେ ବିଜେଡି ବିରୋଧରେ ଦଳ ସେଭଳି କିଛି ଦୃଢ଼ ବିରୋଧ କରୁନାହିଁ। ଶାସକ ଦଳର ଖଣ୍ଡପଡା ବିଧାୟକ ତଥା ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ସଚିବଙ୍କ ଗସ୍ତକୁ ନେଇ ଯେଭଳି ଆଲେଖ୍ୟ ଲେଖିଛନ୍ତି ତାହାକୁ ଦଳର ଅନ୍ୟ ନେତା ଭିତରେ ଗ୍ରହଣ କରୁଥିଲା ବେଳେ ବାହାରେ ନିଜର ଅସନ୍ତୋଷ ବଖାଣି ପାରୁନାହାନ୍ତି। ବିଜେଡିରେ ଅଭ୍ୟନ୍ତରୀଣ କନ୍ଦଳ ସତ୍ତ୍ୱେ ଦଳର ନେତା ସିଧାସଳଖ ସୁପ୍ରିମୋଙ୍କୁ ନିଜର ଅସନ୍ତୋଷ କହିପାରୁନାହାନ୍ତି। କାରଣ ନିଜେ କରିଥିବା ଦୁର୍ନୀତି ଧରାପଡ଼ିଯିବାର ଭୟ ସହିତ ବିରୋଧ କଲେ ଟିକଟ କାଟିବାର ଭୟ ମଧ୍ୟ ରହିଛି। ସୌମ୍ୟ ବାବୁ ଯାହା ଲେଖୁଛନ୍ତି ବା କହୁଛନ୍ତି ଏଥିରେ ସତ୍ୟତା ରହିଛି ଜାଣିଶୁଦ୍ଧା କୌଣସି ବିଜେଡି ନେତା ସାମ୍ନାକୁ ଆସି ଏହାର ପ୍ରତିବାଦ କରୁନାହାନ୍ତି। ଯାହା ଜଣାପଡୁଛି ଆଗଭଳି ଆଉ ମୁଖ୍ୟମନ୍ତ୍ରୀ ବୋଧେ ଶାରୀରିକ ଭାବେ ସୁସ୍ଥତା ଅନୁଭବ କରୁନାହାନ୍ତି। ଯେଉଁଥିପାଇଁ ସେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ଅଧିକ ବିଶ୍ୱାସକୁ ନେଇ ଶାସନ କଳକୁ ଚଳଚଞ୍ଚଳ ରଖିବାକୁ ଚାହୁଁଛନ୍ତି। ଯେଉଁଥିପାଇଁ ସଚିବ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଳନ କରି ସାରା ରାଜ୍ୟର ଭଲ ମନ୍ଦ ବୁଝୁଛନ୍ତି। କିନ୍ତୁ ପ୍ରସଙ୍ଗ ହେଉଛି, ଜଣେ ସଚିବ କେବଳ ରାଜ୍ୟ ବିକାଶର ମଙ୍ଗ ଧରିବେ ଯଦି ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧି କରିବେ କଣ ? ଅନେକ ସଚିବ ଥିବା ସତ୍ତ୍ୱେ ସବୁ ବିଭାଗର ଦାୟିତ୍ୱ ଜଣଙ୍କ ଉପରେ ନ୍ୟସ୍ତ କରି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ କେଉଁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବିଜେଡି ଜାଣେ ଯେ ଓଡ଼ିଶାରେ ଶଙ୍ଖ ଚିହ୍ନ ନିଜର ଭୋଟ ଅଧିକ ବଢ଼ାଉଛି ଏବଂ ବିରୋଧୀ ଏହାର ସମକକ୍ଷ ନୁହନ୍ତି। ରାଜ୍ୟରେ ନବୀନ ହିଁ ଅଧିକ ଭୋଟର ଅଧିକାରୀ ବୋଲି ବିଜେଡି ଜଣାଇଦେବାକୁ ଚାହେଁ। ଯେହେତୁ ବିଜେଡି ଚାହେଁ ଆଗୁଆ ଭୋଟ ସେହି ଦୃଷ୍ଟିକୋଣରୁ ଦେଖିଲେ ସଚିବଙ୍କ ଜିଲ୍ଲା ଗସ୍ତ ଏହି ଆଭିମୁଖ୍ୟକୁ ଯଥେଷ୍ଟ ବଳ ଦେଇଛି। ଅତ୍ୟନ୍ତ ବ୍ୟୟବହୁଳ ଗସ୍ତରେ ସାଧାରଣ ଭୋଟରଙ୍କ ସହ ଯୋଡି ହୋଇ ବିକାଶର ଧାରା ଆଗକୁ ନେବାର ପ୍ରତିଶ୍ରୁତି ଦେଇଛନ୍ତି ସଚିବ। ଯାହାକି ବିଜେଡି ପାଇଁ ବ୍ରହ୍ମାସ୍ତ୍ର ସାବ୍ୟସ୍ତ ହୋଇପାରେ। ମାଳ ମାଳ ଯୋଜନାର ସଫଳ ରୂପାୟନ ନାମକ ଅସ୍ତ୍ର ବିଜେଡିକୁ ସୁଦୃଢ କରି ଚାଲିଥିଲାବେଳେ ବିରୋଧୀ ଏହାକୁ ପ୍ରତିହତ କରିବାର କୌଣସି ଯୋଜନା କରୁଥିବା ନେଇ କିଛି ଆଭାସ ମିଳୁନାହିଁ। ତେବେ ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡିଶା ଗସ୍ତ ସମୟରେ ଭିକେ ପାଣ୍ଡିଆନଙ୍କ ସହ ଯେଉଁ ନିଭୃତ ଆଲୋଚନା କଲେ ତାହା ବିଜେପିର ଅସଲ ରୂପ ପଦାରେ ପକାଇଦେଲା ଭଳି ମନେ ହେଉଛି। ହୁଏତ ଏଥିରେ ବିଜେପିର ବିଜେଡି ସହ ନିର୍ବାଚନୀ ପ୍ରତିଦ୍ୱନ୍ଦିତାକୁ ନେଇ ମଧ୍ୟ ସନ୍ଦେହ ଦେଖାଦେଇଛି, ଯାହା ତଳ ସ୍ତରରେ ବିଜେପି କର୍ମୀଙ୍କୁ ନିରାଶ କରିପାରେ। ତେବେ ବିଜେଡିର ଚାଲ ଫସର ଫାଟିଗଲା ଭଳି ମନେ ହେଉଛି। କାରଣ ଆଗୁଆ ନିର୍ବାଚନ ପାଇଁ ବିଜେଡି ଯେଭଳି ଯୋଜନା କରିଥିଲା ତାହା ଉପରେ ମୋଦିଙ୍କ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପାଣି ଫିଙ୍ଗି ଦେବ। କାରଣ ୨୦୧୯ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିବା ସର୍ବଦଳୀୟ ବୈଠକରେ ଗୋଟିଏ ଦେଶ, ଗୋଟିଏ ନିର୍ବାଚନକୁ ବିଜେଡି ସମର୍ଥନ ଦେଇଥିଲା। ତେଣୁ ରାଜ୍ୟରେ ଆଗୁଆ ନିର୍ବାଚନ ନେଇ ବିଜେଡି ଯେଉଁ ଯୋଜନା କରିଥିଲା ସେଥିରେ ମୋଦି ଝଟକା ଲାଗିବନି ତ ?

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କିଏ ସାତ, କିଏ ସତର କିଏ ନିଦା କିଏ ପଥର



ଡ଼. କିଶୋର ମହାନ୍ତି

ଆଜିର ତଥାକଥିତ ସମାଜରେ ଭଦ୍ର ଖୋଳପା ମଡ଼େଇଥିବା ବହୁରୂପୀ ମଣିଷ ତଥା ମୁଖା ପିନ୍ଧା ମଣିଷ ବେଶି ବାରି ହୋଇପଡୁଛନ୍ତି। ସେମାନଙ୍କର ଚିତ୍ର ଓ ଚରିତ୍ର ସଠିକ୍ ଚିତ୍ର ପ୍ରଦାନ କରିବା ବଡ଼ କଷ୍ଟ । ଏମାନେ ସମାଜର ଏବେ କୁଆଡ଼େ ବଡ଼ପଣ୍ଡା । ଏମାନଙ୍କ ନିର୍ଦ୍ଦେଶରେ ସବୁ ଯେମିତି ଆତଯାତ ହେଉଛି। ଏମାନେ ହର୍ତା କର୍ତା ଆଉ ଦଇବ ବିଧାତା । ଏ ସଂସାର ଗୋଟାକ ଯାକ ଏମାନଙ୍କ ଇଙ୍ଗିତରେ ଚାଲେ । ସାଧାରଣ ଲୋକଟିଏ ଏମାନଙ୍କ ପାଖରେ ନତମସ୍ତକ ହେବାକୁ ବାଧ। ଏମାନେ ବାହୁବଳ, ଅର୍ଥବଳରେ ଅସାଧ କାର୍ଯ୍ୟ ସାଧନ ସହଜରେ କରିପାରନ୍ତି । ଏମାନେ ଲୋକେ କହିଲା ଭଳି -

"ଲବଣ ନଥାଇ ଦହି
ଓଖର ନଥାଇ ଖଇ
କଉଡ଼ି ନଥାଇ ଛଇ
ପାଣି ନଥାଇ ନଈ
ଏ କେଉଁ କାମକୁ ପାଇ

ହେଲେ ଏକଥାଟି ସତ୍ୟ ଯେ କଉଡ଼ି ଏମାନେ କେମିତି ହେଲେ ଫନ୍ଦି ଫିକର କରି ଗୋଟାଇ ଥାଆନ୍ତି। ଏମାନେ ପରା ବ୍ୟସ୍ତ ବିବ୍ରତ ଓ ନିଜର ନିଜର ପରିବାର ବଡ଼ଲୋକ ହେବାର ନିଶାରେ ଏମାନେ ନିଶାସକ୍ତ। ଏତେ ଥର ଧର୍ମ ଦଣ୍ଡ ପାଇବି ଥରେ ହେଲେ ଆମେ ଚେତିଲୁନି- କେବଳ ଧନସମ୍ପଦ ପୁତ୍ର କଳତ୍ର, ଖ୍ୟାତି, କ୍ଷମତାରେ ମଗ୍ନ ଥାଇ ଭୌତିକ ସୁଖ ସନ୍ଧାନରେ ବ୍ୟସ୍ତ। ଭୋଗବାଦୀ ମଣିଷ ଇନ୍ଦ୍ରିୟକୁ ସଂଯତ ନକରି ଆଧ୍ୟାତ୍ମିକ ଚେତନାକୁ ଗ୍ରହଣ ନକରି ଏବେ କୁପଥଗାମୀ। କାମ, କ୍ରୋଧ, ହିଂସା, ଲୋଭ, ଦ୍ୱେଷ ଓ ଇର୍ଷାର ବଶବର୍ତୀ ହୋଇ ହୀନ କାର୍ଯ୍ୟରେ ଲିପ୍ତ ରହି ଅନ୍ୟର କ୍ଷତି ସାଧନ କରିବା କେଉଁ ମାନବିକୀୟ ଧର୍ମ ଅବା ମୂଳମନ୍ତ୍ର।

ସହିଷ୍ଣୁତା, ପରୋପକାର ପରି ମାନବ ଧର୍ମକୁ ଆମେ ଏଡ଼ାଇ ଦେଇ ବିନା କାରଣରେ ରକ୍ତପାତ କରୁ। ନରମେଧ ଯଜ୍ଞର ପୁରୋଧ ସାଜୁ। ଏ ଜଗତରେ ଶିଖି ମନାଇ ମାନଙ୍କର ଅଭାବ ନାହିଁ। ତେବେ ସେମାନଙ୍କର ଆଦର୍ଶ କଣ ସର୍ବାନ୍ତକରଣରେ ଗ୍ରହଣୀୟ ଓ କରଣୀୟ ? କହିବାକୁ ଗଲେ ମଣିଷର ହୀନ ମନୋଭାବ ଯୋଗୁହିଁ ମହାଯୁଦ୍ଧର ସୂତ୍ରପାତ ହେଉଛି। ଯେତେଦିନ ଯାଏ ମନରେ ଏଇ ପଚମାନ ମନୋବୃତି ବସା ବାନ୍ଧିଥିବେ ସେତେଦିନ ଯାଏ ଏମାନଙ୍କ କାରନାମାରେ ସମାଜ ଧୂଳିସାତ ହେବାରେ ଲାଗିଥିବ।

କଥାରେ କହି ନାହିଁ -

"ଆମ୍ବ ସଢ଼କା ତେନ୍ତୁଳି ବଙ୍କା
କୁକୁର ଲାଙ୍ଗୁଳ ନୁହେଁ ସଳଖା।

ଯିଏ ଯେମିତି ସିଏ ସେମିତି ଟିକିଏ ନିଜକୁ ବଦଳାଅ। ସମୟ ସାଥିରେ ପାଦ ପକାଇ ଚାଲ। ନା- ତା ହେବ ନାହିଁ - କହିଲା ପରା-

"ଅଧର୍ମ ବିତ ବଢ଼େ ବହୁତ
ଗଲାବେଳେ ଯାଏ ମୂଳ ସହିତି।

ଏକଥା କିଏ ବୁଝେ ନା ବୁଝାଇବ ବା କିଏ। ଅଧର୍ମ ଉପାୟ ଦ୍ୱାରା ଧନ ଅର୍ଜନ କରାଯାଇପାରେ ମାତ୍ର ଏଇ ଧନ କେବେ ସ୍ଥାୟୀ ହୋଇ ରହିନଥାଏ। ଅନ୍ୟାୟ ଦ୍ୱାରା ଅର୍ଜିତ ଧନ ନିଶ୍ଚିତ ଭାବରେ ନଷ୍ଟ ହେଇଯାଏ। ଏହି ନଷ୍ଟ ଯୋଗୁ ଲୋକଟି ତା ମୂଳଧନକୁ ବି ହରାଇଥାଏ। ଅନ୍ୟାୟ ଉପାୟରେ ଧନ ଆହରଣ କରିବା ଦ୍ୱାରା ବ୍ୟକ୍ତିର ସମୃଦ୍ଧି ନଷ୍ଟ ହେବା ସହ ତାର ମାନ ସମ୍ମାନ ସବୁ ମାଟିରେ ମିଶିଯାଇଥାଏ। ଆମେ ଏବେ କଳାଧନ ପାଇଁ ଭାରି ବ୍ୟସ୍ତ। କଳାଧନ କେମିତି ଧଳା ହେବ ସମସ୍ତେ ଲାଗିପଡ଼ିଛନ୍ତି। ତେଣୁତ ଏ ସମାଜରେ ଏତେ ଦୁର୍ନୀତି। ସତକୁ ରଙ୍ଗ ଦେଇ ମିଛରେ ପରିଣତ କରାଯାଇ ସବୁକିଛିକୁ ମଣିଷ ଅକ୍ତିଆର କରିବା ପାଇଁ ବ୍ୟସ୍ତ, ସେ ପାଗଳ ହେଉଛି ସତା, ଶକ୍ତି ଓ କ୍ଷମତା ହାସଲ ପାଇଁ - ଏଥିପାଇଁ ପରା ଲଢ଼େଇ, ସଂଘର୍ଷ, ହାଣକାଟ, ରକ୍ତପାତ। ସାଧାସିଧା ମଣିଷର ସ୍ଥାନ ଏଠି କାହିଁ? ଏଣେ କିଏ ତୁ ତୁ ମେଁ ମେଁ ହେଲେଣି ତ- କିଏ ଲୁଚିଛପି ଘର କଣରେ ଭେଁ ଭେଁ ହେଲେଣି। ସବୁତ କୁମ୍ଭୀର କାନ୍ଦଣା। ତାଙ୍କ ପଛରେ କାଳେ ତଦନ୍ତକାରୀ ଦଳ ଜୋକ ପରି ଲାଗିଯାଇପାରନ୍ତି। ତୁମେ ଯାହାକୁ ତାଳୁରୁ ତଳିପା ଯାଏ ଅନଇେ ଯାଅ ଧୋବ ଧବଳିଆ ଭାବିବ ସ୍ୱଚ୍ଛ ଭାବମୂର୍ତୀ, ଟିକିଏ ମଳିଧୂଳି ନାହିଁ - କିନ୍ତୁ ଢ଼ୋଲ ଭିତରେ ପରା ମୂଷା - ଏକଥା କିଏ ନ ଜାଣେ। ଚଢ଼ଉ ଦଳ ସବୁବେଳେ ମହଜୁଦ - ଧର କହିଲେ ବାନ୍ଧି ପକେଇବେ। କିଏ ବା କାହାକୁ ଠକୁଛି- ଇଏ ତାକୁ ଅନାଉଛି ସିଏ ତାକୁ ଅନାଉଛି। ଗୋଦରୀ ଲୋ ଗୋଡ଼କୁ ଅନା ନ୍ୟାୟରେ ତୁ ଯେମିତି ମୁଁ ସେମିତି। ଯଦି ପଚାରିବ ଆଙ୍କେ ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ, ଏବକୁ କା ମୁହଁରୁ କିଛି ବାହାରୁନି - ସମସ୍ତେ ଚୁପ।

ଏବେ ଖାଲି ବହୁରୂପୀ ମଣିଷ। ଯାହାର ଚିହ୍ନାଜଣା ଆଗରୁ ନଥିଲା କିନ୍ତୁ ସେ ରାଜନୈତିକ ଫାଇଦା ଉଠାଇ ନିଶରେ ତେଲ ମାରି ଦାଣ୍ଡରେ ଥେଇ ଥେଇ ନାଚୁଛି। ସେ ସାଜିଛି ମୁଖ୍ୟ କାର୍ପଟଦାର। ତାଙ୍କରି ଆଦେଶରେ ସବୁକିଛି ହେଉଛି - ସେ କଳାକୁ ଧଳା କହିଲେ ମାନିବ- ସେ ଧଳାକୁ କଳା କହିଲେ ମାନିବାକୁ ବାଧ। ସାଦା ସିଧା ମଣିଷକୁ ଅହେତୁକ ଭୟ କେମିତି ସତରେ କାବୁ କରିବସିଲାଣି ଏମିତି ଚାଲିଛି ଏ ଅତ୍ୟାଧୁନିକ ସମାଜରେ।

ଆମର ସାଧନା କାହିଁ? ଆମର ସହନଶୀଳତା କାହିଁ? ଆମର ଭ୍ରାତୃଭାବ ବା କାହିଁ? ଏକଥା ସତ୍ୟ ସାଧନା ପଥରେ ମଣିଷକୁ ପାଂଚ ଆୟତନ ବା ପଂଚଶୀଳ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ। ଯାହା ଫଳରେ ମଣିଷ ପଶୁତ୍ୱରୁ ମନୁଷ୍ୟତ୍ୱ ଓ ମନୁଷତ୍ୱ ରୁ ଦେବତ୍ୱର ଅଧିକାରୀ ହେବ। ତାହା ହେଲା - ସତ୍ୟ, ଶାନ୍ତି, ଧର୍ମ, ପ୍ରେମ ଓ ଅହିଂସା। ଏସବୁ ଯେମିତି ଆଜିକାଲି ଆମଠାରୁ ଦୂରେଇ ଯାଉଛି। ଆମେ ମଧ୍ୟ ଜାଣିଜାଣି ନିଜେ ଏହାକୁ ଦୂରେଇ ଦେଉଛେ। କାମନାର ତୀବ୍ରତା ହେତୁ ଇନ୍ଦ୍ରିୟମାନେ ନିଜ ନିଜ ବିଷୟ ପ୍ରତି ଆକର୍ଷିତ ହୋଇଥାନ୍ତି। ଚକ୍ଷୁ ରୂପ ପ୍ରତି କର୍ଣ୍ଣ ଶବ୍ଦ ପ୍ରତି, ନାସା ଗନ୍ଧ ପ୍ରତି, ରସନା ସ୍ୱାଦ ପ୍ରତି, ଚର୍ମ ସ୍ପର୍ଶ ପ୍ରତି ଅଗ୍ରସର ହେବାକୁ ଯେଉଁ ଆବେଗ ଓ ପ୍ରବେଗ ଅନୁଭବ କରେ ତାହା କାମନା ଜନିତ ଚିତର ସଂକ୍ଷୋଭ ବୋଲି ବୁଝିବାକୁ ହେବ। କାମ ପ୍ରବୃତିରୁ ଲୋଭାର ପ୍ରବେଗ ଜାତ ହୋଇ ଜୀବନକୁ ଅସ୍ଥିର କରେ, ବିପନ୍ନ କରେ। ଏଣୁ ଏସବୁଥିରୁ ନିବୃତ ନରହିଲେ ମଣିଷ ଆଉ ମଣିଷ ହୋଇ ରହିବ ନାହିଁ। ଆମକୁ ବୁଝିବାକୁ ହେବ -

'ସର୍ବଜନ ହିତାୟ, ସର୍ବଜନ ସୁଖାୟ-
ଯେଉଁ କର୍ମ କରାଯିବ ସେଥିରେ

କାହାରି ଅନିଷ୍ଟ ହେଉ ନାହିଁ ତ। ସମସ୍ତଙ୍କର ମଙ୍ଗଳ ହିଁ ନିଜ କର୍ମ ଦ୍ୱାରା ହିଁ ନିରୁପିତ ହୁଏ। ଆଜି ଏବେବି ସମୟ ଅଛି। ଆମକୁ ସମବେତ ହୋଇ ଭାବିବାକୁ ହେବ - ଉଇ ଉଇଲ ବିଲ୍ଡ ଯେ ବେଟର ଓ୍ୱାର୍ଲ୍ଡ।

*ଇ/୫୦, ସେକ୍ଟର - ୭*
*ସି.ଡ଼ି.ଏ, କଟକ-୧୪*
*ଦୂରଭାଷ: ୯୪୩୭୭୨୮୯୭୫*

# ଭାରତୀୟ ଅପରାଧୀକ ନ୍ୟାୟ ବ୍ୟବସ୍ଥାର ପରିବର୍ତ୍ତିତ ରୂପରେଖ



ଶ୍ରୀବତ୍ସ ନାୟକ

ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ରଙ୍ଗ ନିର୍ବିଶେଷରେ ଲୋକଙ୍କୁ ଦଣ୍ଡ ପରିବର୍ତ୍ତେ ନ୍ୟାୟ ପ୍ରଦାନ କରିବା, ସମନ୍ୱୟ ରକ୍ଷା କରିବା, ଦେଶରେ ଅପରାଧ କୁ ରୋକିବା, ଶାନ୍ତି ପ୍ରତିଷ୍ଠା କରିବା, ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା, ଜନସାଧାରଣ ମାନଙ୍କୁ ନିରାପତ୍ତା ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତୀୟ ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ରେ ପ୍ରଚଳିତ ପୁରୁଣା ଆଇନ୍‌କୁ ପ୍ରତ୍ୟାହାର କରି ନୂତନ ନିୟମ ପ୍ରଣୟନ କରିବାକୁ ଭାରତ ସରକାର ନିଷ୍ପତି ନେଇଛନ୍ତି। ୧୮୬୦ ମସିହାରୁ ୨୦୨୩ ମସିହା ପର୍ଯ୍ୟନ୍ତ ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥା ବ୍ରିଟିଶ ମାନଙ୍କ ଦ୍ୱାରା ପ୍ରସ୍ତୁତ ଆଇନ୍ ଅନୁଯାୟୀ କାର୍ଯ୍ୟ କରୁଥିଲା। ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କରି ସଂସଦର ମୌସୁମୀ ଅଧିବେଶନର ଶେଷ ଦିନ ଅର୍ଥାତ ଅଗଷ୍ଟ ୧୧,୨୦୨୩ ଶୁକ୍ରବାର ଦିନ ୧୬୨ ବର୍ଷର ପୁରୁଣା ବ୍ରିଟିଶ ଆଇନ୍ (ଭାରତୀୟ ଦଣ୍ଡ ସଂହିତା ୧୮୬୦,ଭାରତୀୟ ଦଣ୍ଡ ପ୍ରକ୍ରିୟା ସଂହିତା ୧୮୯୮,ଭାରତୀୟ ପ୍ରମାଣ ଆଇନ୍ ୧୮୭୨)କୁ ରଦ୍ଦ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରୀ ୩ଟି ବିଲ୍ ଆଗତ କରିଛନ୍ତି। ଭାରତୀୟ ଦଣ୍ଡ ସଂହିତା (ଆଇପିସି) ୧୮୬୦ ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ଦଣ୍ଡ ପ୍ରକ୍ରିୟା ସଂହିତା (ସିଆରପିସି)୧୮୯୮ ପରିବର୍ତ୍ତେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩, ଭାରତୀୟ ପ୍ରମାଣ ଆଇନ୍ ୧୮୭୨ ପରିବର୍ତ୍ତେ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ର ବିଲ୍ ଗୁଡ଼ିକୁ ଅଧିକ ଯାଞ୍ଚ ପାଇଁ ସଂସଦୀୟ କମିଟିକୁ ପଠାଯାଇଛି। ବ୍ରିଟିଶ ଅମଳରୁ ପ୍ରଚଳିତ ଏହି ୩ଟି ଆଇନ୍ ବଦଳିବା ଦ୍ୱାରା ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ବଡ଼ ପରିବର୍ତନ ଆସିବ ବୋଲି ଆଶା କରାଯାଉଛି।

ଭାରତ ଇତିହାସ ରୁ ଏହା ସ୍ପଷ୍ଟ ଅନୁମେୟ ଯେ ବୈଦିକ ଯୁଗ, ବ୍ରୋଞ୍ଜ ଯୁଗ ଓ ସିନ୍ଧୁ ସଭ୍ୟତା ସମୟରେ ଭାରତରେ ଆଇନ୍ ପ୍ରଚଳିତ ହେଉଥିଲା। ବେଦ, ଉପନିଷଦ ଓ ଅନ୍ୟାନ୍ୟ ଧାର୍ମିକ ଗ୍ରନ୍ଥରୁ ମଧ୍ୟ ଭାରତରେ ଆଇନ୍ ପ୍ରଚଳନ ହେଉଥିବାର ସମ୍ୟକ ସୂଚନା ମିଳେ। ପ୍ରାଚୀନ ଭାରତରେ ନାଗରିକ ତଥା ଅପରାଧିକ ମାମଲା ପାଇଁ କୋର୍ଟ ଓ ମୋଗଲ ଶାସନ ସମୟରେ ଧର୍ମ ନିରପେକ୍ଷ ଅଦାଲତର ବିଦ୍ୟମାନ ହୋଇଥିଲା। ବ୍ରିଟିଶ ଶାସନ କାଳରେ ଭାରତର ରୀତିନୀତି, ପରମ୍ପରା ଓ ପୂର୍ବ ପ୍ରଚଳିତ ନିୟମକୁ ଉଠେଇ ଦେଇ ବ୍ରିଟିଶ ମାନେ ନିଜ ପ୍ରଶାସନକୁ ସୁରକ୍ଷା ଦେଇ, ନିଜ ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ଭାରତରେ ନିଜସ୍ୱ ଆଇନ୍ ପ୍ରଚଳନ କରିଥିଲେ।

ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ହେଲା ବିଶ୍ୱର ସର୍ବ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣତନ୍ତ୍ରରେ ସରକାରର ୩ଟି ଅଙ୍ଗ ବା ଶାଖା ଯଥା ବ୍ୟବସ୍ଥାପକ ସଭା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାକୁ ନେଇ ଗଠିତ ହେଲା। ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରୁଥିବାବେଳେ କାର୍ଯ୍ୟପାଳିକା ଏହାକୁ କାର୍ଯ୍ୟକାରୀ କରେ ସେହିପରି ବିଚାରବିଭାଗ ଏହି ଆଇନ ଗୁଡିକର ତର୍ଜମା, ବ୍ୟାଖ୍ୟା ଓ ସମୀକ୍ଷା କରେ ତଥା ଦୋଷୀକୁ ଦଣ୍ଡବିଧାନ କରେ। ଭାରତରେ ପ୍ରଚଳିତ ଥିବା ଆଇନ୍ ୧୬୦ ବର୍ଷର ପୁରୁଣା। ବ୍ରିଟିଶ ଅମଳର ସେହି ପୁରୁଣା ଆଇନ୍ ଗୁଡ଼ିକ ତତ୍କାଳୀନ ପରିସ୍ଥିତି କୁ ଲକ୍ଷ୍ୟ କରି ପ୍ରଣୟନ କରାଯାଇଥିଲା କିନ୍ତୁ ସାମ୍ପ୍ରତିକ ପରିସ୍ଥିତି ରେ ସମୟ ବଦଳି ଯାଇଛି। ଅପରାଧୀର ଅପରାଧିକ ଶୈଳୀ ରେ ପରିବର୍ତ୍ତନ ଘଟିଛି। ଦିନକୁ ଦିନ ଅପରାଧର ତରିକା ବଦଳି ଯାଉଛି। ଅପରାଧୀମାନେ ପୁରୁଣା ଆଇନ୍‌ର ଗଳାବାଟର ଫାଇଦା ନେଉଛନ୍ତି। ଅପରାଧୀ ମାନଙ୍କର ଅପରାଧର ଅଭିନବ ଶୈଳୀର ଟେର ପାଉନି ପୋଲିସ। ଜଘନ୍ୟ ଅପରାଧ କରି ମଧ୍ୟ ଅତି ସହଜରେ ଜାମିନ ମିଳିଯାଉଥିବାରୁ, ଜାମିନରେ ଆସି ପୁନଶ୍ଚ ଅପରାଧ ଘଟାଉଛନ୍ତି ଅପରାଧୀ ମାନେ। ତେଣୁ ବ୍ରିଟିଶ ଅମଳର ଆଇନ୍‌କୁ ପରିବର୍ତ୍ତନ କରି ଭାରତୀୟ ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଭାରତ ସରକାର ଯୋଜନା କରିଛନ୍ତି।

ଭାରତୀୟ ଅପରାଧ ନ୍ୟାୟ କ୍ଷେତ୍ରରେ ପୂର୍ବ ପ୍ରଚଳିତ ଭାରତୀୟ ଦଣ୍ଡ ସଂହିତାର ପରିବର୍ଦ୍ଧିତ ସଂହିତା ହେଉଛି ଭାରତୀୟ ନ୍ୟାୟ ସଂହିତା। ଭାରତୀୟ ଅପରାଧ ସମ୍ବନ୍ଧୀୟ ନିୟମାବଳୀକୁ ଏକତ୍ର କରିବା ଏବଂ ସଂଶୋଧନ କରିବା ପାଇଁ ଏହା ଏକ ବିଲ୍। ଭାରତୀୟ ଦଣ୍ଡ ପ୍ରକ୍ରିୟା ସଂହିତା ୧୮୯୮ ରେ ୪୮୪ ଟି ଧାରା ଥିବା ବେଳେ ତା ସ୍ଥାନରେ ଆସିଥିବା ନୂଆ ଭାରତୀୟ ନାଗରିକ ସୁରକ୍ଷା ସଂହିତା ରେ ୫୩୩ ଟି ଧାରା ଅନ୍ତର୍ଭୁକ୍ତ କରାଯାଇଛି। ଭାରତୀୟ ପ୍ରମାଣ ଆଇନ୍ ୧୮୭୨ ରେ ୧୬୭ ଧାରା ଥିବା ବେଳେ ତା ସ୍ଥାନରେ ଆସିଥିବା ଭାରତୀୟ ସାକ୍ଷ୍ୟ ବିଲ୍ ରେ ୧୭୦ ଟି ଧାରା ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବ ପ୍ରଚଳିତ ଭାରତୀୟ ଦଣ୍ଡ ସଂହିତା ରେ ବର୍ଣ୍ଣିତ ୫୧୧ଟି ଧାରା ମଧ୍ୟରୁ ୧୭୫ଟି ଧାରା ରେ ପରିବର୍ତ୍ତନ, ୨୨ଟି ଅନାବଶ୍ୟକ ଧାରାର ଉଚ୍ଛେଦ ଓ ୯ଟି ନୂତନ ଧାରାର ସଂଯୋଗ ହୋଇ ଭାରତୀୟ ନ୍ୟାୟ ସଂହିତାରେ ମୋଟ ୩୫୬ଟି ଧାରା ଉଲ୍ଲେଖ କରାଯାଇଛି। ଧାରା ୧-୩ ରେ ମୁଖବନ୍ଧ, ଧାରା ୪-୧୩ରେ ଦଣ୍ଡ, ଧାରା ୧୪-୪୪ରେ ବ୍ୟକ୍ତିଗତ ପ୍ରତିରକ୍ଷା ଅଧିକାର, ଧାରା ୪୫-୬୨ରେ ଅପରାଧିକ ଷଡ଼ଯନ୍ତ୍ର, ଧାରା ୬୩-୯୭ରେ ବିବାହ ସମ୍ବନ୍ଧୀୟ ଅପରାଧ, ଗର୍ଭଧାରଣ ନଷ୍ଟ, ମହିଳାଙ୍କ ବିରୋଧରେ ଅପରାଧିକ ବଳ ଓ ଆକ୍ରମଣ, ଧାରା ୯୮-୧୪୪ ରେ ଶରୀରକୁ ପ୍ରଭାବିତ କରିଥିବା ଭଳି ଅପରାଧ, ଅପହରଣ, ଦାସତ୍ୱ, ବାଧ୍ୟତାମୂଳକ ଶ୍ରମ, ଧାରା ୧୪୫-୧୫୬ ରେ ରାଜ୍ୟ ବିରୋଧରେ ଅପରାଧ , ଧାରା ୧୫୭-୧୬୬ ରେ ସେନା, ନୌସେନା, ବାୟୁସେନା ସମ୍ବନ୍ଧୀୟ ଅପରାଧ, ଧାରା ୧୬୭-୧୮୬ରେ ମୁଦ୍ରା ବ୍ୟାଙ୍କ୍ ଓ ସରକାରୀ ଷ୍ଟାମ୍ପ ସମ୍ବନ୍ଧୀୟ ଅପରାଧ, ଧାରା ୧୮୭-୧୯୫ ରେ ସାର୍ବଜନୀନ ଶାନ୍ତି, ଧାରା ୧୯୬-୨୦୩ ରେ ସରକାରୀ କର୍ମଚାରୀଙ୍କ ସହ ଅପରାଧ, ଧାରା ୨୦୪-୨୨୪ ରେ ସରକାରୀ କର୍ମଚାରୀଙ୍କ ଆଇନଗତ ପ୍ରାଧିକରଣ ର ଅବମାନନା, ଧାରା ୨୨୫-୨୬୭ ରେ ମିଥ୍ୟା ପ୍ରମାଣ, ଧାରା ୨୬୮-୨୯୫ ରେ ଜନସ୍ୱାସ୍ଥ୍ୟ, ନିରାପତ୍ତା, ବିଶ୍ୱାସ, ଶାସନ ଓ ନୈତିକତାକୁ ପ୍ରଭାବିତ କରୁଥିବା ଅପରାଧ, ଧାରା ୩୦୧-୩୩୨ରେ ଚୋରି, ନିର୍ଯାତନା, ଡକାୟତି, ସମ୍ପତ୍ତିର ଅପରାଧିକ ଅପବ୍ୟବହାର, ଠକେଇ, ଦୁଷ୍କର୍ମ, ଧାରା ୩୩୩-୩୪୮ରେ ଡକ୍ୟୁମେଣ୍ଟ ଜନିତ ଅପରାଧ, ଧାରା ୩୪୯-୩୫୬ ରେ ଅପରାଧିକ ଭୟଭୀତ, ଅପମାନ, ବିରକ୍ତି, ବଦନାମ୍ ଆଦି ସମ୍ପର୍କ ବିଷୟରେ ଉଲ୍ଲେଖ କରାଯାଇଛି।

ନୂତନ ଭାବେ ପ୍ରଚଳିତ ହେବାକୁ ଯାଉଥିବା ଏହି ଆଇନ୍‌ରେ ଦଣ୍ଡ ବ୍ୟବସ୍ଥାକୁ ମଧ୍ୟ କଡାକଡ଼ି କରାଯାଇଛି। ବିବାହର ମିଥ୍ୟା ପ୍ରତିଶ୍ରୁତି ଉପରେ ଯୌନ ସମ୍ପର୍କ ପାଇଁ ୧୦ ବର୍ଷ କାରାଦଣ୍ଡ, ଗଣଦୁଷ୍କର୍ମ ପାଇଁ ୨୦ ବର୍ଷ କିମ୍ବା ଆଜୀବନ ସଜା, ନାବାଳିକା ଗଣଦୁଷ୍କର୍ମ ପାଇଁ ମୃତ୍ୟୁଦଣ୍ଡ, ଭିଡ଼ ଓ ହିଂସା ପାଇଁ ୭ବର୍ଷ କିମ୍ବା ଆଜୀବନ କାରାଦଣ୍ଡ ଭଳି ନିଷ୍ପତି ନିଆଯାଇଛି। ଭୋଟରଙ୍କୁ ଲାଞ୍ଚ ଦେଇ ପ୍ରଭାବିତ କରିବା ଭଳି କାର୍ଯ୍ୟପାଇଁ ୧ ବର୍ଷ କାରାଦଣ୍ଡ। ଚାର୍ଜସିଟ୍ ଦାଖଲର ୯୦ ଦିନ ମଧ୍ୟରେ ବିଚାର କରି ରାୟ ଶୁଣାଇବେ। ମହିଳା ଓ ଶିଶୁ ବିରୁଦ୍ଧରେ ଅପରାଧକୁ ରାଷ୍ଟ୍ର ବିରୋଧୀ ବୋଲି ଅଭିହିତ କରାଯିବ। ଅପରାଧର ତଦନ୍ତ ନିମନ୍ତେ ବୈଷୟିକ ଜ୍ଞାନ କୌଶଳ ଓ ଫରେନ୍ସିକ ବିଜ୍ଞାନର ବ୍ୟବହାର କରାଯିବ। ଦଣ୍ଡ ନୁହେଁ ବରଂ ନ୍ୟାୟ ପ୍ରଦାନ ନିମନ୍ତେ ପୁରୁଣା ଆଇପିସିରେ ଦେଶଦ୍ରୋହର ଧାରାରେ ପରିବର୍ତ୍ତନ ଘଟିଛି। ଏଥିରେ ଭାରତୀୟ ନ୍ୟାୟ ସଂହିତା ବିଲ୍ ? ୨୦୨୩ରେ ଦେଶଦ୍ରୋହକୁ ହଟେଇ ଦିଆଯାଇଛି ଏବଂ ଏହାର ସଂଜ୍ଞାକୁ ଅଧିକ ବିସ୍ତାରିତ କରାଯାଇଛି। ଆଇପିସିର ପୁରୁଣା ଧାରା ୧୨୪ଏରେ ଥିବା 'ଆଇନତଃ ପ୍ରତିଷ୍ଠିତ ସରକାର ପ୍ରତି ଅସନ୍ତୋଷ' ପଂକ୍ତିକୁ ବଦଳାଇ ତା' ସ୍ଥାନରେ 'ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବା କାର୍ଯ୍ୟକଳାପ' ବୋଲି ଯୋଡ଼ାଯାଇଛି। ଧାରା ୧୫୦ରେ ସନ୍ନିବେଶିତ ଏହି ବ୍ୟବସ୍ଥାରେ ବିଚ୍ଛିନ୍ନତାବାଦ, ସଶସ୍ତ୍ର ବିଦ୍ରୋହ ପାଇଁ ଆହ୍ୱାନ ପରି ଶବ୍ଦ ଯୋଡ଼ାଯାଇଛି କିନ୍ତୁ ଧାରା ୧୨୪ ଏ ରେ ଥିବା ସରକାରଙ୍କ ପ୍ରତି ଘୃଣା ମନୋଭାବ , ଅସନ୍ତୋଷ ପରି ଶବ୍ଦକୁ ବାଦ୍ ଦିଆଯାଇଛି। ଦେଶର ଆଇନଶୃଙ୍ଖଳା ନଷ୍ଟ କରିବା ଓ ହିଂସାକୁ ଉତ୍ସାହିତ କରିବା ପରି ଘଟଣାକୁ ଧାରା ୧୫୦ରେ ଅପରାଧୀକରଣ କରାଯାଇଛି। ଯିଏ, ଉଦ୍ଦେଶ୍ୟମୂଳକ କିମ୍ବା ଜାଣିଶୁଣି, କଥିତ, ଲିଖିତ, କିମ୍ବା ଚିହ୍ନ ଦ୍ୱାରା, ଦୃଶ୍ୟମାନ ପ୍ରତିନିଧିତ୍ୱ ଦ୍ୱାରା, ବୈଦ୍ୟୁତିକ ଯୋଗାଯୋଗ ଦ୍ୱାରା ଆର୍ଥିକ ଅର୍ଥ ବ୍ୟବହାର କରି ଅନ୍ୟଥା ଉତ୍ତେଜନା,ବିଚ୍ଛିନ୍ନତା କିମ୍ବା ସଶସ୍ତ୍ର ବିଦ୍ରୋହ, ବିଦ୍ରୋହୀ କାର୍ଯ୍ୟକଳାପ, ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପର ଭାବନାକୁ ଉତ୍ସାହିତ କରେ କିମ୍ବା ସାର୍ବଭୌମତ୍ୱ ଓ ଏକତା ତଥା ଭାରତର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରେ ତାକୁ କଠୋର ରୁ କଠୋରତମ ଦଣ୍ଡରେ ଦଣ୍ଡିତ କରାଯିବ। ଏଥିରେ ଦେଶଦ୍ରୋହ ପୂର୍ବପରି ଏକ ଅପରାଧ ଭାବେ ଗଣା ହେବ କିନ୍ତୁ ଏହାର ନାଁ ବଦଳିବ ଏବଂ ଏଥିପାଇଁ ଦଣ୍ଡ ବ୍ୟବସ୍ଥା ଅଧିକ କଠୋର ହେବ। ଯିଏ ଏହି ଭଳି କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବ ତାକୁ ଜରିମାନା ସହ ଆଜୀବନ ବା ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡରେ ଦଣ୍ଡିତ କରାଯାଇପାରିବ। ଦେଶର ଏକତା, ଅଖଣ୍ଡତା ଏବଂ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିବା, ସାଧାରଣ ଜନତାଙ୍କୁ ଭୟଭୀତ କରିବା କିମ୍ବା ସାଧାରଣ ଶୃଙ୍ଖଳାକୁ ଭଣ୍ଡୁର କରିବା ନିମନ୍ତେ ଅସ୍ତ୍ରଶସ୍ତ୍ର, ବୋମା, କିମ୍ବା ବିପଜ୍ଜନକ ପଦାର୍ଥ (ଜୈବିକ କିମ୍ବା ରାସାୟନିକ) ବ୍ୟବହାର କରି ମୃତ୍ୟୁ, ଜୀବନ ପ୍ରତି ବିପଦ, କିମ୍ବା ଭୟର ବାର୍ତ୍ତା ବିସ୍ତାର କରିବା, ସମ୍ପତ୍ତି ନଷ୍ଟ କରିବା କିମ୍ବା ଅତ୍ୟାବଶ୍ୟକ ସେବାରେ ବାଧା ସୃଷ୍ଟି କରିବା, ବିମାନକୁ ବେଆଇନ ଭାବେ ଜବତ କରିବା କିମ୍ବା ବନ୍ଧକ ରଖିବା ଭଳି କାର୍ଯ୍ୟକୁ ଆତଙ୍କବାଦୀ କାର୍ଯ୍ୟ ବୋଲି ବିବେଚନା କରାଯିବା ସହ ଏଥିରେ ସଂଶ୍ଳିଷ୍ଟ ଅପରାଧୀ ମାନଙ୍କ ପାଇଁ ଆଜୀବନ କାରାଦଣ୍ଡ କିମ୍ବା ପାଞ୍ଚବର୍ଷ କିମ୍ବା ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଧାର୍ଯ୍ୟ କରାଯାଇଛି।

ଅପହରଣ, ଚୋରାଚାଲାଣ, ଚୁକ୍ତିଭିତ୍ତିକ ହତ୍ୟା, ଜମି ଦଖଲ, ଆର୍ଥିକ ଘୋଟାଲା ଏବଂ ସାଇବର ଅପରାଧ, ହିଂସା, ଭୟଭୀତତା କିମ୍ବା ଅନ୍ୟାନ୍ୟ ବେଆଇନ ବ୍ୟବହାର ଦ୍ୱାରା ଚାଲିଥିବା ଅନୈତିକ କାର୍ଯ୍ୟକଳାପ ଗୁଡ଼ିକୁ ସଂଗଠିତ ଅପରାଧ ବୋଲି ବିବେଚନା କରାଯିବା ସହ ଏଥିରେ ସଂଶ୍ଳିଷ୍ଟ ଅପରାଧୀ ମାନଙ୍କ ପାଇଁ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁ ଦଣ୍ଡ ରେ ଦଣ୍ଡିତ କରାଯିବ ବୋଲି ନିଷ୍ପତି ନିଆଯାଇଛି। ନାଗରିକଙ୍କ ମଧ୍ୟରେ ସାଧାରଣ ଅସୁରକ୍ଷିତ ଭାବନା ସୃଷ୍ଟି କରିବା,ସଂଗଠିତ ଅପରାଧିକ ଗ୍ୟାଙ୍ଗ ଦ୍ୱାରା ସଂଗଠିତ ପିକ୍ ପକେଟ୍, ଜିନିଷ ଛଡ଼ାଇବା ଏବଂ ଚୋରି ଆଦି କାର୍ଯ୍ୟକୁ କ୍ଷୁଦ୍ର ସଂଗଠିତ ଅପରାଧର ଅନ୍ତର୍ଭୁକ୍ତ କରାଯିବା ସହ ଏଥିରେ ସଂଶ୍ଳିଷ୍ଟ ଅପରାଧୀ ମାନଙ୍କ ପାଇଁ ଏକରୁ ସାତ ବର୍ଷ ମଧ୍ୟରେ ଜେଲଦଣ୍ଡ ଏବଂ ଜରିମାନା ହେବାର ନିଷ୍ପତି ନିଆଯାଇଛି।

ସମୟ ସଦା ପରିବର୍ତ୍ତନଶୀଳ। ସମୟର ପରିବର୍ତ୍ତନ ସହ ବଦଳି ଯାଏ ସବୁ କିଛି। ଠିକ୍ ସେମିତି ସମୟ ର ତାଳେ ତାଳେ ଆଇନ୍ ବ୍ୟବସ୍ଥାରେ ଅନେକ କିଛି ପରିବର୍ତ୍ତନର ଆଭାସ ଦେଖିବାକୁ ମିଳିଛି। ସଦ୍ୟ ସଦ୍ୟ ଭାରତ ସରକାର ନିଜର ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆଣିବାପାଇଁ ଯାଉଛନ୍ତି। ଏହା ଉପରେ ଅନେକ ବିଚାର ବିମର୍ଶ ଚାଲିଛି। ଲୋକସଭାରେ ଆଗତ ଏହି ତିନୋଟି ପ୍ରସ୍ତାବ ଗୃହୀତ ହେଲା ପରେ ସଂସଦୀୟ କମିଟି ଏହା ଉପରେ ବିଚାର ବିମର୍ଶ କରୁଛି। ରାଷ୍ଟ୍ରପତିଙ୍କ ମୋହର ପରେ ଏହି ଆଇନରେ ପରିବର୍ତ୍ତନ ହେଲେ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ବ୍ରିଟିଶ ପ୍ରଚଳିତ ନିୟମ ହଟିବା ସହ ଅପରାଧିକ ନ୍ୟାୟ ବ୍ୟବସ୍ଥାରେରେ ଏକ ସଂସ୍କାର ଆସିବ। ଦେଖିବା ବାକି ରହିଲା ଏହାର ପୂର୍ଣ୍ଣାଙ୍ଗ ରୂପରେଖ କଣ ହେଉଛି।

*ଅଧ୍ୟାପକ,ବାଣିଜ୍ୟ ବିଭାଗ*
*ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ*
*ଦୂରଭାଷ : ୯୪୩୮୦୭୦୮୪୯*

## ଧାରାବାହିକ ଉପନ୍ୟାସ

# ଅଜଣା ହୃଦୟ



କ୍ଷୀରୋଦ ଦାସ




ଭାଗ-୧୦

(ପୂର୍ବପ୍ରକାଶ ଉତ୍ତାରୁ)

ପ୍ରଭାବିତ ହେଲେ ଇନିସ୍‌ପେକ୍ଟର, ଶୁଭକାନ୍ତଙ୍କ ଆବେଗପୂର୍ଣ୍ଣ କଥାରେ। ଏଇ ମଣିଷଟିଏ, ଯିଏ ଏବେ ଆସି ତାଙ୍କ ସାମ୍‌ନାରେ ଠିଆହୋଇଛନ୍ତି ଏକ ସାହାଯ୍ୟ ଆଶାରେ, ସାରା ରାଜ୍ୟ ପାଇଁ ରୋଗୀ ସେବା କ୍ଷେତ୍ରରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତିତ୍ୱ। ଆଜି ବିଷମ ଏକ ପରିସ୍ଥିତିରେ ପଡି ଯେପରି ହଟହଟା ହେଉଛନ୍ତି, ବିଗଳିତ କଲା ତାଙ୍କୁ।

କଣ କରିବେ ନ କରିବେ, ଏଇ ଚିନ୍ତାରେ କିଛି ସମୟ ନିର୍ବାକ ହୋଇ ନିଜ ଚେୟାରରେ ବସି ରହିଲେ ଇନିସ୍‌ପେକ୍ଟର। ଗୋଟେ ଅଦ୍ଭୁତ ଦ୍ୱନ୍ଦ୍ୱ ଲାଗିଯାଇଥିଲା ତାଙ୍କ ଭିତରେ। ଗୋଟେ ପଟେ ଥିଲା ତାଙ୍କ କର୍ତ୍ତବ୍ୟ, ଆରପଟେ ବିବେକ ଆଉ ମାନବିକତା। ଅନେକ ସମୟ ଚିନ୍ତା କରିବା ପରେ ସେ ଉଠି ବାହାରକୁ ଗଲେ। କାହା ସହିତ ନିମ୍ନ ସ୍ୱରରେ କଣ ସବୁ କଥା ହେଲେ ମୋବାଇଲରେ। ଲାଗୁଥିଲା କାହାକୁ ଯେପରି ସେ ଅନୁନୟ ହେଉଛନ୍ତି କିଛି ଗୋଟାଏ ପାଇଁ! ଶେଷବେଳକୁ ତାଙ୍କ ମୁହଁ ସାମାନ୍ୟ ହସହସ ଦେଖାଗଲା।

ଫେରିଆସି ସେ ଶୁଭକାନ୍ତଙ୍କୁ କହିଲେ:- "ପୀଡିତା ଏବେ ରାଜଧାନୀ ହସ୍ପିଟାଲର ଚଉଦ ନମ୍ବର ରୁମ୍‌ରେ ଅତ୍ୟନ୍ତ ସଙ୍କଟାପନ୍ନ ସ୍ଥିତିରେ ଚିକିତ୍ସିତ ହେଉଛି। ଆପଣଙ୍କ ଅନୁରୋଧକୁ ମୁଁ ପ୍ରତ୍ୟାଖ୍ୟାନ କରିପାରୁନି। ଯାଆନ୍ତୁ, ମାତ୍ର ପାଞ୍ଚ ମିନିଟ୍ ଭିତରେ ଫେରିବେ ସେଠାରୁ। ଆଦୌ ନିରାପଦ ନୁହେଁ ସେଠି ଆପଣଙ୍କର ଉପସ୍ଥିତି। ହିଁ, ଗୋଟିଏ କଥା, ଆପଣ ସେଠାରେ ନିଜର ପରିଚୟକୁ ଯଥାସମ୍ଭବ ଗୋପନ ରଖିବାକୁ ଚେଷ୍ଟା କରିବେ। ଅଧିକ ସମୟ ରହିବେ ନାହିଁ ସେଠାରେ। କ୍ୟାମେରା ଖୋଲା ରଖି ମିଡିଆବାଲା ଚବିଶ ଘଣ୍ଟା ଛକି ବସିଛନ୍ତି ସେଠି। ସେମାନେ ଯଦି ଆପଣଙ୍କର ଅସଲ ପରିଚୟ ଜାଣି ଯାଆନ୍ତି, ଅସମ୍ଭାଳ ହେବ ପରିସ୍ଥିତି। କେବଳ ଆପଣଙ୍କର ନୁହେଁ, ମୋର ମଧ୍ୟ। ଗୋଟେ ବଡ ରିସ୍କ ନେଇ ମୁଁ ଛାଡୁଛି ଆପଣଙ୍କୁ ସେଠାକୁ...।"

ଅଧିକ ନ କହି ଇନିସ୍‌ପେକ୍ଟର ହାତଲେଖା ଖଣ୍ଡେ କାଗଜ ଶୁଭକାନ୍ତଙ୍କ ହାତକୁ ବଢ଼ାଇଦେଲେ କହିଲେ: 'ସେଠି ଡ୍ୟୁଟି କରୁଥିବା କନେଷ୍ଟବଳଙ୍କୁ ଦେଖାଇବେ ଏହାକୁ। ମୁଁ ଅବଶ୍ୟ ଫୋନ୍ କରି କହିଦେଉଛି। ମନେ ରଖିବେ ମୋ କଥା। ମାତ୍ର ପାଞ୍ଚ ମିନିଟ୍। ଆଜି ସେଠାକୁ ଏସ୍‌ପିଙ୍କର ଆସିବାର ଅଛି। ସେ ସେଠିକି ଯିବା ପୂର୍ବରୁ ଆପଣ ଯାଇ ଫେରି ଆସନ୍ତୁ।"

ଇନିସ୍‌ପେକ୍ଟରଙ୍କ ପ୍ରତି ନାହିଁ ନଥିବା କୃତଜ୍ଞତାରେ ଭରିଗଲା ଶୁଭକାନ୍ତଙ୍କ ମନ। ଥାନା, ପୋଲିସ, କୋର୍ଟ କଚେରି ପ୍ରତି ଆଜୀବନ ତାଙ୍କର ଥିବା ନକାରାତ୍ମକ ଧାରଣାଟି ଭୁଲ୍ ବୋଲି ପ୍ରମାଣିତ ହେଉଥିଲା ସେଇ ମୁହୂର୍ତ୍ତରେ। ଛଳଛଳ ଆଖିରେ ସେ ଧରିପକାଇଲେ ଇନିସ୍‌ପେକ୍ଟରଙ୍କ ଦୁଇ ହାତକୁ। ତାଙ୍କ ଆଖିରୁ ସ୍ୱତଃ ଝରିପଡୁଥିଲା ରାଶି ରାଶି ସ୍ନେହ ଓ ସମ୍ମାନ, ଅଫିସରଙ୍କ ପ୍ରତି।

ତାଙ୍କ ଆବେଗକୁ ସମ୍ମାନ ଜଣାଇ ଇନିସ୍‌ପେକ୍ଟର କହିଲେ- "ବିବେକ ଆଉ ମଣିଷପଣିଆ ହିଁ ମଣିଷର ପ୍ରଥମ ଓ ପ୍ରଧାନ ଗୁଣ ଆଜ୍ଞା! ସେତକ ନଥିଲେ ମଣିଷ ଆଉ କି ମଣିଷ?"

ଇନିସ୍‌ପେକ୍ଟରଙ୍କ କଥାକୁ ସମର୍ଥନ କରି କେବଳ ମୁଣ୍ଡ ହଲାଇଲେ ଶୁଭକାନ୍ତ।

ସମୟ ଅପରାହ୍ନ ତିନିଟା ବାଜି ପଇଁଚାଳିଶ ମିନିଟ୍।

ହାତଘଣ୍ଟାକୁ ଚାହିଁ ସମୟ ଦେଖିଲେ ଶୁଭକାନ୍ତ ଓ ଡ୍ରାଇଭର ପ୍ରଦୀପ୍ତ ହାତକୁ କିଛି ଟଙ୍କା ବଢ଼ାଇ ଦେଇ କହିଲେ - "ଯା, ପାଖ ହୋଟେଲରୁ ଖାଇଦେଇ ଶୀଘ୍ର ଆସ୍।"

କିଛି ବୁଝି ନ ପାରି ପ୍ରଦୀପ୍ତ କହିଲା- "ହୋଟେଲ୍‌ରେ କାଇଁକି ଖାଇବି? ଆମେ ଏବେ ଘରକୁ ଯିବାଟି।"

ଚୁପ୍‌ଚାପ୍ ଗାଡି ଭିତରେ ବସି ରହିଥିଲେ ଶୁଭକାନ୍ତ। ନିଜକୁ ଚିନ୍ତାର କେଉଁ ଅଜଣା ରାଜ୍ୟରେ ହଜାଇ ଦେଇଥିଲେ କେଜାଣି,



ଶୁଣିପାରିଲେ ନାହିଁ ବୋଲି ପ୍ରଦୀପ୍ତର କଥା।

: ଆପଣଙ୍କର ଖାଇବା ସମୟ ଗଡିଗଲାଣି। ଦେହ ବିଗିଡିଯିବ। ଘରକୁ ଗାଡି ନେବିଟି! - ପୁଣିଥରେ ପଚାରିଲା ପ୍ରଦୀପ୍ତ, ଟିକେ ଶଙ୍କିତ ସ୍ୱରରେ।

ଶୁଭକାନ୍ତ ମୁହଁ ଟେକି ଚାହିଁଲେ ପ୍ରଦୀପ୍ତକୁ। ତିରିଶ ବତିଶ ବର୍ଷର ଯୁବକ। ଭଦ୍ର ପିଲାଟିଏ। ତାଙ୍କ ଘରେ ରହିବାର ଆଠବର୍ଷ ହୋଇଗଲାଣି। ବିଶ୍ୱସ୍ତ, ଧୀରସ୍ଥିର। ତାଙ୍କ ପ୍ରତି ତାର ପ୍ରଗାଢ଼ ସମ୍ମାନ ଓ ଭଲପାଇବା। ଛାଇ ପରି ରହିଥାଏ ତାଙ୍କ ପାଖରେ। ତାଙ୍କର କ୍ଲିନିକ, ବାହାରକୁ ଯିବା ଆସିବା, ଖିଆପିଆ ସବୁକୁ ଜଗିଥାଏ ଗୋଡେ ଗୋଡେ। ଶୁଭକାନ୍ତ ତାକୁ ଖୁବ୍ ଶ୍ରଦ୍ଧା କରନ୍ତି। ନିଜ ଘରର ସଦସ୍ୟ ବୋଲି ଭାବନ୍ତି। ତାଙ୍କ ପ୍ରତି ତା'ର ମାତ୍ରାଧିକ ଭଲପାଇବା ଓ ଆନୁଗତ୍ୟ ବେଳେବେଳେ ବିରକ୍ତି ଜାତ କରେ ଶୁଭକାନ୍ତଙ୍କ ମନରେ। ମଧୁର ଆକଟ କରି ସେ ତାକୁ କୁହନ୍ତି- "ତୁ ମୋର ଗାର୍ଡିୟନ୍ ହେବାକୁ ଚେଷ୍ଟା କରନା। ତୋ କଥାରେ ମୁଁ ଚାଲିବି ନା ମୋ କଥାରେ ତୁ ଚାଲିବୁ? ଆଁ? ମୁଣ୍ଡ ଯେତିକି, ସେତିକି ଖର୍ଚ୍ଚ କର। ସବୁ କଥାରେ ମାମଲାତକାରଗିରି ଦେଖାନା..."

ପ୍ରଦୀପ୍ତର ମୁହଁ ଶୁଖିଯାଏ। ତାର ଶୁଖିଲା ମୁହଁ ଦେଖି ସଚେତନ ହୋଇ ପଡନ୍ତି ଶୁଭକାନ୍ତ। ତା' ହାତରେ କିଛି ଟଙ୍କା ଧରାଇଦେଇ କୁହନ୍ତି- "ଯା, ଯା, ସେ ଶୁଖିଲା ମୁହଁ ଆଉ ମୋତେ ଦେଖାନା। ମାର୍କେଟ୍ ଯାଇ ସାର୍ଟ କି ପ୍ୟାଣ୍ଟ ଖଣ୍ଡେ କିଣି ଆଣ। କହୁଥିଲୁ ପରା ଗାଁ ଆଡେ ଯିବୁ ବୋଲି! ଆସନ୍ତା ରିବାର ଯାଇ ଘରଆଡୁ ବୁଲିଆସେ..."

"ବାବୁ! ବସିଲେ କ'ଣ ପାଇଁ ଯେ? ଘରକୁ ଯିବା ତ!" - ତାଙ୍କ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ପ୍ରଦୀପ୍ତ ପଚାରିଲା।

ସେଦିନ କିନ୍ତୁ ସତସତିକା କ୍ରୋଧଟିଏ ସଂଚରିଗଲା ଶୁଭକାନ୍ତଙ୍କ ମନରେ। ପ୍ରଦୀପ୍ତ ଆଡକୁ କଠୋର ଦୃଷ୍ଟିରେ ଚାହିଁ ସେ କହିଲେ- "ତୋ କାନରେ କଣା ଅଛି ନା ନାହିଁ? ବେଶି ଭକ୍ତି ଦେଖାନା ମୋତେ। ମୁଁ ଯାହା କହୁଚି ସେୟା କର। ଶୀଘ୍ର ଯାଇ ହୋଟେଲ୍‌ରେ ଖାଇଦେଇ ଆସ୍। ଜରୁରୀ କାମ ଅଛି।"

"ଆପଣ ଖାଇବେନିଏଁ" ତାଙ୍କ ମନୋଭାବକୁ ଦେଖି ଧରି ଡରି ପଚାରିଲା ପ୍ରଦୀପ୍ତ। କିଛି ନ କହି ପ୍ରଦୀପ୍ତକୁ କଠୋର ଦୃଷ୍ଟିରେ ଚାହିଁଲେ କେବଳ ଶୁଭକାନ୍ତ। ସେଇ ଦୃଷ୍ଟିରେ କ'ଣ ଥିଲା କେଜାଣି, ଆଉ କିଛି ନ କହି ସେ ଧୀରେ ଧୀରେ ଚାଲିଗଲା ପାଖ ହୋଟେଲକୁ।

ଅଧଘଣ୍ଟା ପରେ ଶୁଭକାନ୍ତଙ୍କ କାର୍ ପାର୍କ କଲା ରାଜଧାନୀ ହସ୍ପିଟାଲ ଆଗରେ।

ଅନେକ ବର୍ଷ ହେବ, ସେ ଆସି ନଥିଲେ ଏଆଡେ। ଯା ଭିତରେ କେତେ ବଦଳିଗଲାଣି ହସ୍ପିଟାଲର ରୂପରେଖ। ଦଶ ବାର ବର୍ଷ ପୂର୍ବେ, ସେ ଯେବେ ଏହି ହସ୍‌ପିଟାଲର ବିଭାଗୀୟ ମୁଖ୍ୟ ଥିଲେ, ଏତେ ବ୍ୟାପ୍ତ ନଥିଲା ହସ୍‌ପିଟାଲ ପରିସର। ଗଛବୃଛ ଭର୍ତ୍ତିହୋଇ ସାରା ପରିବେଶ ଲାଗୁଥିଲା ଭାରି ଜଙ୍ଗଲିଆ। ସାପ, ବେଙ୍ଗ, ଗୋଧୀମାନଙ୍କର ନିରାପଦ ଆଶ୍ରୟସ୍ଥଳ ଥିଲା କ୍ୟାମ୍ପସ ଭିତର। ରୋଗୀମାନଙ୍କ ବେଡ୍ ତଳୁ ଏବଂ ଉପରୁ ଅନେକବାର ବିଷଧର ସାପ ଆବିଷ୍କାର କରାଯାଇଛି।

(କ୍ରମଶଃ)

## କିଶୋରୀ କଳିକା





# କାଶତଣ୍ଡୀ

### ବିଜୟଲକ୍ଷ୍ମୀ ଦାସ

କାଶତଣ୍ଡୀ ଟା ତୁ ଏଡିକି ଫୁଲେଇ
ହସୁଥାଉ ନଦୀ ପଠାରେ।
ଦୁର୍ଗା ମାଆଙ୍କର ଆଗମନଜାଣି
ସାଜିହେଉ ନାନା ରଙ୍ଗରେ।

ସବୁଠୁ ନିଆରା ଧଳାରଙ୍ଗ ତୋର
ଗାଲିଚା ପରିକା ଦିଶଇ।
ଶୁଭ୍ର ତଟିନୀକୁ ଶୁଭ୍ର ଓଢଣୀରେ
ସତେକି ଦେଇଛୁ ଘୋଡେଇ।

ନଦୀର ଶୀତଳ ପରଶ ପାଇତୁ
ବିଛାଡି ଦେଉତୋ ମହକ।
ଜହ୍ନ ଆଲୁଅରେ ଏମିତି ନାଚୁଛୁ
ଆଖି ନ ପଡଇ ପଲକ।

କୋମଳ ହୃଦୟ କେତେ ରଙ୍ଗ ତୋର
କିଏସେ ଗଢିଛି ତୋତେ।
ତୁ ନ ଆସିଲେ ଶରତଋତୁଟା
ଶୋଭା କମ ପାଏ ମରତେ।

ତୋ ନାମ କରଣ କିଏସେ କରିଲା
ଦେଖି ତୋର ଲମ୍ବା ଦେହକୁ।
କାଶତଣ୍ଡୀ ବୋଲି ପରିଚିତ ହେଲୁ
ସୁନ୍ଦର ତୁ ନଦୀ ପଠାକୁ।


*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ*
*ଲୋକନାଥ ସଦନ, କାଳୁନନ୍ଦ ନଗର,*
*ପୋଖରୀପୁଟ, ଭୁବନେଶ୍ୱର*


# ଲୋକପ୍ରିୟ ଗହଳି

### ବିଭୁଦତ୍ତ ଦାସ



ମୁଁ ଲୋକପ୍ରିୟ ସେଇ ଗହଳି ମଧ୍ୟେ
କୋଳାହଳ, ଦୁଃଖ, ସୁଖ, ପର
ଆପଣାର ନରଖି କିଛି ଭେଦ
ହସର ଲହରୀ ଯୋଉଠି ଅଳସ ଭାଙ୍ଗେ
ଭାବିକି ହସ ଲାଗେ, ସେଇ ଗହଳି କଥା
ହସଲାଗେ ଦେଖି ନିଜକୁ ଅନ୍ୟଠାରୁ
ଉଚ୍ଚ ଦେଖାଇବାର ସେଇ ପାଗଳ ପ୍ରଚେଷ୍ଟା
ତର୍କରେ ଜିତି କୁଣ୍ଢେମୋଟ ହେବାର ଗାଥା।
ହସ ଲାଗେ ସେଇ ଝଗଡ଼ା କଥା ଭାବି
ମୋର ସେ ଚେଷ୍ଟା ଯୁଦ୍ଧ ରେ ଜିତିବାଲାଗି।
ପୁଣି ସେ ଯୁଦ୍ଧ ରେ ନଥାଏ କୌଣସି ପୁରସ୍କାର
ତଥାପି ଅଯଥା କଥାବି ସେ ଗହଳିରେ ସୁନ୍ଦର।
ପ୍ରତେକଟି ଚା ଦୋକାନରେ ଜମେ ଏହି ଗହଳି
ଲାଗେ ଗପର ମେଳା,
ଆଉ ବାଜେ ଖୁସିର କାହାଳୀ
କାହାର ଉନ୍ନତି ସାଜେ ଆମର ଗୋଟେ ଖୁସି
ଫିଷ୍ଟ କରିବା ପାଇଁ ବାହାନା ରଖିଥାଉ ସାଇତି।
ସେ ଚା କପ୍ ମଧ୍ୟରୁ ଆସୁଥିବା ଉଷ୍ମ ଧୂଆଁ
ରଚି ଚାଲେ କେତେ କଳ୍ପନା, ଜଳ୍ପନା
କାହାଣୀ, ଆଉ କେତେ ରଚନା
ସେଇ ସବୁ ରୋମାଞ୍ଚ ସତେ କରେ କିମିଆ।
ସେଇ ଗହଳି ଅଟେ ଅତି ନିଆରା ଢଙ୍ଗର
କିଏ କହେ ତାକୁ ସାଙ୍ଗମେଳ, କିଏ କହେ ଖଟି।
ଖୁସିରେ ପୁରେ ପେଟ ଯେବେ ସିଂହ ପଳାୟନ କରେ
ମୋର ଏଇ ପ୍ରିୟର ଶୃଗାଳ ଦଳକୁ ଦେଖି।
ଅଜଣା ଏ ଭିଡ଼ରେ ସମସ୍ତେ ଲାଗନ୍ତି ଆପଣାର
କିଏ ପର କିଏ ନିଜର ନଥାଏ କୌଣସି ପାରାବାର।
ମୁଁ ଲୋକପ୍ରିୟ ଅଟେ ସେହି ଗହଳି ମଧ୍ୟରେ।
ହସୁଥାଏ ଭୂଷିତ କରାଇ ନିଜକୁ ନାନା ଉପାଧିରେ।
ଉଚ୍ଚ, ନୀଚ, ଧନୀ, ଗରିବ, ନାମ, କାମ
ମୁଁ ଯାହା ତାହା ପଡ଼େ ଏଇଠି ଭୁଲିବାକୁ।
ହୁଏ ନାମକରଣ, ଗାରାଇ ଦେଇ ମୋ ମୂଳ ନାମକୁ
ଖୁସି ହେଉଥାଏ ନୂତନ ନାମ ନେଇ ବଞ୍ଚିବାକୁ।


*ମାର୍ଫତ - ଏସ.ଏସ. ସାହୁ,*
*ପ୍ଲଟ - ୪୩୬,ଲେନ-୩,*
*ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର*
*ଦୂରଭାଷ : ୮୪୫୬୯୨୩୭୨୩*


# ଏକତା ତ୍ରିରଙ୍ଗା ତଳେ

### ଛବିରାଣୀ ପତି



ଅମାବାସ୍ୟାର ଘଡିସନ୍ଧି ମୁହୂର୍ତ୍ତ
ଚାରିଆଡେ ଅଦ୍ଭୁତ ନିଃସ୍ତବ୍ଦତା
ଦେଶ ଆଉ ନାରୀ ଅସ୍ତିତ୍ୱ କୁ ନେଇ
ବେଶ୍ କିଛି ସମତା କିଛି ଅସମତା
ଅଭେଦ ପ୍ରଭେଦ ବିଭେଦ!
ଏ ମାଟି ପ୍ରତି ମହଣ ମହଣ ମମତା
ଧୂସର ରକ୍ତରେ ଜୁଡୁବୁଡୁ ପଣତ
କାହାକୁ କରିଛି କ୍ଷୁବ୍ଧ ତ କାହାକୁ ଲଜ୍ଜିତ!
ତେବେ ସାମ୍ପ୍ରତିକ ସ୍ଥିତି ନେଇ
କିଛି କରିବାର ଯୁ ଅଛି କର!
ଏତେ ତୁମ୍ବୀ ତୁଫାନ ଆର୍ତ୍ତ କୁହାଟ କାହିଁକି?
ଏଇ ସବୁ କ୍ଷେତ୍ରରେ ସବୁ ବିଷୟରେ
ଦେଶ ଆଉ ଦେହ କାହିଁ ବନ୍ଧା ପଡେ କେଜାଣି?
ସେ କଣ ସତରେ କାହାର ଜାଗିର୍?
ବିରାଟ ପ୍ରଶ୍ନ ଆଜି ସବୁରି ମନରେ...।
ତାଳ ରୁ ତଳିପା...
ସବୁ ତ ଦେଶର ଅଙ୍ଗ ପ୍ରତ୍ୟଙ୍ଗ!
ସମଗ୍ର ବସୁଧା ପରା ଗୋଟିଏ କୁଟୁମ୍ବ!
ଏ ଧର୍ମାନ୍ତରୀକରଣ ର ପ୍ରଶ୍ନ କାହିଁକି?
କରଣ, କାରଣ, କର୍ତ୍ତା, କ୍ରିୟା, କର୍ମ
ଏସବୁ କଣ ...?
ଦେଶର ମସ୍ତକ କିଏ?
ଆଉ କିଏ ନାଭି, କିଏ ହୃଦପିଣ୍ଡ?
ଆଗଙ୍ଗା ଗୋଦାବରୀ କୃଷ୍ଣା କାବେରୀ
କାଶ୍ମୀରୀ ଠୁଁ କନ୍ୟାକୁମାରୀ
ବିଶ୍ୱ ବନ୍ଦିତା ପୁଣ୍ୟତୋୟା
ମୋ ଭାରତ ମାତାର ଶିରୀ ତ ସବୁରୀ!
ଆଖିରେ ଅଳନ୍ଧୁ ଥିଲେ କିଛି ଦିସେନା
ନା ସ୍ୱପ୍ନ, ନା ଲୁହ, ନା ନେନ୍ଦରା?
ପାଦରେ ଭାରତ ମାତାର ଦୁଇଧାର ଅଳତା ରେ
ସୁରକ୍ଷିତ ଥାଏ ମୋ ଦେଶ ମୋ ତ୍ରିରଙ୍ଗା
କାଦୁଅ, କାଚ, କଣ୍ଟା ଏଇ ସବୁ ଦୁର୍ବୃତ୍ତ!
ଦୁଷ୍ଟ ଚରିତ୍ର, ବାଲୁଙ୍ଗା, ଅକାଳ କୁଷ୍ମାଣ୍ଡ
ଯାହାର ସ୍ଥିତି କ୍ଷୀଣ ଆଉ କ୍ଷଣ।
ରେ ପୂତ, ଆଗେ ସେ ମନକୁ ସଜାଡ
ଦେଶ ପ୍ରେମ,ଜାତି ପ୍ରୀତି,ଜାତିଆଣ ଖ୍ୟାତି
ମାତୃ ବନ୍ଦନା ଭକ୍ତି, ସକଳ ପାପରୁ ମୁକ୍ତି
ଏସବୁ ଚରେଇବେତୀ ଚରେଇବେତୀ
ବିନା ପ୍ରୟାସରେ ବିନା ଏତେଲାରେ
ଅନାୟସେ ଆପେ ହୋଇଯାଏ ହୋଇଯିବ।
ତା ବି ବିନା ଯୁଦ୍ଧରେ...
ବିନା କମା, ବିନା ପ୍ରଶ୍ନ, ବିନା ବିସ୍ମୟ
ପୁଣି ବିନା ବନ୍ଧନୀରେ
ସେ ଶବ୍ଦର ହେଉ ଅବା ଦଙ୍ଗାର
ପୂର୍ଣ୍ଣଚ୍ଛେଦ ସୁନିଶ୍ଚିତ...!
ଏକତା ମୋ ତ୍ରିରଙ୍ଗା ତଳେ।


*ମଧ୍ୟଶାସନ, ବିରିଡ଼ି, ଜଗତସିଂହପୁର*
*ଦୂରଭାଷ : ୯୩୩୭୯୬୦୦୬୦*


# ନାଗଚମ୍ପା

### ମନୋଜ ମହାନ୍ତି





କାଳିଆ ହେଇ ମଳିଛା ପିଲାଟିଏ, ଦେହରେ ଛିଣ୍ଡା ପ୍ୟାଣ୍ଟ, ଖୋଲାଦେହ, ନୁଖୁରା କେଶ, ବୟସ ବୋଧେ ଏଗାର କି ବାର। ହାତରେ ଗୋଟେ ନୂଆ ବାଉଁଶ ପାତିଆର ଡାଲା ଆଉ ଡାଲା ଭିତରେ ପତ୍ର ଠୋଲାରେ ଖଞ୍ଜା ହେଇ ଭୁରୁଭୁରୁ ବାସ୍ନାରେ ମହକୁଚି ଫିକା ହଳଦୀ ରଙ୍ଗର ନାଗଚମ୍ପା!

ଗୋଟେ ଉଚ୍ଚାଟ ଡାକ ଖୋଲା ଖାଙ୍କରା ପେଟ ପାଖରୁ ରଡ଼ି ଛାଡୁଚି ଚମ୍ପା ନିଅ ଚମ୍ପା... ଠୋଲା ଦଶ ଟଙ୍କା।

ତା ପଛକୁ ଅଠର ପାଖର ଯୁବା ଝିଅଟିଏ, କାନ୍ଧ ଉପରକୁ ଗୋଟାଏ ଗଣ୍ଠିରେ ସାରାଟା ଶାଢ଼ିକୁ ଜାବୁଡ଼ି ଧରି ରଖିବାର ଦମ୍ଭ। ଆଣ୍ଠୁ ତଳକୁ ମୁକୁଳା ପଣ ଜଙ୍ଗଲି ଝରଣାପରି ସ୍ରୋତସ୍ୱିନି ଲାଗେ ପାଦ ଯାଏଁ। ମୁଣ୍ଡ ଉପରେ ଡଙ୍ଗରର କଳାମୁଗୁନି ପରି ଗଭାଟିଏ। ଅଧା ଲଙ୍ଗଳା ସାନଭାଇର କାନ୍ଧ ଉପରେ ହାତ।

ବାଇକ୍ ରଖି ଓହ୍ଲାଇ ଯାଇଥିଲି ଠୋଲାଏ ଫୁଲର ମହକରେ ଆତ୍ମସ୍ଥ ହେଇ। ଶାବ୍‌ଜା ହେଇ ହାତଟାଏ ଲମ୍ବି ଆସିଥିଲା ମୋ ଆଡ଼କୁ.... ଠୋଲା ଦଶଟଙ୍କା।

ଅଠର ବର୍ଷ ତଳର ସେଇ ଅପରାହ୍ନରେ ଜଙ୍ଗଲ ଭେଦୀ, ଉଠି ଆସିଥିବା ଦଲକାଏ ଖରା ମୋ ପଚିଶ ପାଖର ବୟସକୁ ଦୋହଲାଇ ଦେଇଥିଲା। ଆଃ... ଜଙ୍ଗଲ କ'ଣ ଏତେ ମୁଗ୍ଧ କରିପାରେ!

ରାସ୍ତାକଡ଼କୁ ଏକର ଏକର ଶାଗୁଆନ ଆଉ ଶାଳ ଜଙ୍ଗଲ ସହ କେତେ ଶହ ଚମ୍ପା ଗଛଥିଲା ଜଣା ନାହିଁ ମୋତେ। ମାତ୍ର ପଥଚାରିଙ୍କ ପାଇଁ ନାଗଚମ୍ପା ଅପେକ୍ଷା ରଖୁଥିଲା ପତ୍ରଠୋଲାରେ ବାସ୍ନାହୋଇ। ଚମ୍ପାଫୁଲ ପରି ସରଳ ମଣିଷର କଣ୍ଠରୁ ଝରି ଆସୁଥିଲା ଫୁଲର ପସରା ସହ ଚମ୍ପା ନିଅ ଚମ୍ପା...!

ଅଠର ବର୍ଷ ପରେ- କେଉଁଠି ହଜିଗଲା ସେ ଚମ୍ପା ବଣ? ପଚାରିବାର ଇଚ୍ଛା ଥିଲେ ବି କେବେ କେମ୍‌ତି ସେଇ ଛକ ଜାଗାରେ ଚା' ପିଇଚି ସିନା ଚମ୍ପାଫୁଲର ଠୋଲା ପାଇଁ କାହାକୁ ପଚାରି ନାହିଁ।

ପଚାରି ନାହିଁ ବି ସେଇ ଅଧାଲଙ୍ଗଳା ପିଲା ସହ ଅଠର ପାଖର ସେହ ସ୍ରୋତସ୍ୱିନି ତରୁଣୀଟି ହଜିଗଲା କୁଆଡ଼େ! ହଜିଗଲା ତ ଗଲା କୁଆଡ଼େ?

ଅଠର ବର୍ଷପରେ ପୁଣିଥରେ ସେଇ ତ୍ରିଶାଖା ଛକ ରାସ୍ତାରେ ପାଦ ଦେଲା ବେଳକୁ ବଦଳି ଗଲାଣି ଅନେକ କିଛି। ଜଙ୍ଗଲ କଟା ହେଇ ରାସ୍ତା ଚଉଡ଼ା। କେବେ କେମ୍‌ତି ଟ୍ରକ୍-ବସ୍ ଗଡୁଥିବା ରାସ୍ତାରେ ଏବେ ଭିଡ଼ ଯେ ଭିଡ଼। କେତେ ଚା, ପାନ, ଜଳଖିଆ ଦୋକାନ।

ହଜିଗଲା କି ଚମ୍ପା ଫୁଲିଆ ମହମହ ବାସ୍ନାର ମାଟି! କେଉଁଠି ହାମୁଡ଼ି ପଡ଼ିଲାକି ଆଦିମତାର ସରଳ ଜୀବନ ସଭ୍ୟତାର ଲଙ୍ଗଳା ଦେହରେ। କିଏ ଛଡ଼ାଇ ନେଲା ଡଙ୍ଗର ସହିତ ଆକାଶର ସହବାସ? କିଏ?

ଅନାବିଳ ମନେ ହେଉଥିବା ଆଦିମ ଭାଷାଠୁଁ ଏବେ ଅନେକ ଭାଷର ଗୁଞ୍ଜନ! ଏକର ଏକର ଜଙ୍ଗଲ ଭୂଇଁ ସଫାହେଇ ମକାଚାଷ! କିଏ ଶିଖାଇଦେଲା ଲୋପ ପାଇଯିବାର ନୂଆ ତରିକା? ଠୋ ଠୋ ହସୁଥିବା ପ୍ରକୃତିର ଦାନ ଶାଳ ଜଙ୍ଗଲ ଏବେ ଅବକ୍ଷୟର ଦ୍ୱାରରେ! ମୁଁ ହତାଶ ହେଲି। ଆଦିମ ସମ୍ମୋହନ ନଥିଲା ଆଉ ଏଠି।

ବାଇକ ଗଡ଼ାଇଲି ଆଗକୁ। ମୋ ଆଗରେ ନାଚିଗଲା ସେଦିନର ଚିତ୍ରଟିଏ- ନାଗଚମ୍ପାର ଠୋଲା ଆଉ ଆଦିମ ତରୁଣୀ। ଲାଜଲାଜ ଆଖିରେ କଳା ଘୁମର ମେଘର ଶୃଙ୍ଗାର।

ଆଗରେ ବୁଢ଼ୀ ଡୁକୁରୀର ସିନ୍ଦୁରବୋଳା ଦେହକୁ ଖୋଜିଲି। ନା ସେ ବି ଘୁଞ୍ଚି ଯାଇଚି ପଛକୁ। ଗଛତଳେ ଖୋଲା ପଡ଼ି ସିନ୍ଦୁର ଆଉ କୁକୁଡ଼ା ରକ୍ତରେ ଗାଧୋଉଥିବା ଠାକୁରାଣୀ ପାଇଁ କେଉଁ କଣ୍ଟ୍ରାକ୍‌ଟର ତିଆରି ଦେଇଚି ମନ୍ଦୀରଟିଏ। ନା' ମୋତେ ଆସକ୍ତ ଲାଗିଲା ନାହିଁ ଏ ମନ୍ଦିରର ଡୁକୁରିବୁଢ଼ୀକୁ। ସେ ତ ଖୋଲା ମେଲା ପ୍ରକୃତୀ ସହ ଯୋଡ଼ି ହେଇଥିଲା। କିଏ ବନ୍ଦ କରିପାରିଲା ଲୁହାଗେଟ୍ ସେପାଖେ ଇଟା ସିମେଣ୍ଟର ବନ୍ଧନ ଭିତରେ! ଜଙ୍ଗଲର ମେଲା-ମୁକୁଳାପଣକୁ କେଉଁ ମୂର୍ଖ କଏଦ କରିବାର ଧୃଷ୍ଟତା କଲା?

ମନ୍ଦିର ପାଖରେ ବସି ପଡ଼ିଲି। ସେବେଳର ଦିଶାରୀ ଏବେ ବୁଢ଼ା ହେଇ ଗଲାଣି। ମୁଁ ପଚାରି ବସିଲି ନାଗଚମ୍ପାର ବଣ କେମ୍‌ତି ମରିହଜି ଗଲା? ବୁଢ଼ା ମୋ ମୁହଁକୁ ଚାହିଁ କହିଲା- କେବର କଥାରେ ବାବୁ? ସେ ତ ଖୁବ୍ ପୁରୁଣା ହେଲାଣି। ବଡ଼ବଡ଼ ଆଖିରେ ମୋତେ ଚାହିଁଲା ଯେମ୍‌ତି ଚିହ୍ନିବାକୁ ଚେଷ୍ଟା କରୁଚି!

ବୁଢ଼ା ଗପିଲା- ଏଇ ରାସ୍ତା ଚଉଡ଼ା କାମରେ କେତେ ଜଙ୍ଗଲି ଗଛ ହଣା ଖାଇଲେ ତାର ହିସାବ କା' ପାଖରେ ନାହିଁ। କଣ୍ଟ୍ରାକ୍‌ଟର ଆସିଲା, ମୁନ୍‌ସି ଆସିଲା, ମେଟ୍ ଆସିଲା, ଅଫିସର ଆସିଲା। ଡାକ ବଙ୍ଗଳା ଉଠିଲା, ପଡ଼ିଲା। କୁକୁଡ଼ା ମଦରେ ବନଖଣ୍ଡ ଓଦା ହେଇଗଲା। କିଏ ପଚାରିଲା ନାହିଁ ଡୁକୁରି ବୁଢ଼ୀର କଥା! ମୁଁ ମାତ୍ର ଜଗି ବସିଲି, ମା'ର ଆସ୍ଥାନ ଭଙ୍ଗାଇ ଦେବି ନାହିଁ। ଆମ ପିଢ଼ିପିଢ଼ିର ବିଶ୍ୱାସ, ଆମ ପରମ୍ପରାର କାହାଣୀ ଯୋଡ଼ି ହେଇ ରହିଚି ଡୁକୁରି ବୁଢ଼ୀ ସହ।

ବୁଢ଼ା ଦମ୍ ମାରିଲା ଯେମ୍‌ତି କିଏ ତାକୁ ଉପାଡ଼ି ଫୋପାଡ଼ି ଦେଇଚି ଦୂରକୁ, ଆଉ ସେ ସମ୍ଭାଳୁଚି ନିଜକୁ!

ଶୁଣାଇ ଦେଲିରେ ବାବୁ ଏଇଠୁ ଉଠାଇ ଦେବୁ ଦେବୀକୁ ତ ତୋ ସର୍ବଂଶ ଖାଇଯିବ...! ମଦ କୁକୁଡ଼ା ନେଇ କେତେଥର ମୋ ଘର ଆଡ଼େ ଆସିଚି ମୁନ୍‌ସି.... ଭଗାଇ ଦେଇଚି ତାକୁ।

ଏଇ ଜଙ୍ଗଲ ଦେଖିଚି, ଆକାଶ ଦେଖିଚି ମାଟି ଦେଖିଚି କେମ୍‌ତି ଲୁଟ୍ ହେଇ ଯାଇଚି ଆମ ମା ଭଉଣୀର ଇଜ୍ଜତ୍! ଡାକବଙ୍ଗଳାରୁ କେତେ ଯୁବା ଝିଅଙ୍କର ଚିତ୍କାର ଥରାଇ ଦେଇଚି ରାତିର ଅନ୍ଧାର। ରାସ୍ତା କାମ ସରିଲା ବେଳକୁ ଆମେ କେତେ ହରାଇଲୁ କେଉଁ ହିସାବ ପାଇଲୁକି?

ଡୁକୁରି ବୁଢ଼ୀ ଏଇଠି ଶାଳ, ଚମ୍ପା ଆଉ ବରଗଛ ଯେଉଁଠି ଏକାଠି ହୋଇଥିଲେ ସେଇଠି ଚୁପ୍‌ଚାପ୍ ସବୁ ଶୁଣିଚି, ସବୁ ଦେଖିଚି। ସେଇ ତିନିଟା ଗଛର ସନ୍ଧି ଜାଗାରେ ବସି ସେମ୍‌ତି ନିଜର ପ୍ରିୟ ଚମ୍ପାଫୁଲ ମାଖି ହେଇଚି ଦେହରେ, ସିନ୍ଦୁର ବୋଳି ହେଇଚି, କୁକୁଡ଼ା ରକ୍ତ ଖାଇଚି, ହେଲେ ପାଟି ଫିଟାଇ ନାହିଁ।

ହେଲେ ସେଦିନ ରାତିରେ ଜହ୍ନ ମଖା ଜଙ୍ଗଲ ଯେଉଁ ଚିତ୍କାର ଶୁଣିଥିଲା, ସେଇ ଦିନଠୁ ଦେବୀର ପଥର ଦେହରୁ ଯେମ୍‌ତି ରକ୍ତ ଝରିଲା। କେଉଁ ଯୁବାଝିଅଟିଏ, ଯା'କୁ ବିଦାରି ଦିଆଗଲା ମାଟି ପରି ଆଉ ଫୋପାଡ଼ି ଦିଆଗଲା ଏଇ ଜଙ୍ଗଲ ଭିତରେ। ତା' ଆରଦିନ ସକାଳକୁ ସତେଜ ଚମ୍ପାଫୁଲ ଠୋଲାରେ ନେଇ ଦେବୀକୁ ସିନ୍ଦୁର ମାଖିବା ବେଳକୁ ଦେଖିଲି, ସେଇ ଦେବୀ ଆସ୍ଥାନର ନାଗଚମ୍ପା ଡାଳରେ ଝୁଲିରହିଚି ଗୋଟେ ଆଦିବାସୀ ଝିଅର ଲଙ୍ଗଳା ଦେହ।

ପୋଲିସ ଆସି ଲାସ୍ ନେଲାପରେ କେଇ କାଳୁ ରକ୍ତସିନ୍ଦୁରରେ ବୋଳି ହେଇ ଲାଲ୍ ଦିଶୁଥିବା ଦେବୀର ପଥର ଦେହକୁ ଗରାଗରା ପାଣିରେ ଧୋଇଥିଲି। ଧୂପ, ଝୁଣାରେ ମହକାଇଥିଲି, ନଡ଼ିଆ ଭାଙ୍ଗି ଲମ୍ବ ହେଇ ତା' ପାଁ ତଳେ ପଡ଼ି ଗୁହାରି କରିଥିଲି। ମଦ ଢାଳି ଦେବୀର ଆସ୍ଥାନକୁ ପବିତ୍ର କରିଥିଲି। ହେଲେ କେଉଁ ଦେବୀ ଶୁଣିଲା କି?

କୁକୁଡ଼ାର ରକ୍ତ ଯେମ୍‌ତି ଖାଉଥିଲା ଖାଇଲା, ନଡ଼ିଆ ପାଣି ଯେମ୍‌ତି ପିଉଥିଲା ପିଇଲା, ଝୁଣା ଧୂଆଁରେ ଗାଧେଇଲା ବି ସେମ୍‌ତି ହେଲେ ଚମ୍ପା ଫୁଲ...!

ମୁଁ ପଚାରି ବସିଲି- ହଁ... ହଁ ଚମ୍ପା ଫୁଲ?

ବୁଢ଼ା କହିଲା- ନା' ଦେବୀ ଆଉ ଚମ୍ପା ଫୁଲ ମାଖିହେଲା ନାହିଁ ଦେହରେ! ଏଇ ସକାଳକୁ ଚଢ଼େଇଥିବା ଚମ୍ପାଫୁଲକୁ ଖରା ସମୟକୁ ଦେଖିଲା ବେଳକୁ ଫୋପାଡ଼ି ଦେଉଥିଲା ଦୂରକୁ! ତା ପ୍ରିୟ ଚମ୍ପା ଫୁଲ ପ୍ରତି ଆଉ ତାର ଆଦର ନଥିଲା। ବୁଢ଼ା ପୁଣି କହିଲା- ହେଲେ ମୁଁ କେଉଁ ଛାଡ଼ିଲି କି? ସବୁଦିନ ସକାଳୁ ସେଇ ଠୋଲାଏ ଚମ୍ପାଫୁଲ ମାଖି ଦେଉଥିଲି ଦେବୀର ଦେହରେ। ଦେବୀ ସହିଲା ନାହିଁ। କେଇଟା ମାସରେ ଏଇ ଜଙ୍ଗଲରେ ଯେଉଁ ପାଂଚଶହ ପାଖାପାଖି ଚମ୍ପାଗଛ ଥିଲା ସବୁ ଠିଆଠିଆ ଶୁଖି କାଠ ହେଇଗଲା!

ଏତେ କାହାଣୀ ଶୁଣିଲା ବେଳକୁ ସଞ୍ଜ। ଫାଳେ ଜହ୍ନ ବାହାରି ଆସିଲାଣି ପାହାଡ଼ ସେପଟୁ। ଏବେ ଜହ୍ନଟା ଜଙ୍ଗଲ ମୁହାଁ। ମୋତେ ଲାଗିଲା ସେଇ ଅଠର ବର୍ଷତଳେ ମୋ ହାତକୁ ଠୋଲାଏ ନାଗଚମ୍ପା ବଢ଼ାଇ ଦେଇଥିବା ନାକ କାନ୍ଦୁରୀ ଆଦିମ ଝିଅଟାର ଦେହ ଯେମ୍‌ତି ଝୁଲି ପଡ଼ିଥିଲା ସେଇ ନାଗଚମ୍ପା ଗଛର ଡାଳରେ!

ଦିଶାରୀ ବୁଢ଼ା ଧୂପଦୀପ ସିନ୍ଦୁରରେ ଦେବୀକୁ ମାଜଣା କଲା ବେଳକୁ ମୁଁ ଆଉ ଖୋଜୁ ନଥିଲି ସେଠି ନାଗଚଂପା!


*ଜୁନାଗଡ଼, କଳାହାଣ୍ଡି-୭୬୬୦୧୪*
*ଦୂରଭାଷ : ୯୪୩୭୩୨୮୭୫୮*

### ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ସରକାରଙ୍କ ଘୋଷଣା

# ମାଗଣା ମେଡିକାଲ୍, ଇଞ୍ଜିନିୟରିଂ ପଢ଼ିବେ ମେଧାବୀ

**ଭୁବନେଶ୍ୱର:** ସରକାରୀ ମେଡିକାଲ୍ ଓ ଇଞ୍ଜିନିୟରିଂ କଲେଜରେ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ସମସ୍ତ ଛାତ୍ରଛାତ୍ରୀ ଏଣିକି ସମ୍ପୂର୍ଣ୍ଣ ମାଗଣାରେ ପାଠ ପଢ଼ିବେ। ସେମାନଙ୍କ ନାମଲେଖାଠାରୁ ଆରମ୍ଭ କରି ବହି କିଣିବା ପର୍ଯ୍ୟନ୍ତ ସମସ୍ତ ପଢ଼ାଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା (ଏମଏମସିପିଓ୍ୱାଇ) ଅଧୀନରେ ଏହି ବର୍ଗର ସମସ୍ତ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା (ଏମଏମସିପିଓ୍ୱାଇ)କୁ ମେଧାବୀ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଅଧିକ ବ୍ୟାପକ କରାଯାଇଛି। ଚଳିତ ଶିକ୍ଷାବର୍ଷ(୨୦୨୩-୨୪)ରେ ନାମଲେଖାଇଥିବା ଏହି ବର୍ଗର ଛାତ୍ରଛାତ୍ରୀ ମାଗଣାରେ ପାଠ ପଢ଼ିବେ। ପାଠପଢ଼ା ପାଇଁ ସେମାନଙ୍କ ଆଗରେ ଅର୍ଥ ବାଧକ ସାଜିବ ନାହିଁ। ନାମଲେଖାଠାରୁ ଆରମ୍ଭ କରି ବାର୍ଷିକ ଓ ସେମିଷ୍ଟର ଫି, ପରୀକ୍ଷା ଫି, ହଷ୍ଟେଲ ଫି' ଆଦି ବାବଦୀୟ ଖର୍ଚ୍ଚ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ବହନ କରିବ। ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଜନା ଅଧୀନରେ ରାଜ୍ୟ ବଜେଟରୁ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଏସ୍ସି, ଏସ୍ଟି ଛାତ୍ରଛାତ୍ରୀଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯିବ।ସୂଚନା ମୁତାବକ, ଏମଏମସିପିଓ୍ୱାଇ ଅଧୀନରେ ମେଡିକାଲ୍ ଏବଂ ଇଞ୍ଜିନିୟରିଂ(ବି ଟେକ୍, ଏମ ଟେକ୍) ପଢୁଥିବା ଯୋଗ୍ୟ ଏସ୍ଟି ଏବଂ ଏସ୍ସି ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟକ୍ରମ ଅବଧିର ସମ୍ପୂର୍ଣ୍ଣ କୋର୍ସ ଫି' ଅନ୍ତର୍ଭୁକ୍ତ ହେବ। କୋର୍ସ ଫି'ରେ ନାମଲେଖା ଦେୟ, ପ୍ରାରମ୍ଭିକ ଜମା, ବାର୍ଷିକ ପାଠ୍ୟକ୍ରମ ଫି(ଟ୍ୟୁସନ୍ ଫି' ଏବଂ ଅନୁଷ୍ଠାନକୁ ସମସ୍ତ ବାଧ୍ୟତାମୂଳକ ଦେୟ), ହଷ୍ଟେଲ ନାମଲେଖା ଦେୟ ଏବଂ ବାର୍ଷିକ ହଷ୍ଟେଲ/ମେସ୍ ଚାର୍ଜ ଏବଂ ପାଠପଢ଼ା ବାବଦ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏପରିକି ବହି ଓ ଅଧ୍ୟୟନ ବାବଦ ସାମଗ୍ରୀ କୋଚିଂ/ ଟ୍ୟୁଟୋରିଆଲ୍ ଖର୍ଚ୍ଚ ଏଥିରେ ଅନ୍ତର୍ଭୁକ୍ତ ହେବ। ଅନୁଷ୍ଠାନର ଡିନ୍/ମୁଖ୍ୟ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାକ୍ଷରିତ ଏ ସମସ୍ତ ଖର୍ଚ୍ଚକୁ ଏହି ଯୋଜନା ଅଧୀନରେ ଭରଣା ପାଇଁ ଜିଲ୍ଲାପାଳଙ୍କ ନିକଟକୁ ପଠାଇବେ। ଜିଲ୍ଲାପାଳଙ୍କୁ ମଞ୍ଜୁରୀ ପରେ ସେମାନଙ୍କ ଅର୍ଥ ମଞ୍ଜୁର କରାଯିବ। ୨୦୨୩-୨୪ ଶିକ୍ଷା ବର୍ଷରୁ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଥିବାବେଳେ ବିଭାଗକୁ ସମସ୍ତ ଯୋଗ୍ୟ ଏସ୍ଟି ଓ ଏସ୍ସି ଛାତ୍ରଛାତ୍ରୀଙ୍କ ତଥ୍ୟ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପଠାଇବେ। ଏପରିକି ଚଳିତ ଶିକ୍ଷା ବର୍ଷରେ ନାମଲେଖା ବାବଦ ଫି' ପୈଠ କରିଥିବା ଛାତ୍ରଛାତ୍ରୀଙ୍କୁ ଫି' ଫେରସ୍ତ କରାଯିବ। ଜିଲ୍ଲାପାଳମାନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ ହେବାକୁ ଥିବାବେଳେ ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ସଚିବ ରୂପାରୋଶନ ସାହୁ ଚିଠି ଲେଖି ଅବଗତ କରିଛନ୍ତି।

# ନିର୍ମାଣ ଶ୍ରମିକଙ୍କ ସହାୟତା ମେଳା

**କାକଟପୁର :** ଶ୍ରମିକ ହେଉଛନ୍ତି ଦେଶର ମେରୁଦଣ୍ଡ। ଶ୍ରମିକଙ୍କ ବିନା କୌଣସି ପ୍ରକାର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବନାହିଁ। ଓଡିଶାର ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଓଡିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଗଠନ କରାଯାଇଛି। କୋଠାବାଡି ଓ ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ ଆଇନ, ୧୯୯୬ ଅନୁଯାୟୀ ରାଜ୍ୟ ସରକାର ଡିସେମ୍ବର ୧୫, ୨୦୦୮ରୁ ପ୍ରତ୍ୟେକ ନିର୍ମାଣ ସଂସ୍ଥାଠୁ ନିର୍ମାଣ ପ୍ରକଳ୍ପର ମୋଟ ଖର୍ଚ୍ଚର ୧%ସେସ୍ ବାବଦରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପାଣ୍ଠିରେ ପୈଠ କରିବାକୁ ଘୋଷଣା କରିଛନ୍ତି, କଲ୍ୟାଣ ବୋର୍ଡ ତରଫରୁ ପଞ୍ଜିକୃତ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ନିମନ୍ତେ ଏହି ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଉଛି। କିନ୍ତୁ ରାଜ୍ୟ ସରକାର ଆଉ ଅନ୍ୟ ସଂସ୍ଥାର ବହୁ ଖୁଦ୍ର ଶ୍ରମିକ ମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ଏହି ଆନୁକୂଲ୍ୟରେ କାକଟପୁର ମୋତି କଲ୍ୟାଣମଣ୍ଡପରେ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି ଉତ୍ସବରେ



ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସଭା କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଛନ୍ତି। ଅନ୍ୟ ମାନଙ୍କ ଭିତରେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, ସାଂସଦଙ୍କ ପ୍ରତିନିଧି ଜ୍ଞାନ ସାହୁ, ଅସ୍ତରଙ୍ଗ ବିଡ଼ିଓ ଡ଼ଃ ବେବିତା ମଞ୍ଜରୀ ନାୟକ, ପୁରୀ ଜିଲ୍ଲା ଶ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ, ଶ୍ରୀଯୁକ୍ତ ବେହେରା ଏହି ଯୋଜନା ଅଧୀନରେ ଥିବା ବିଭିନ୍ନ ସହାୟତା ବିଷୟରେ ଆଲୋଚନା କରିଥିଲେ ଯଥା ଶିକ୍ଷାବୃତ୍ତି, ବିବାହ, ପ୍ରସୂତିକାଳୀନ, ମୃତ୍ୟୁ, ଅନ୍ତ୍ୟେଷ୍ଟିକ୍ରିୟା, ଦୁର୍ଘଟଣା, ଚିକିତ୍ସା, ପକ୍କାଘର ଯୋଜନା, ପେନସନ୍ ଯୋଜନା, ଏହି କାର୍ଯ୍ୟକ୍ରମରେ ଶତାଧିକ ନିର୍ମାଣ ଶ୍ରମିକ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରୁ ସମାଗମ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବମୋଟ ୩୧୭ ଜଣ ନିର୍ମାଣ ଶ୍ରମିକ ତାଲିକାଭୁକ୍ତ ହିତାଧିକାରୀଙ୍କୁ ୧କୋଟି ୫୫ଲକ୍ଷ ୩୩ ହଜାର ଚାରିଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମନ୍ତ୍ରୀ ଶ୍ରୀଯୁକ୍ତ ବେହେରା ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ସମସ୍ତ କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ, ଶାରୀରିକ ଶ୍ରମ କରୁଥିବା ଶ୍ରମିକ, ପର୍ଯ୍ୟବେକ୍ଷଣ, ବୈଷୟିକ କାର୍ଯ୍ୟ ରେ ନିଯୁକ୍ତ କର୍ମଚାରୀ ନିର୍ମାଣ ଶ୍ରମିକ ସଂଜ୍ଞାଭୁକ୍ତ ବୋଲି ପରାମର୍ଶ ଦେବା ସହ ପୁନଶ୍ଚ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନ୍ତତଃ ୯୦ଦିନ କାର୍ଯ୍ୟରତ ଶ୍ରମିକ ଏହି ଯୋଜନା ଅନ୍ତରଭୁକ୍ତ ବୋଲି ଜଣାଇଥିଲେ। ଆଉ କୌଣସି ଆବେଦନ କାରି କୌଣସି ଦଲାଲ ଓ କୌଣସି ନେତାଙ୍କ ନିକଟରେ ନପହଞ୍ଚି ସିଧା ଅନଲାଇନରେ ଆବେଦନ କରିବାକୁ କହିଥିଲେ। ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ସମସ୍ତ ପଞ୍ଚାୟତ ପିଇଓ ଓ ଜିଆରଏସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଶେଷରେ ଅନେକ ହିତାଧିକାରୀଙ୍କୁ ମଞ୍ଚରେ ଚେକ୍ ପ୍ରଦାନ କରାଯାଇଥିଲା। ପରିଶେଷରେ ଅତିରିକ୍ତ ଲେବର ଅଫିସର, ପୁରୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଫିସର ...

ଏ ସମ୍ପର୍କରେ ଆଡ୍ଭୋକେଟ୍ ଶରତ କୁମାର ଭୂୟାଁ ନିଜ ଅନୁଭୂତିରୁ କହିଛନ୍ତି, ସେ ନିଜେ ଜଣେ ଅବସରପ୍ରାପ୍ତ ଅଫିସରଙ୍କ ପାଇଁ ସ୍ଲଟ୍ ବୁକିଂ କରିବାକୁ ଯାଇ କିପରି ନିରାଶ ହୋଇଥିଲେ। ତାଙ୍କୁ ସବ୍ରେଜିଷ୍ଟ୍ରାର କାର୍ଯ୍ୟାଳୟର କିରାଣୀ ୧୦ ହଜାର ଦେଲେ କାମ ହେବ ବୋଲି କହିଥିଲେ। ମାତ୍ର ଲାଞ୍ଚ ନଦେବାରୁ ତାଙ୍କୁ ସ୍ଲଟ୍ ବୁକ୍ ପାଇଁ ମାସେରୁ ଅଧିକ ସମୟ ଲାଗିଥିଲା। ତାଙ୍କ କହିବା କଥା ଲାଞ୍ଚ ନଦେଲେ ଡିଡ୍ ହୋଇପାରୁନାହିଁ। ଲକ୍ଷେ ଟଙ୍କା ଲାଞ୍ଚ ଦେଲେ ସବ୍ରେଜିଷ୍ଟ୍ରାର କାର୍ଯ୍ୟରେ ହାତ ମାରୁଛନ୍ତି। ଟଙ୍କା ନମିଳିଲେ ଅବ୍ଜେକ୍ସନ କରି ଫାଇଲ ଯେଉଁଠିକୁ ସେଇଠି ରଖି ଦେଉଛନ୍ତି। ତେବେ ପ୍ରଶ୍ନ ଉଠୁଛି ଜଣେ ସରକାରୀ ଅଧିକାରୀ ଦରମା ନେଉଥିଲେ ବି ଲାଞ୍ଚ ଉପରେ ଏତେ ଗୁରୁତ୍ୱ ଦେଉଛନ୍ତି କାହିଁକି। ଏଭଳି କେଳେଙ୍କାରୀରେ ଜଟଣୀ ସବ୍ରେଜିଷ୍ଟ୍ରାର ଅଫିସର ସମସ୍ତ କର୍ମଚାରୀ ସମ୍ପୃକ୍ତ ରହିଛନ୍ତି। ଯେମିତିକି ଏହା ଏକ ଚେନ୍ ସିଷ୍ଟମରେ କାମ ହେଉଥିବା ଜଣାପଡିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଜଣେ ଆଇନଜୀବୀଙ୍କୁ ଏତେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ସେଠାରେ ଜଣେ ସାଧାରଣ ଲୋକ କିଭଳି ନ୍ୟାୟ ପାଉଥିବ। ଜଟଣୀ ଅଞ୍ଚଳରେ ଦିନକୁ ଦିନ ଜମି ଦର ବଢୁଥିଲା ବେଳେ ସବ୍ରେଜିଷ୍ଟ୍ରାର ଅଫିସରେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଯେଉଁଠି ବାଡ ଖାଉଛି ଫସଲ ସେଠାରେ କିଏ କାହାକୁ ଜଗିବ। ଏହା ବିରୁଦ୍ଧରେ ଆଇଜିଆର (ଇନ୍ସିପେକ୍ଟର ଜେନେରାଲ ଅଫ ରେଜିଷ୍ଟ୍ରେସନ) ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

### ରୋଗୀ ...

ହଟ୍ସ୍ପଟ୍ ରହିଛି। ବର୍ତ୍ତମାନ ସୁଦ୍ଧା ଖୋର୍ଦ୍ଧା ଜିଲ୍ଲାରୁ ୧୪୪୫ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ଏହାବାଦ୍ ପୁରୀ ୩୯୪, କଟକ ୩୫୩, ବାଲେଶ୍ୱର ୩୧୮, ଜଗତସିଂହପୁର ୧୯୭, ନୟାଗଡ଼ ୧୩୫, ସୁନ୍ଦରଗଡ଼ ୯୩, କେନ୍ଦୁଝରରୁ ୯୦ ଆକ୍ରାନ୍ତ ବାହାରିଛନ୍ତି। ଗତବର୍ଷ ଏହି ସମୟରେ ରାଜ୍ୟରେ ୨୧୭୮ ଡେଙ୍ଗୁ ରୋଗୀ ବାହାରିଥିଲେ। ଖୋର୍ଦ୍ଧା ପରେ ଗତବର୍ଷ କୋରାପୁଟ ଜିଲ୍ଲା ସଂକ୍ରମଣରେ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଚଳିତବର୍ଷ କୋରାପୁଟ ଅନ୍ୟ ଜିଲ୍ଲା ତୁଳନାରେ ସଂକ୍ରମଣରେ ଭଲ ସ୍ଥିତିରେ ରହିଛି। ଅପରପକ୍ଷରେ ଚଳିତବର୍ଷ ରାଜ୍ୟରେ ଡେଙ୍ଗୁ ନମୁନା ପରୀକ୍ଷା ସଂଖ୍ୟା ୫୦ହଜାର ପାର୍ କରିଛି। ଡେଙ୍ଗୁ ପରୀକ୍ଷା ପାଇଁ ଅଧିକ ୪୦ଟି କେନ୍ଦ୍ର ଖୋଲାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ପାଣିପାଗ ସ୍ଥିତି ଭଲ ନ ଥିବା ଜିଲ୍ଲାରେ ଡେଙ୍ଗୁର ପ୍ରଭାବ ଅଧିକ ରହିଛି। ୯୫% ଡେଙ୍ଗୁ ରୋଗୀ ସ୍ୱତଃପ୍ରବୃତ୍ତ ଭାବେ ଭଲ ହୋଇପାରିବେ ଓ ୫% ରୋଗୀ ଏଥିରେ ଗୁରୁତର ହେଉଛନ୍ତି। ଅଧିକାଂଶ ଡେଙ୍ଗୁ ରୋଗୀ ଲକ୍ଷଣହୀନ ହୋଇଥାନ୍ତି। ସହରରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ପାଣି ଜମୁଛି ଓ ଏହା ଡେଙ୍ଗୁ ବୃଦ୍ଧିର ପ୍ରମୁଖ କାରଣ। ଘରୋଇ ରାପିଡ୍ କିଟ୍‌ରେ ଡେଙ୍ଗୁ ରିପୋର୍ଟ ଠିକ୍ ନ ଆସିପାରି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଜାତୀୟ ...

ଭଙ୍ଗ ହେବା ଏବଂ ୧୯୭୦ ରେ ଲୋକସଭାକୁ ପୂର୍ବରୁ ଭଙ୍ଗ କରାଯିବା ଏକକାଳୀନ ନିର୍ବାଚନ ଅନୁଷ୍ଠିତ ହେବାରେ ବାଧାପ୍ରାପ୍ତ ହୋଇଥିଲା। ଏହି କାରଣରୁ ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ପ୍ରତିବର୍ଷ କୌଣସି ସ୍ଥାନରେ କିମ୍ବା ଅନ୍ୟତ୍ର ନିର୍ବାଚନ ଅନୁଷ୍ଠିତ ହେଉଛି। ଏଭଳି ପରିସ୍ଥିତିରେ ଲୋକସଭା ଏବଂ ସମସ୍ତ ବିଧାନସଭା ପାଇଁ ଏକକାଳୀନ ନିର୍ବାଚନ ହେବାର ସମ୍ଭାବନାକୁ ସରକାର ପୁନର୍ବାର ବିଚାର କରୁଛନ୍ତି। ବର୍ତ୍ତମାନ କମିଟି ଗଠନ କରି ଏହି ଦିଗରେ ଏକ ବଡ ପଦକ୍ଷେପ ନେଇଛନ୍ତି କେନ୍ଦ୍ରସରକାର। ସୂଚନା ଅନୁଯାୟୀ, ଆସନ୍ତା ୧୮ ତାରିଖରୁ ଅନୁଷ୍ଠିତ ହେବ ସଂସଦର ସ୍ୱତନ୍ତ୍ର ଅଧିବେଶନ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏ ସଂକ୍ରାନ୍ତରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲେ। ତେବେ ଏହି ଅଧିବେଶନରେ କିଛି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିପାରେ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଆରମ୍ଭ ହୋଇଛି। କୁହାଯାଉଛି ଯେ ଏହି ୫ ଦିନିଆ ଅଧିବେଶନରେ 'ଏକ ଦେଶ-ଏକ ନିର୍ବାଚନ' ବିଲ୍ ଆସିପାରେ। ୨୦୧୪ରେ କେନ୍ଦ୍ରରେ ଏନ୍‌ଡ଼ିଏ ସରକାର ଆସିବା ପରେ ବିଜେପି ଏକ ଦେଶ-ଏକ ନିର୍ବାଚନ ଉପରେ ଗୁରୁତ୍ୱ ଦେଇ ଆସୁଛି। ବିଭିନ୍ନ ସମୟରେ ନିର୍ବାଚନ ହେବା ଯୋଗୁଁ ପ୍ରଶାସନ ଉପରେ ଅଧିକ ଚାପ ପଡୁଛି ଓ ଦେଶ ଉପରେ ଆର୍ଥିକ ଚାପ ପଡୁଛି। ତେଣୁ ବିଭିନ୍ନ ସମୟରେ ବିଜେପି ଓ ଏହାର ସହଯୋଗୀ ଦଳଗୁଡ଼ିକ ଏକ ଦେଶ-ଏକ ନିର୍ବାଚନ ଉପରେ ଗୁରୁତ୍ୱ ଦେଉଛନ୍ତି। ସମ୍ଭବତଃ ଆଗାମୀ ଅଧିବେଶନରେ ଏ ସଂକ୍ରାନ୍ତରେ ବିଲ୍ ଆସିପାରେ ଏବଂ କେନ୍ଦ୍ର ସରକାର ଆଗୁଆ ନିର୍ବାଚନ କରିବାକୁ ମନସ୍ଥ କରିଥାଇ ପାରନ୍ତି ବୋଲି କୁହାଯାଉଛି। ଚଳିତ ବର୍ଷ ଶେଷ ଆଡ଼କୁ ତେଲଙ୍ଗାନା, ଛତିଶଗଡ଼, ମଧ୍ୟପ୍ରଦେଶ, ମିଜୋରାମ ଓ ରାଜସ୍ଥାନ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ବର୍ଷ ଅର୍ଥାତ ୨୦୨୪ ଏପ୍ରିଲ ମାସରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା, ସିକିମ୍ ସହ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଚଳିତ ବର୍ଷ ଶେଷରେ ଅନୁଷ୍ଠିତ ହେବାକୁ ଥିବା ୫ ରାଜ୍ୟ ଓ ଆଗାମୀ ବର୍ଷ ଏପ୍ରିଲରେ ଅନୁଷ୍ଠିତ ହେବାକୁଥିବା ୪ ରାଜ୍ୟର ନିର୍ବାଚନକୁ ଏକ ସମୟରେ ଲୋକସଭା ନିର୍ବାଚନ ସହ ଜାନୁଆରୀ ମାସରେ କରାଯିବା ପାଇଁ ହୁଏତ କେନ୍ଦ୍ର ସରକାର ଯୋଜନା କରୁଥାଇ ପାରନ୍ତି ବୋଲି ମନେ କରାଯାଉଛି।

### କଣ୍ଟେଇମୁଣ୍ଡି ...

ମାନ୍ୟତା ପାଇଁ ଆବେଦନ କରିଥିଲ। ସୂଚନା ଅନୁସାରେ, ନୟାଗଡ଼ ଜିଲ୍ଲାରେ କଣ୍ଟିଲୋର ମହାନଦୀ ଅବବାହିକାରେ ମିଳୁଥିବା ଏହି ବିଶେଷ ପ୍ରକାରର ବାଇଗଣକୁ ଜିଆଇ ଟ୍ୟାଗ୍ ଦେବା ନିମନ୍ତେ ୨୦୨୧ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ଆବେଦନ କରାଯାଇଥିଲା। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବାଣପୁରର ନୀଳମାଧବ କୃଷି ସଂଗଠନ ପକ୍ଷରୁ ଓୟୁଏଟି ଏହି ଜିଆଇ ଟ୍ୟାଗ୍ ପାଇଁ ଆବେଦନ କରିଥିଲେ। ଏହି ବାଇଗଣ ବିଶେଷକରି ନୟାଗଡ଼ର କଣ୍ଟିଲୋ ଅଂଚଳରେ ପ୍ରଚୁର ପରିମାଣରେ ଚାଷ ହୋଇଥାଏ। ଜିଲ୍ଲାର ଭାପୁର ବ୍ଲକର ଲକ୍ଷ୍ମୀପ୍ରସାଦ, କୁମୁଣ୍ଡି, ଫତେଗଡ଼ ଓ ଧଞ୍ଜାଗଣ୍ଡା ଆଦି ଅଞ୍ଚଳ ସମେତ ଖଣ୍ଡପଡ଼ା ବ୍ଲକର ରତନପୁର ଓ ବଡ଼ବାନପୁର ଅଂଚଳରେ ଉକ୍ତ କଣ୍ଟେଇମୁଣ୍ଡି ବାଇଗଣ ମିଳିଥାଏ। ନୟାଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ମିଳୁଥିବା ଏହି ବାଇଗଣ ଅତ୍ୟନ୍ତ ସୁସ୍ୱାଦୁ ଓ ଏହା ଉଭୟ ଖରିଫ ଓ ରବି ଋତୁରେ ମିଳିଥାଏ। ଏହା ପ୍ରାୟତଃ ବାଲିଆ ଜମିରେ ହୋଇଥାଏ।

### ଅବୈଧ ...

ସେମାନେ ଅନ୍ୟ ପୈତୃକ ସମ୍ପତ୍ତି ଉପରେ ଅଧିକାର ଜାହିରି କରିପାରିବେ ନାହିଁ। ହେଲେ ଏବେ ସୁପ୍ରିମକୋର୍ଟ ସମସ୍ତ ପ୍ରକାରର ସମ୍ପତ୍ତି ଉପରେ ଅବୈଧ ବିବାହରୁ ଜନ୍ମିତ ପିଲାମାନେ ନିଜର ଅଧିକାର ଜାହିର କରିପାରିବେ। ୨୦୧୧ ମସିହାରେ ୨ ଜଣିଆ ଖଣ୍ଡପୀଠ ଦେଇଥିବା ରାୟ ବିରୋଧରେ ହୋଇଥିବା ଆବେଦନର ଶୁଣାଣି ସିଜେଆଇ ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ କରୁଛନ୍ତି। ଏହି ସମୟରେ ଖଣ୍ଡପୀଠ କହିଛନ୍ତି, ଅବୈଧ ବିବାହର ଜନ୍ମିତ ପିଲାମାନେ ସେମାନଙ୍କ ବାପା ମା'ଙ୍କ ସମ୍ପତ୍ତିର ଭାଗ ପାଇବାକୁ ହକଦାର। ଏହି ସମ୍ପତ୍ତି ସେମାନଙ୍କ ବାପା ମା' ନିଜେ କିଣିଥାଆନ୍ତୁ କିମ୍ବା ସେମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ମିଳିଥାଉ, ଏହା ଉପରେ ଏପରି ପିଲାଙ୍କ ଅଧିକାର ରହିଛି। ମାଡ୍ରାସ ହାଇକୋର୍ଟ ପ୍ରଥମେ ରାୟ ଦେଇଥିଲେ ଯେ ଲିଭ ଇନ ରିଲେସନଶିପରୁ ଜନ୍ମିତ ପିଲାମାନେ ପୈତୃକ ସମ୍ପତ୍ତିର ଭାଗ ନେଇ ପାରିବେ। କିନ୍ତୁ ୨୦୧୧ରେ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। ସେତେବେଳେ କୋର୍ଟ କହିଥିଲେ ଯେ କେବଳ ବାପା ମା' କିଣିଥିବା ବା ସେମାନଙ୍କ ମାଲିକାନାରେ ଥିବା ସମ୍ପତ୍ତି ଉପରେ ଅବୈଧ ବିବାହରୁ ଜନ୍ମିତ ପିଲାମାନେ ଭାଗ ନେଇ ପାରିବେ। ସେମାନେ ଅନ୍ୟ ସମ୍ପତ୍ତି ଉପରେ ନିଜର ଅଧିକାର ଜାହିର କରିପାରିବେ ନାହିଁ। ସୁପ୍ରିମକୋର୍ଟ ଖଣ୍ଡପୀଠ ହିନ୍ଦୁ ବିବାହ ଆଇନ, ୧୯୫୫ର ଧାରା ୧୬(୩)ର ପରିସର ବୃଦ୍ଧିର ପ୍ରଭାବ ଉପରେ ଶୁଣାଣି କରିଥିଲେ ଓ ସମସ୍ତ ଯୁକ୍ତି ଶୁଣିବା ପରେ ଅଗଷ୍ଟ ୧୮ରେ ସୁପ୍ରିମକୋର୍ଟ ଏହି ମାମଲାର ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି ସମୟରେ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ହିନ୍ଦୁ ଉତ୍ତରାଧିକାର ଆଇନର ପ୍ରମୁଖ ବ୍ୟବସ୍ଥା ସମ୍ପର୍କରେ ବର୍ଣ୍ଣନା କରି କହିଥିଲେ ଯେ ୨୦୦୫ରେ ହିନ୍ଦୁ ଉତ୍ତରାଧିକାର ଆଇନରେ ସଂଶୋଧନ କରାଯାଇଥିଲା।

### ମୌଳିକ ...

ପରିବାର ପ୍ରତିପୋଷଣ କରିଥାନ୍ତି। ଗ୍ରାମରେ ବିଦ୍ୟାଳୟ ନାହିଁ। ଗ୍ରାମର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଛୋଟ ଛୋଟ ପିଲା ୧ କିମି ଦୂର ଭଣ୍ଡିମାଳ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବାକୁ ଯାଉଛନ୍ତି। ଗ୍ରାମର ଅଧିକାଂଶ ପିଲା ୫ମ ଓ ୭ମ ଶ୍ରେଣୀରୁ ପାଠ ଛାଡି ଦେଉଛନ୍ତି। ଚଳିତ ବର୍ଷ ଗ୍ରାମର ୨ ଜଣ ପିଲା ୧୦ ମ ଶ୍ରେଣୀ ପାସ କରିଛନ୍ତି, କିନ୍ତୁ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ରହିଛନ୍ତି। ଗ୍ରାମରେ ଅଙ୍ଗନୱାଡି ରହିଛି ଓ ଏଥିରେ ୮ ଜଣ ଶିଶୁ ପ୍ରାକ ଶିକ୍ଷା ଗ୍ରହଣ କରୁଛନ୍ତି। ଗ୍ରାମରେ ୧ ଜଣ ଗର୍ଭବତୀ ମହିଳା ରହିଛନ୍ତି। ଗ୍ରାମର ଲୋକେ କୌଣସି ରୋଗ ରେ ପଡିଲେ ମେଦନା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ୮ କିମି ଓ ୧୭ କିମି ଦୂର ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି। ଗର୍ଭବତୀ ମହିଳା ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୩ କିମି ଦୂର ବାଣୁଆଗୁଡା ଗ୍ରାମକୁ ଯାଇଥାନ୍ତି। ଗ୍ରାମ ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ଗ୍ରାମବାସୀ କୌଣସି ସ୍ଥାନକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଗ୍ରାମ ଠାରୁ ଭଣ୍ଡିମାଳ ରାସ୍ତା, ଗ୍ରାମ ଠାରୁ ବାଣୁଆଗୁଡା ରାସ୍ତା ଓ ଗ୍ରାମ ଠାରୁ ପଞ୍ଚାୟତକୁ ଯିବା ରାସ୍ତା ମରାମତି ପାଇଁ ୱାର୍ଡ ସଭ୍ୟ ମଦନ ଭତ୍ରା, ଗ୍ରାମବାସୀ ଧନସିଂ ନାୟକ, ଚେତମନ ଚଲାଣ, ବୁଦନ ପନକା, ବୁଦୁରାମ ମାଝି, ଯାଦବ ଭତ୍ରା, ବଳିଆର ପୂଜାରୀ, ବୁଦୁରାମ ପୂଜାରୀ, ଥବିର ମାଝି, ନରସିଂ ନାୟକ, ତ୍ରିନାଥ ପୂଜାରୀ, ବୁଦନ ଭତ୍ରା ଓ ଖଗପତି ପୂଜାରୀ ପ୍ରମୁଖ କହିଛନ୍ତି। ଗ୍ରାମର ରାସ୍ତା ସମ୍ପର୍କରେ ବିଡିଓ ଶରତ ମାଝିଙ୍କୁ ପଚାରିବାରୁ ସେ କହିଥିଲେ ଯେ ୨୦୨୩-୨୪ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଭଣ୍ଡିମାଳ ଠାରୁ ଗମ୍ବାରିଗୁଡା ପର୍ଯ୍ୟନ୍ତ ୧୦ ଲକ୍ଷ ଟଙ୍କାର ରାସ୍ତା, ୫ମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ୧ ଲକ୍ଷ ୧୦ ହଜାର ଓ ୪ ଲକ୍ଷ ର ୨ଟି ରାସ୍ତା କାମ ରଖାଯାଇଛି। ବର୍ଷା ଦିନ ସରିବା ପରେ ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ।

## ମନୀଷ ଦେଶାଇ ପତ୍ର ସୂଚନା କାର୍ଯ୍ୟାଳୟର ପ୍ରମୁଖ ମହାନିର୍ଦ୍ଦେଶକ

**ଭୁବନେଶ୍ୱର, (ପିଆଇବି):** ମନୀଷ ଦେଶାଇ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତକାଲି ଏହି ପଦବୀରୁ ରାଜେଶ ମାଲହୋତ୍ରାଙ୍କ ଅବସର ପରେ ଶ୍ରୀ ଦେଶାଇ ଦାୟିତ୍ୱ ନେଇଛନ୍ତି। ଶ୍ରୀ ମନୀଷ ଦେଶାଇ ହେଉଛନ୍ତି ୧୯୮୯ ବ୍ୟାଚ୍ର ଭାରତୀୟ ସୂଚନା ସେବା ଅଧିକାରୀ। ଏହା ପୂର୍ବରୁ ଶ୍ରୀ ଦେଶାଇ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ପ୍ରମୁଖ ମହାନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିସାରିଛନ୍ତି। ସେ ସରକାରୀ ବିଜ୍ଞାପନ ଏବଂ ଯୋଗାଯୋଗ କାର୍ଯ୍ୟକଳାପର ତଦାରଖ କରୁଥିଲେ। ତିନି ଦଶନ୍ଧି ଧରି ତାଙ୍କର ଜାଜ୍ଜ୍ୱଲ୍ୟମାନ କ୍ୟାରିୟରରେ ଶ୍ରୀ ଦେଶାଇ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଚଳଚ୍ଚିତ୍ର ଡିଭିଜନର ମହାନିର୍ଦ୍ଦେଶକ, ଭାରତୀୟ ଜନସଞ୍ଚାର ସଂସ୍ଥାନର ଅତିରିକ୍ତ ମହାନିର୍ଦ୍ଦେଶକ (ପ୍ରଶାସନ ଓ ପ୍ରଶିକ୍ଷଣ), କେନ୍ଦ୍ରୀୟ



ଚଳଚ୍ଚିତ୍ର ପ୍ରମାଣନ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ଅନେକ ପଦପଦବୀରେ କାର୍ଯ୍ୟ କରିଛନ୍ତି। ଚଳଚ୍ଚିତ୍ର ଡିଭିଜନରେ ଥିବା ସମୟରେ ସେ ମୁମ୍ବାଇରେ ଭାରତୀୟ ସିନେମାର ଜାତୀୟ ସଂଗ୍ରହାଳୟ ପ୍ରତିଷ୍ଠା ସହିତ ଜଡିତ ଥିଲେ। ସେ ପିଆଇବି ମୁମ୍ବାଇରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହିତ ଗୋଆରେ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ) ସମେତ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମର ଗଣମାଧ୍ୟମ କାର୍ଯ୍ୟକଳାପକୁ ପରିଚାଳନା କରିଛନ୍ତି।

## ସିଜେ ଭେନୁଗୋପାଳ ରାଜସ୍ୱ ପର୍ଷଦ ସଦସ୍ୟ

**ଭୁବନେଶ୍ୱର :** ୧୯୮୮ ବ୍ୟାଚ୍ ବରିଷ୍ଠ ଆଇଏଏସ୍ ସିଜେ ଭେନୁଗୋପାଳଙ୍କୁ ଓଡ଼ିଶା ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ନିଯୁକ୍ତି ମିଳିଛି। ସେ ନିଜ ଦାୟିତ୍ୱ ସହ ଏହି ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୮୭ ବ୍ୟାଚ୍ ଆଇଏଏସ୍ ଆରକେ ଶର୍ମା ଅଗଷ୍ଟ ୩୧ ତାରିଖରେ ସରକାରୀ ଚାକିରିରୁ ଅବସର ନେଇଛନ୍ତି। ଶ୍ରୀ ଶର୍ମା ରାଜସ୍ୱ ପର୍ଷଦ ସଦସ୍ୟ ସମେତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଶ୍ରୀ ଶର୍ମା ଚାକିରିରୁ ଅବସର ନେବାପରେ ତାଙ୍କ ସ୍ଥାନରେ ଶ୍ରୀ ଭେନୁଗୋପାଳଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ଶ୍ରୀ ଭେନୁଗୋପାଳ ଏବେ କେବିକେ ମୁଖ୍ୟ ପ୍ରଶାସକ ଭାବେ କାର୍ଯ୍ୟ



କରୁଛନ୍ତି ଓ ନୂଆଦିଲ୍ଲୀରେ ମୁଖ୍ୟ ଆବାସିକ କମିଶନରର ଅତିରିକ୍ତ ଦାୟିତ୍ୱରେ ମଧ୍ୟ ଅଛନ୍ତି। ସେହିପରି ୧୯୯୧ ବ୍ୟାଚ୍ ଆଇଏଏସ୍ ତଥା ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ଶ୍ରୀମତୀ ଗର୍ଗ ଏବେ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

## ଶୈଳବାଳା ବରାଳଙ୍କ ତୃତୀୟ ଶ୍ରାଦ୍ଧ ଉତ୍ସବ



**କାକଟପୁର :** କାକଟପୁର ପ୍ରାଚୀ ବିହାରର ଅବସର ପ୍ରାପ୍ତ ପ୍ରଶାସକ କୈଳାଶ ଚନ୍ଦ୍ର ବରାଳଙ୍କ ଧର୍ମପତ୍ନୀ ସ୍ୱର୍ଗତ ଶୈଳବାଳା ବରାଳଙ୍କ ତୃତୀୟ ବାର୍ଷିକ ଶ୍ରାଦ୍ଧ ଉତ୍ସବ ସ୍ଥାନୀୟ ବିଶ୍ୱାମିତ୍ର ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାକଟପୁର ଦୁର୍ନୀତି ସଙ୍ଘର୍ଷ ମଞ୍ଚ ଶାଖାର ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ରାଜକିଶୋର ଆଚାର୍ଯ୍ୟ, ସୁଦର୍ଶନ ଦୀକ୍ଷିତ, ପଣ୍ଡିତ ତ୍ରିଲୋଚନ ମିଶ୍ର, ଯୁଧିଷ୍ଠିର ବେହେରା, ରମେଶ ଚନ୍ଦ୍ର ବିଶ୍ୱାଳ, ପଞ୍ଚାନନ ପରିଡ଼ା, ଗୁଣନିଧି ପାଇଟାଳ, ବେଣୁଧର ପ୍ରଧାନ, ମଧୁସୂଦନ ବରାଳ, ବିଚିତ୍ରାନନ୍ଦ ବରାଳ, ଭୋବନି ବରାଳ, ଅଲେଖ ବିଶ୍ୱାଳ, ପ୍ରମୋଦ କାଣ୍ଡି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଶୈଳବାଳାଙ୍କର ସ୍ମୃତି ଚାରଣ କରିବା ସହ ତାଙ୍କର ଗୁଣାବଳୀ ଉପରେ ଆଲୋକ ପାତ କରିଥିଲେ। ପୁତ୍ର ଅଶୋକ, ପୁତ୍ରବଧୂ, ନାତି ଓ ସ୍ୱାମୀ ଶ୍ରୀ ବରାଳ ଯୋଗଦେଇଥିଲେ।

### ଶୃଙ୍ଖଳିତ ଜୀବନର ପରିପାଟି ସ୍କାଉଟିଙ୍ଗ୍

## ୫୪ ଜଣ ଛାତ୍ରଛାତ୍ରୀ ଦୀକ୍ଷିତ




**ଭୁବନେଶ୍ୱର :** ଗତ ୩୧ ତାରିଖ ଦିନ ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁର ସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ- ପରିସରରେ ଭାରତ ସ୍କାଉଟ୍ ଓ ଗାଇଡ୍ ବିଭାଗ ତରଫରୁ ୯ମ ଦୀକ୍ଷାନ୍ତ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିରାଡମ୍ବର ପୂର୍ଣ୍ଣ ଭାବେ ପାଳିତ ଉକ୍ତ ଉତ୍ସବରେ ବି. ଜେ ଏଜୁକେସନ ସୋସାଇଟିର ସଭାପତି ରଘୁନାଥ ମିଶ୍ର ସଭାପତିତ୍ୱ କରିଥିବା ସ୍ଥଳେ, ଭୁବନେଶ୍ୱର ସ୍କାଉଟ୍ ଜିଲ୍ଲାର ଡିଷ୍ଟ୍ରିକ୍ଟ ଅର୍ଗାନାଇଜିଙ୍ଗ୍ କମିଶନର ସୁଶାନ୍ତ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଜୀବନର ପରିପାଟି ସ୍କାଉଟିଙ୍ଗ୍ ଓ ଗାଇଡିଙ୍ଗ୍ ବୋଲି ମତପ୍ରକାଶ କରିଥିଲେ। ସ୍କାଉଟ ମାଷ୍ଟର ରବୀନ୍ଦ୍ର କୁମାର ମହାରଣା ଓ ଗାଇଡ୍ କ୍ୟାପଟେନ୍ ଅନସୂୟା ମହାରଣା, ବିଦ୍ୟାଳୟର ଅଧ୍ୟକ୍ଷା ଅଳକା ମହାନ୍ତି ଓ ଉପାଧ୍ୟକ୍ଷ ଡ଼ଃ. ମନୋରଞ୍ଜନ ବେଜ୍‌ଙ୍କ ମାର୍ଗଦର୍ଶନରେ ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଡମିନି ସୁପରଭାଇଜର ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପ୍ରକାଶ ଥାଉକି ୨୦୧୨ ମସିହାରେ ଆରମ୍ଭ କରାଯାଇଥିବା ଭାରତ ସ୍କାଉଟ୍ ଓ ଗାଇଡ୍ ବିଭାଗରେ ଚଳିତ ବର୍ଷ ୫୪ ଜଣ ଛାତ୍ରଛାତ୍ରୀ ଦୀକ୍ଷିତ ହୋଇ ଭାରତ ସ୍କାଉଟ୍ ଓ ଗାଇଡ୍‌ରେ ସଂଶ୍ଳିଷ୍ଟ ହୋଇଥିଲେ।

## ଅସ୍ତରଙ୍ଗ ବିଜେଡି ପକ୍ଷରୁ ନୂତନ ଥାନାଅଧିକାରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ

**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ଯୋଗ ଦେଇଛନ୍ତି ନୂତନ ଥାନା ଅଧିକାରୀ ରାଜେଶ ବଳିୟାରସିଂ, ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ତାଙ୍କର ବିଶେଷ ସୁନାମ ରହିଛି। ଥାନାରେ ପହଞ୍ଚିବା ପରେ ଅସ୍ତରଙ୍ଗ ବିଜୁଜନତା ଦଳର ଏକ ଟିମ୍ ତାଙ୍କୁ ସୌଜନ୍ୟ ମୂଳକ ଭାବେ ସାକ୍ଷାତ କରିଛନ୍ତି। ଗୃହମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ୧ନମ୍ବର ଜୋନ ଜିଲ୍ଲାପରିଷଦ ସରସ୍ୱତୀ ସ୍ୱାଇଁ, ଛୁରୀଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ଯଶୋବନ୍ତ ନାୟକ, ଛୁରିଆନାର ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ,



କୋରଣା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଗଙ୍ଗାଧର କାଣ୍ଡି, ପବିତ୍ର ବସ୍ତିଆ, ଟୁକୁନା ଛାଟୋଇ ପ୍ରମୁଖ ନୂତନ ଥାନା ଅଧିକାରୀଙ୍କୁ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ, ଆଗାମୀ ଦିନରେ ଅସ୍ତରଙ୍ଗ ଅଞ୍ଚଳରେ ଶୃଙ୍ଖଳିତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଆଲୋଚନା କରିଥିଲେ।



ଅକ୍ଷୟ କୁମାର ରାଉତ

# ଇତିହାସରେ ଆମ ଶାସନ ଓ ସ୍ୱାଧିନତା

ଆମ ଦେଶ ଭାରତ, ତାର ସଭ୍ୟତା ଅତି ପ୍ରାଚୀନ। ଯାହାର ଉତରରେ ହିମାଳୟ, ଦକ୍ଷିଣ ରେ ଭାରତ ମହାସାଗର, ପୂର୍ବ ଦିଗରେ ବଙ୍ଗୋପ ସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର, ହଜାର ହଜାର ବର୍ଷ ତଳେ ଏକ ସଭ୍ୟତା ମୁଣ୍ଡ ଟେକିଥିଲା। ଭାରତର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଢ଼ି ଉଠିଥିଲା । ଭାରତ ବର୍ଷର ବୈଭବ, ସଭ୍ୟତା ଓ ସଂକୃତିରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ୍ୟ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତରକୁ ପଶି ଆସିଲେ। ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ, ଫଳରେ ଏକ ନୂତନ ସଭ୍ୟତା ଗଢ଼ି ଉଠିଲା।

ଭାରତକୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ଼େରାୟସ। ସେମାନେ ଭାରତର ଶାସନ ବେଶୀ ଦିନ ରଖି ପାରିଲେ ନାହିଁ। କେତେକ ପାରସ୍ୟିକ ଭାରତରେ ରହିଗଲେ। ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ। ଭାରତକୁ ବେଶିଦିନ ହାତରେ ରଖି ପାରି ନ ଥିଲେ । କିଛି ଗ୍ରୀକ୍ ଭାରତୀୟ ଙ୍କ ସହିତ ରହି ମିଳିମିଶି ଚଳିଲେ। ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା- ଶକ୍, ପଲ୍ଲବ, ଇଉଚି, ହୁଣ, କୃଶାଣ, ଗୁର୍ଜ୍ଜର ଓ



ତାତାର ମାନଙ୍କ ଦ୍ୱାରା, ପରେ ଆରବୀୟ ମାନେ ଆସିଲେ । ତୁର୍କୀ ଓ ଘୋର ବଂଶଜ ମୁସଲମାନ ମାନେ ଆସି ଭାରତକୁ ଦଖଲ କରି ଶାସନ କଲେ ଓ ରହିଗଲେ। ତାପରେ କାବୁଲ ରୁ ମୋଗଲ ମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ। ସେମାନେ ଭାରତ କୁ ଭଲପାଇ ଭାରତରେ ରହିଗଲେ।

ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତୁଗୀଜ, ଓଲନ୍ଦାଜ, ଦିନାମାର, ଫରାସି ଓ ଇଂରେଜ ମାନେ, ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦେଲେ। ପର୍ତୁଗୀଜ ମାନଙ୍କ ହାତରେ ରହିଗଲା ଗୋଆ, ନାମନ ଓ ଡ଼ିଉ। ଫରାସୀ ମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ, ମାହେ ଓ ଚନ୍ଦନ ନଗର, ଇଂରେଜ ମାନଙ୍କ ହାତରେ ରହିଲା ମାନ୍ଦ୍ରାଜ, ବମ୍ବେ ଓ କଲିକଟ୍।

ଇଂରେଜ ମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତରେ ପଶିଲେ। ସେତେ ବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ । ସେମାନଙ୍କ ମଧ୍ୟରେ ଏକତା ନ ଥିଲା। ଏହି ସୁଯୋଗରେ ଇଂରେଜ ମାନେ ବଙ୍ଗଳାର କାଳିଘାଟ, ସୁତାନଟୀ ଓ ଗୋବିନ୍ଦପୁର ଠାରେ ବାଣିଜ୍ୟ କୋଠି ତିଆରୀ କଲେ। ସେହି ଗାଆଁ ତିନୋଟିକୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ।

ବଙ୍ଗର ନବାବ ସିରାଜଦ୍ଦୌଲା ଇଂରେଜ ମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀ ଠାରେ ଯୁଦ୍ଧ ହେଲା। ସେନାପତି ମିରର୍ଜଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିରର୍ଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ। ଇଂରେଜ ମାନଙ୍କ ସହାୟତାରେ ମିରର୍ଜଫର ବଙ୍ଗର ନବାବ ହେଲେ, ପରେ ଅଧିକ ଧନ ଲୋଭରେ ଇଂରେଜ ମାନେ ମିରର୍ଜାଫରଙ୍କୁ ଗାଦିରୁ ହଟାଇ ମିର୍‌କାଶିମ୍‌କୁ ବଙ୍ଗଳାର ନବାବ କଲେ। ମିରକାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ। ଭାରତୀୟ ବଣିକ ମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ। ତେଣୁ ଇଂରେଜ ମାନେ ମିରକାଶିମ୍ ଙ୍କୁ ଆକ୍ରମଣ କଲେ । ମିର୍‌କାଶିମ୍ ପଳେଇ ଯାଇଁ ଅଯୋଧ୍ୟା ର ନବାବ ସୁଜାଉଦ୍ଦୌଲା ଓ ଦିଲ୍ଲୀ ସମ୍ରାଟ ଶାହା ଆଲମ ଙ୍କ ସାହାର୍ଯ୍ୟ ଲୋଡ଼ିଲେ ।ତିନି ଶକ୍ତି ମାନଙ୍କ ବକ୍‌ସାର ଠାରେ ଇଂରେଜ ମାନଙ୍କ ଦ୍ୱାରା ପ୍ରରାସ୍ତ ହେଲେ ଓ ମିରର୍କାଶିମ୍ ନିହତ ହେଲେ ବଙ୍ଗଳା ଇଂରେଜ ମାନଙ୍କ ହାତକୁ ଗଲା। ସୁଜାଉଦ୍ଦୌଲା ଓ ଶାହା ଆଲମ ଇଂରେଜ ମାନଙ୍କ ଶରଣ ପଶିଲେ । ତେଣୁ ଅଯୋଧ୍ୟା ଓ ଦିଲ୍ଲୀରେ ଇଂରେଜ ମାନଙ୍କ କ୍ଷମତା ବୃଦ୍ଧି ପାଇଲା। ମହୀଶ୍ୱରର ନବାବ୍ ହାଇଦର ଅଲ୍ଲି ଓ ତାଙ୍କ ପୁଅ ଟିପୁ ସୁଲତାନ ଇଂରେଜ ମାନଙ୍କ ସହିତ ଯୁଦ୍ଧ ଚଳାଇଲେ। ଶେଷରେ ଟିପୁ ନିହତ ହେଲେ। ମହୀଶ୍ୱର ଇଂରେଜ ମାନଙ୍କ ହାତକୁ ଗଲା।

ଇଂରେଜ ମାନେ ଗୋଟି ଚାଳନା କରି ଭାରତ ବର୍ଷର ଗୋଟିଏ ପରେ ଗୋଟିଏ ରାଜ୍ୟ ଅଧିକାର କରି ନେଲେ। ୧୮୦୩ ମସିହାରେ ଇଂରେଜ ମାନେ ଓଡ଼ିଶା ଅଧିକାର କରି ନେଲେ। ୧୮୧୭ ମସିହାରେ ଆରମ୍ଭ ହେଲା ପାଇକ୍ ବିଦ୍ରୋହ। ପାଇକ ମାନଙ୍କ ର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ। ଏମାନେ ଇଂରେଜ ଶାସନକୁ ଦୂର କରି ଦେଇଥିଲେ। ପରେ ଇଂରେଜ ମାନେ ପାଇକ ବିଦୋହକୁ ଦମନ କରି ଦେଲେ।

ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ। ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ। ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ। ଏମାନେ ହେଲେ ପୁନାର ପେଶବା ନାନା ସାହେବ, ରାଜା କନ୍‌ୱାର ସିଂହ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ରାଣୀ ଲକ୍ଷ୍ମିବାଇ, ମରହଟ୍ଟା ବୀର ରାଓ ସାହେବ, ତାନ୍ତିଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ।

ଏହି ସମୟରେ ଏନ୍‌ଫିଲଡ଼ ବନ୍ଧୁକର ଟୋଟାକୁ ଦାନ୍ତରେ ଛିଣ୍ଡାଇ ମାରିବାକୁ ପଡୁଥିଲା। ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା। ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀ ମାନେ ବିଦ୍ରୋହ କରି ଉଠିଲେ, ବାରାକପୁର ଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସରକୁ ଗୁଳି କରି ମାରି ଦେଲେ। ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିକରେ ଇଂରେଜ ମାନେ ମୃତ୍ୟୁଦଣ୍ଡ ଦେଲେ।

ସେଥିପାଇଁ ସିପାହୀ ମାନେ ବିଦ୍ରୋହ କରି ଦେଲେ। ୧୮୫୭ ମସିହା ମେ ମାସ ଦଶ



ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ। ବାହାଦୁର ଶାହାଙ୍କୁ ଭାରତର ସ୍ୱାଧିନ ସମ୍ରାଟ ବୋଲି ଘୋଷଣା କଲେ। ଭାରତର ଚାରିଆଡ଼େ ବିଦ୍ରେହ ସୁତ୍ରପାତ ହେଲା। ଏହା ଥିଲା ଭାରତର ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ।

ରାଣୀ ଲକ୍ଷ୍ମିବାଇ ଯୁଦ୍ଧ କରୁ କରୁ ସରାଇ ଠାରେ ଗୁଳିବିଦ୍ଧରେ ଟଳି ପଡ଼ିଲେ। ତାନ୍ତିଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁ ଥିଲେ। ମାନସିଂହ ନାମକ ଜଣେ ବ୍ୟାକ୍ତି ବିଶ୍ୱାସଘାତକତା କରି ତାନ୍ତିଆଟୋପିଙ୍କୁ ଇଂରେଜ ମାନଙ୍କ ହାତରେ ଧରାଇ ଦେଲେ। ତେଣୁ ଗୋରା ମାନେ ତନ୍ତିଆ ଟୋପିଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ।

ସିପାହୀ ବିଦ୍ରେହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ। ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କ ଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ । ସେମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ। ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା । ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରୀ ତଳକୁ ନେଇଗଲା। ଏହି ସମୟରେ ଜନ୍ମ ହୋଇଥିବା ଜ୍ଞାନୀ ଓ ଗୁଣୀ ମାନେ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଲେ। ସେମାନେ ହେଲେ ରାଜା ରାମମୋହନ ରାୟ, ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର, ସ୍ୱମୀ ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସାଧୁ ସୁନ୍ଦର ଦାସ ଯେଉଁ ମାନଙ୍କ ଉଦ୍ୟମ ଫଳରେ ଇଂରେଜ ସରକାର ନରବଳି, ସତୀଦାହ ପ୍ରଥା, ବାଲ୍ୟ ବିବାହ ଭଳି ଘୃଣ୍ୟପ୍ରଥା ଉଚ୍ଛେଦ କରି ଥିଲେ । ବିଧବା ବିବାହ ପ୍ରଚଳନ କରିଥିଲେ। ସର୍ବ ଶକ୍ତିମାନ ଇଂରେଜ ସରକାରଙ୍କ ଅତ୍ୟାଚାର ଓ ଶୋଷଣ କୁ ବାଧା ଦେବା ପାଇଁ ଭାରତର କୌଣସି ରାଜନୈତିକ ଦଳ ବା ନେତା ମୁଣ୍ଡ ଟେକି ନ ଥିଲେ। ଭାରତୀୟ ମାନଙ୍କର ଦୁଃଖ, ଦୁର୍ଦ୍ଦଶା, ଆପତି ଓ ଅଭିଯୋଗ ଇଂରେଜ ସରକାରଙ୍କୁ ଜଣାଇବା ପାଇଁ ଏ.ଓ.ହିଉମ୍‌ଙ୍କ ଉଦ୍ୟମରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ। ବମ୍ବେ ଠାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନରେ ସଭାପତି ହୋଇଥିଲେ ବାରିଷ୍ଟର ଉମେଶ ଚନ୍ଦ୍ର ବାନାର୍ଜୀ। କଂଗ୍ରେସର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରୀ କଲେ। ଏହା ଦ୍ୱାରା ଲୋକ ପ୍ରତିନିଧି ଶାସନର ମୂଳଦୁଆ ଭାରତରେ ପଡ଼ିଲା ।

ବଙ୍ଗ, ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା । ୧୯୦୫ ମସିହାରେ ଲର୍ଡ଼ କର୍ଜନ ପଶ୍ଚିମ ବଙ୍ଗ, ବିହାର, ଓଡ଼ିଶାକୁ ଗୋଟିଏ ପ୍ରଦେଶ ଓ ପୂର୍ବ ବଙ୍ଗ, ଆସାମକୁ ମିଶାଇ ଗୋଟିଏ ପ୍ରଦେଶ କରି ଦେଲେ। ଏହା ଫଳରେ ବଙ୍ଗ ଦୁଇଭାଗରେ ବିଭକ୍ତ ହୋଇଗଲା। ବଙ୍ଗାଳୀ ମାନେ ଇଂରେଜ ସରକାର ବିପକ୍ଷରେ ବିଦ୍ରୋହ ଆରମ୍ଭ କରି ଦେଲେ। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଆନନ୍ଦ ମଠ ଉପନ୍ୟାସ ରେ ଥିବା "ବନ୍ଦେ ମାତରମ" ସଂଙ୍ଗୀତ ଟିକୁ ଜାତୀୟ ସଙ୍ଗିତ ରୂପେ ଗାନ କରିବାକୁ ଲାଗିଲେ। ଚାରିଆଡ଼େ "ବନ୍ଦେ ମାତରମ" ନାରାବାଜି ଆରମ୍ଭ ହୋଇଗଲା। "ବନ୍ଦେ ମାତରମ" ଆନ୍ଦୋଳନର ନେତା ଥିଲେ ସୁରେନ୍ଦ୍ର ନାଥ ବାନାର୍ଜି, ବିପିନ ଚନ୍ଦ୍ର ପାଲ ଓ ଅରବିନ୍ଦ ଘୋଷ । ବିଦେଶୀ ଜିନିଷ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର "ସ୍ୱଦେଶୀ ଆନ୍ଦୋଳନ ବା "ବନ୍ଦେ ମାତରମ" ଆନ୍ଦୋଳନ ପ୍ରବଳ ଭାବରେ ଚାଲିଲା । ବହୁ ଉଗ୍ରପସ୍ଥି ନେତା ମୁଣ୍ଡଟେକି ଗୋରା ଅଫିସର ମାନଙ୍କୁ ମାରି ପକାଇଲେ। ବାଳକ ଖୁଦିରାମ ବସୁ ଧରା ପଡ଼ିବାରୁ ୧୯୦୮ ମସିହାରେ ବଙ୍କଳ ଖୁଦିରାମ ଙ୍କୁ ଇଂରେଜ ସରକାର ଫାଶୀ ଦେଲେ । ୧୯୦୬ ମସିହାରେ ଢ଼ାକା ନବାବ୍ ସଲିମ୍ ଖାଁ ଙ୍କ ଦ୍ୱାରା ଆରମ୍ଭ ହୋଇଥିବା "ମୁସଲିମ୍ ଲିଗ୍"ର ପ୍ରଭାବ "ବନ୍ଦେ ମାତରମ" ଉପରେ ପଡ଼ି ପାରି ନ ଥିଲା। ୧୯୦୯ ମସିହାରେ ଭାରତରେ ମର୍ଲେମିଣ୍ଟୋ ଶାସନ ସଂସ୍କାର ପ୍ରଚଳନ କରାଗଲା । ୧୯୧୨ ମସିହାରେ ବଙ୍ଗ ବିଭାଗ ଆଇନ୍ କୁ ରଦ୍ଦ କରାଗଲା । ବିହାର ଓ ଓଡ଼ିଶା କୁ ଗୋଟିଏ ପ୍ରଦେଶ । ଆସାମକୁ ଗୋଟିଏ ପ୍ରଦେଶ ଓ ବଙ୍ଗଳା କୁ ଗୋଟିଏ ପ୍ରଦେଶ କରାଗଲା । କଂଗ୍ରେସ ଭିତରେ ଚରମପନ୍ଥୀ ଓ ନରମପନ୍ଥି ଭାବରେ ଦୁଇଟି ଦଳ ମୁଣ୍ଡ ଟେକିଲା। ଚରମପନ୍ଥି ନେତା ଥିଲେ ବାଳ ଗଙ୍ଗାଧର ତିଳକ ଓ ଲାଲା ଲଜପତ ରାୟ। ନରମପନ୍ଥୀଙ୍କ ନେତା ଗୋପାଳ କୃଷ୍ଣ ଗୋଖ୍‌ଲେ ଓ ଦାଦା ଭାଇ ନୌରୋଜୀ।

ଦକ୍ଷିଣ ଆଫ୍ରିକାରେ ମୋହନ ଦାସ କରମଚାନ୍ଦ ଗାନ୍ଧି ଅହିଂସା ଓ ସତ୍ୟାଗ୍ରହ ବଳରେ ଭାରତୀୟ ମାନଙ୍କୁ ଜିତାଇଥିଲେ। ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ୧୯୧୫ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଂଚିଲେ। ଏହି ସମୟରେ ଆୟର ଲ୍ୟାଣ୍ଡ ରମଣି ଆନି ବେସାନ୍ତ "ହୋମ୍ ରୁଲ" ଆନ୍ଦୋଳନ ଚଳାଇ ଇଂରେଜ ସରକାର ଦ୍ୱାରା ଗୃହ ବନ୍ଦିନୀ ହେଲେ। ବିଲାତରେ ଆନ୍ଦୋଳନ ହେବାରୁ ସରକାର ଆନି ବେସାନ୍ତଙ୍କୁ ମୁକ୍ତ କରି ଦେଲେ। ବିହାରର ଚମ୍ପାରଣ ଠାରେ ଇଂରେଜ ଓ ଜମିଦାର ମାନେ ନୀଳଚାଷୀ ମାନଙ୍କ ଉପରେ କରୁଥବା ଅତ୍ୟାଚାର ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରି ସେମାନଙ୍କୁ ଗୋରା ସରକାରଙ୍କ ଅତ୍ୟାଚାର ରୁ ରକ୍ଷା କରିଥିଲେ।

ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ। କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାର୍ଯ୍ୟ ଦେଇଥିଲେ। ହେଲେ "ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର" ଆଇନ ପ୍ରଣୟଣ କରି ଭାରତୀୟ ମାନଙ୍କ ଆଶାକୁ ଚୁରୁମାର କରି ଦେଲେ ଇଂରେଜ ସରକାର। ତାପରେ "ରାଓଲାଟ ଆଇନ୍"କୁ ଭାରତରେ ବିରୋଧ କରାଗଲା। ପଞ୍ଜାବର ଜାଲିଆନାୱାଲା ବାଗ ଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲେ। ଏହି ବାଗ୍‌ରେ ଗୋଟିଏ ମାତ୍ର ଦ୍ୱାର ଥିଲା । ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାର ଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ ଫଳରେ ସ୍ତ୍ରୀ, ପୁରୁଷ ଓ ଶିଶୁ ମିଶି ଦୁଇ ହଜାରରୁ ଅଧିକ ଲୋକ ମରିଗଲେ। ସାରା ଭାରତରେ ଶୋକ ର ଛାୟା ଖେଳିଗଲା । ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାରଙ୍କୁ ତାଙ୍କର "ନାଇଟ୍" ଉପାଧି ଫେରାଇ ଦେଲେ। ଭାରତୀୟ ଗାନ୍ଧିଜୀଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା । ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ। ଗୁଜୁରାଟର ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍‌ଙ୍କୁ ପୋଡ଼ି ଦେଲେ। ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା । "ସ୍ୱରାଜଦଳ"ର ନେତା ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତରଞ୍ଜନ ଦାସ, ଜାତୀୟ କଂଗ୍ରେସର ଜହାରଲାଲ ନେହେରୁ, ସୁବାଷ ଚନ୍ଦ୍ର ବୋଷ, ବଲ୍ଲଭଭାଇ ପଟେଲ, ଗୋବିନ୍ଦ ବଲ୍ଲଭ ପନ୍ଥ, ରାଜେନ୍ଦ୍ର ପ୍ରସାଦ, ରାଜ ଗୋପାଳ ଚାରୀ, ମୌଲାନା ଆବୁଲ୍‌କାଲମ, ଅବଦୁଲ ଗଫୁର ଖାଁ, ଲାଲା ଲାଜପତ ରାୟ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହିତ ୩୦ ହଜାର ଆନ୍ଦୋଳନ କାରୀ ଜେଲ ବରଣ କଲେ । ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ । ହିଂସା ନିତିରେ ହିଂସାକାଣ୍ଡ ଖଟାଇ ଭଗତ ସିଂ ଓ ଉଦ୍ଦାମ ସିଂହ ଫାଶୀ ପାଇଗଲେ।

୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତ କୁ ପଠାଇଲେ। ସାଇମନ୍ ସାହେବ ଏହାର ସଭାପତି ଥିଲେ । ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ ।ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା। "ସାଇମନ୍ ଫେରିଯାଅ"। କିନ୍ତୁ ସାଇମନ୍ ବ୍ରିଟିଶ ସରକାର ଙ୍କୁ ରିପୋର୍ଟ ଦେଲେ । ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେସନରେ ଭାରତୀୟ ପୂର୍ଣ୍ଣ ସ୍ୱାଧିନତା ପାଇଁ ଘୋଷଣା କରି ମହାତ୍ମା ଗାନ୍ଧି ଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ । ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ । ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ । ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା। ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିନ୍ତୁ କିଛି ଫଳ ହେଲା ନାହିଁ।

୧୯୩୫ ମସିହାରେ ଭାରତ ଶାସନ ଆଇନ୍‌ରେ ଭାରତୀୟ ମାନଙ୍କୁ ଅଧିକ ଶାସନ କ୍ଷମତା ଦିଆ ଗଲା। ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା । ଭାରତର ଏଗାରଟି ପ୍ରଦେଶ ରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା। ସୁବାଷ ବୋଷ କଂଗ୍ରେସ ଛାଡ଼ି "ଫରୱାର୍ଡ଼ ବ୍ଲକ୍" ନାମରେ ଏକ ଅଲଗା ଦଳ ଗଠନ କଲେ।

୧୯୩୯ ମସିହାରେ ଜାତିୟ କଂଗ୍ରେସ କୁ ନ ପଚାରି ବଡ଼ଲାଟ୍ ଭାରତ କୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସାମିଲ କରି ଦେଲେ। କଂଗ୍ରେସ ନେତା ମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ। ୧୯୪୧ ମସିହାରେ ସୁବାଷ ବୋଷ ଭାରତରୁ ଜର୍ମାନୀ କୁ ପଳାଇ ଯାଇଁ "ଆଜଦ୍ ହୀନ୍ଦ ଫଉଜ" ଗଠନ କଲେ। ୧୯୪୨ ମସିହାରେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା। ସୁବାଷ ବୋଷ ଜାପାନ୍ ସାହାର୍ଯ୍ୟରେ ପୂର୍ବପଟୁ ଭାରତକୁ ଅଭିଯାନ ଆରମ୍ଭ କଲେ। "ଆଜଦ୍ ହୀନ୍ଦ ଫଉଜ" କୋହିମା ଅଧିକାର କରି ମଣିପୁର ଘେରାଉ କରି ଦେଲେ, ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ଜୟ ଲାଭ କଲେ ମଧ୍ୟ ବହୁତ ଦୂର୍ବଳ ହୋଇ ପଡ଼ିଥିଲା। ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା । ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧିନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତା ମାନଙ୍କୁ ଜେଲରୁ ଖଲାସ କରି ଦେଲେ। ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନଙ୍କ ପାଇଁ ପାକିସ୍ତାନ ଦାବି କଲେ। ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ମାରପିଟି ଆରମ୍ଭ ହେଲା। ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ । ଏହି ସମୟରେ ଭାରତୀୟ ନୌ ବାହିନୀରେ ବିଦ୍ରୋହ ହେଲା। ବ୍ରିଟିଶ ସରକାର ଆଉ କାଳ ବିଳମ୍ବ ନ କରି ଲର୍ଡ଼ ମାଉଣ୍ଟ ବ୍ୟାଟେନ୍‌କୁ ଭାରତର ବଡ଼ ଲାଟ କରି ପଠାଇଲେ। ଭାରତ ଓ ପାକିସ୍ଥାନ ଦୁଇ ଭାଗ କରି ଦୁଇଟି ଦେଶକୁ ସ୍ୱାଧିନତା ଦେଇ ଦେଲେ। ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା।







ଗୋପବନ୍ଧୁଙ୍କ ଭାଷାରେ-

"ସ୍ୱାଧିନତା ମାନବର ଜନ୍ମ ଅଧିକାର
ସ୍ୱାଧିନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି।

*ପାରାଦ୍ୱୀପ ଗଡ଼, କୁଜଙ୍ଗ*
*ଜଗତସିଂହପୁର,ଓଡ଼ିଶା*
*ଦୂରଭାଷ : ୯୯୩୭୬୯୧୪୭୫*

### ଜେଲ୍ ବିଭାଗର ନୂଆ ଯୋଜନା

# କଏଦୀ ଗୋଡ଼ରେ ଲାଗିବ ଜିପିଏସ୍



**ଭୁବନେଶ୍ୱର :** ଆଉ ଏକ ନୂଆ ସଂସ୍କାର ଯୋଜନା କରିଛି ଜେଲ ବିଭାଗ। ବିଚାରାଧୀନ କଏଦୀଙ୍କ ଗୋଡ଼ରେ ଜିପିଏସ୍ ଲଗାଯାଇ ସେମାନଙ୍କ ଉପରେ ନଜର ରଖାଯିବ। ଏହାଦ୍ୱାରା ଖର୍ଚ୍ଚ କାଟ ହୋଇପାରିବ। ଅଭ୍ୟାସଗତ ଅପରାଧୀଙ୍କ ଲାଗି ଏଭଳି ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛି ଜେଲ ବିଭାଗ। ସଂସଦୀୟ ବ୍ୟାପାର କମିଟିକୁ ଏ ସଂକ୍ରାନ୍ତରେ ଜେଲ ବିଭାଗ ପ୍ରସ୍ତାବ ଦେଇଛି ଏବଂ କମିଟି ମଧ୍ୟ ଏଥିରେ ସହମତି ପ୍ରକାଶ କରିଛି। ଅନେକ ସମୟରେ ଲୁଟ୍, ଚୋରି, ଛିନ୍ତାଇ, ସିନ୍ଧିଚୋର ଓ ନିଶା କାରବାରରେ ସମ୍ପୃକ୍ତ ଅଭ୍ୟାସଗତ ଅପରାଧୀ ଅପରାଧ ଘଟାଇ ଗିରଫ ହେଉଛନ୍ତି। ସେମାନଙ୍କୁ ଜେଲ ପଠାଯାଉଛି। ମାତ୍ର ଜାମିନରେ ଆସିବା ପରେ ସେମାନେ ପୁନର୍ବାର ଅପରାଧିକ କାର୍ଯ୍ୟରେ ସଂଶ୍ଳିଷ୍ଟ ରହୁଛନ୍ତି। ଏପରି ପେସାଦାର ବିଚାରଧୀନ କଏଦୀଙ୍କୁ ଜେଲରେ ରଖିବା ଫଳରେ ତାଙ୍କ ପିଛା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏବେ ସେମାନଙ୍କ ଉପରେ ନଜର ରଖିବା ପାଇଁ ନୂଆ ପରିକଳ୍ପନା ହୋଇଛି। ବିଚାରଧୀନ କଏଦୀ ପାଇଁ ଜିପିଏସ୍-ସକ୍ଷମ ଟ୍ରାକିଂ ଡିଭାଇସ୍ ବ୍ୟବହାର କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହେବ। ଏହି ବ୍ୟବସ୍ଥାରେ ବିଚାରାଧୀନ କଏଦୀ ଜେଲରେ ନ ରହି ନିଜ ଘରେ ରହିବେ। ନିଜର ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ଦିଆଯାଇଥିବା ଅନୁମତି ପରିଧି ପରିସରରେ ଯାତାୟତ କରିବେ। କିନ୍ତୁ ତାଙ୍କୁ ଏକ ଜିପିଏସ ଚିପ ଜରିଆରେ ଟ୍ରାକିଂ କରାଯିବ। ଏକ ଜିପିଏସ ମେସିନ ତାଙ୍କୁ ବ୍ୟବହାର କରିବାକୁ ଦିଆଯିବ। ଯାହାକୁ ଭାଙ୍ଗିଲେ ବା ତା'ସହ କିଛି ଟାମ୍ପରିଂ କଲେ ତାହା ଆଲର୍ଟରେ ହେବା ସହ ପୁଲିସ ଜାଣିପାରିବ। ଯେଉଁ ଅଭ୍ୟାସଗତ ଅପରାଧୀ ଜାମିନ ପାଇଁ ଆବେଦନ କରିବ, କୋର୍ଟ ତାଙ୍କୁ ଜାମିନ୍‌ର ସର୍ତ୍ତ ଏହି ଟ୍ରାକିଂ ମେସିନ ପାଇଁ ନିର୍ଦ୍ଦେଶ ଦେବେ। ଜାମିନ ପାଇବାକୁ ହେଲେ ସେମାନଙ୍କ ପାଇଁ ଟ୍ରାକିଂ ଉପକରଣ ବାଧ୍ୟତାମୂଳକ କରାଯାଇପାରିବ। ଏଥିପାଇଁ ମେସିନ ବାବଦକୁ ୧୦ ରୁ ୧୫ହଜାର ପର୍ଯ୍ୟନ୍ତ ଖର୍ଚ୍ଚ ହେବ। କଏଦୀ ଏହି ଜିପିଏସ୍ ଖର୍ଚ୍ଚ ବହନ କରିବ। ଫଳରେ ଅନ୍ତେବାସୀ ନିଜ ଘରେ ରହିପାରିବ ବା ନିଜର କିଛି କାମ କରିପାରିବ। ଟ୍ରାକିଂ ମେସିନ ଜରିଆରେ ସବୁ ବେଳେ ନଜରରେ ରହିବ। ଜାମିନରେ ଆସିଲେ ରାଜ୍ୟ ବାହାରକୁ ବା ଦେଶ ବାହାରକୁ ଖସିଯାଇ ପାରିବେନି। ଏପରିକି ସାକ୍ଷୀ ଘର ପାଖାପାଖି ଯାଇ ଧମକାଇଲେ ତାହା ଟ୍ରାକିଂ ମେସିନ୍ ଜରିଆରେ ଜଣାପଡ଼ିବ। ଏହି ଜିପିଏସ୍‌କୁ ଟ୍ୟାମ୍ପର ପ୍ରୁଫ୍ କରାଯାଇଛି।

# ରୂପାନ୍ତରଣ ଯାତ୍ରା ଶେଷ





**ଭୁବନେଶ୍ୱର :** ଫେବୃଆରୀରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ କୋରେଇ ମାଟିରେ ଶେଷ ହୋଇଛି। କୋରେଇ ମାଟିରେ ବିକାଶର ସମୀକ୍ଷା କରି ୫ଟି ସଚିବ କହିଛନ୍ତି, ବୁଲି ବୁଲି ଲୋକଙ୍କଠୁ ଅଭିଯୋଗ ଗ୍ରହଣ କରିବାକୁ ଦାୟିତ୍ୱ ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆସନ୍ତା ସପ୍ତାହେ ଭିତରେ ମୁଖ୍ୟମନ୍ତ୍ରୀ କୋରେଇ ମାଟିର ବିକାଶ ପାଇଁ ଖୁସି ଖବର ଦେବେ । ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ଆସିଥିବା ଅଭିଯୋଗର ବିଚାର କରାଯାଇ ୮ ତାରିଖ ଭିତରେ ସମାଧାନ କରାଯିବ। ମୁଖ୍ୟମନ୍ତ୍ରୀ ଦେଇଥିବା ଅନୁଦାନର ସଠିକ ବିନିଯୋଗ କରିବାକୁ ୫ଟି ସଚିବ ଆହ୍ୱାନ ଦେଇଛନ୍ତି। କୋରେଇର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୨୩ଟି ପଞ୍ଚାୟତରେ ୧୪୦ କୋଟି ଖର୍ଚ୍ଚ ହେବ। ତୁଳସୀପୁର ଏବଂ ରାଉତରାପୁର ମେଗାଲିଫ୍ଟ ପାଇଁ ୯୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହାର ନିର୍ମାଣ କାମ ଚଳିତ ବର୍ଷ ଶେଷ ହେବ। ଏହା ମାଧ୍ୟମରେ ୧୦ ହଜାର ଏକର ଜମି ଜଳସେଚିତ ହେବ। ପାଣିକୋଇଲିରେ ଟ୍ରମାକେୟାର ସେଣ୍ଟର କାମ ମୁଖ୍ୟମନ୍ତ୍ରୀ ହାତକୁ ନେଇଛନ୍ତି। ଏଥିପାଇଁ ୧୦୧ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ୩ ମାସ ମଧ୍ୟରେ କାମ ସରିବ। କୋରେଇ ସିଏଚସି ପାଇଁ ୨୦ କୋଟି ମଞ୍ଜୁର କରାଯାଇଛି । ନଦୀ ବନ୍ଧ ଉପରେ ରାସ୍ତା ପାଇଁ ୫୦ କୋଟି, ଏନଏଚ ୧୬ରୁ ଅଟଳପୁର ରାସ୍ତା ପାଇଁ ୧୫ କୋଟି ଓ ବୈତରଣୀ ନଦୀବନ୍ଧକୁ ସୁଦୃଢ଼ କରିବାକୁ ୧୦ କୋଟି ଟଙ୍କା ଅନୁମୋଦିତ ହେଇଥିବା ୫ଟି ସଚିବ କହିଛନ୍ତି।

### ବିକାଶ ନାଁରେ ଆଉ ବଳି ପଡିବନି ଗଛ

# ବୃକ୍ଷ ପୁନଃରୋପଣ ପାଇଁ ସ୍ୱତନ୍ତ୍ର ଏସ୍‌ଓପି



**ଭୁବନେଶ୍ୱର :** ଉନ୍ନୟନ ପ୍ରକଳ୍ପ ପାଇଁ ରାଜ୍ୟରେ କଟାଯାଉଛି ଲକ୍ଷ ଲକ୍ଷ ଗଛ। ଏହି ଗଛଗୁଡ଼ିକୁ ବଢ଼ାଇବା ପାଇଁ ଅନେକ ପରିଶ୍ରମ ସହିତ ସମୟ ଲାଗୁଛି। ହେଲେ ବିଭିନ୍ନ ପ୍ରକଳ୍ପ ପାଇଁ ଆଖି ପିଛୁଳାକେ ଗଛ କାଟି ଦିଆଯାଉଛି। ଫଳରେ ରାଜ୍ୟରେ ସବୁଜିମା ପ୍ରତି ଆହ୍ୱାନ ସୃଷ୍ଟି ହେବା ସହ ଅନ୍ୟ ସମସ୍ୟାଗୁଡ଼ିକ ମୁଣ୍ଡ ଟେକୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ 'ବୃକ୍ଷ ପୁନଃରୋପଣ' ପାଇଁ ଏକ ସ୍ୱତନ୍ତ୍ର ଏସଓପି ଆଣିଛନ୍ତି। ବିଭାଗ ପକ୍ଷରୁ ଜାରି ଏସଓପି ପାଳନ କରି ଗଛ ନ କାଟି ଅନ୍ୟତ୍ର ପ୍ରତ୍ୟାରୋପଣ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ଗତ ୨୦୧୦-୧୧ରୁ ୨୦୨୦-୨୧ ମଧ୍ୟରେ ରାଜପଥ ନିର୍ମାଣ ଓ ଅନ୍ୟ ପ୍ରକଳ୍ପ ପାଇଁ ରାଜ୍ୟର ୧.୮୫ କୋଟି ଗଛ କଟାଯାଇଛି । କେବଳ ଭୁବନେଶ୍ୱରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୨୦୧୯-୨୦ରୁ ୨୦୨୨-୨୩ ମଧ୍ୟରେ ୭ ହଜାର ୮୦୦ ଗଛ କଟାଯାଇଛି। ଏହି ବ୍ୟବସ୍ଥାରେ ରୋକ୍ ଲଗାଇ ନୂତନ ଏସଓପି ପାଳନ କରି ବୃକ୍ଷ ପ୍ରତ୍ୟାରୋପଣ ପଦ୍ଧତିକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ବନ ସଂରକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଜାରି ହୋଇଥିହବା ଏସଓପିରେ ଗଛର ସ୍ଥାନ, ବୟସ, ମୋଟେଇ, ପ୍ରଜାତି, ଔଷଧୀୟ ଓ ଧର୍ମୀୟ ଭାବନା ଆଦି ସମ୍ପର୍କରେ ଦର୍ଶାଯାଇଛି। ଗଛ ପ୍ରତ୍ୟାରୋପଣ ବେଳେ ଏହି ଦିଗ ପ୍ରତି ଗୁରୁତ୍ୱ ଦିଆଯିବ। ଯାନ୍ତ୍ରିକ ପଦ୍ଧତି ଦ୍ୱାରା ଏହି ପ୍ରତ୍ୟାରୋପଣ ପ୍ରକ୍ରିୟା ସମୟ ସାପେକ୍ଷ ବୋଲି ବିଭାଗ କହିଛି। ଏହାସହ କେଉଁସ୍ଥାନରୁ କେଉଁସ୍ଥାନକୁ ଗଛ ନିଆଯାଇ ପ୍ରତ୍ୟାରୋପଣ କରାଯିବ ତାକୁ ଦୃଷ୍ଟିରେ ରଖାଯିବ। ଯୁବ ଅବସ୍ଥାରେ ଥିବା ଗଛଗୁଡ଼ିକର ଚେର କମ୍ ରହିଥିବାରୁ ଏହା ପ୍ରତ୍ୟାରୋପଣ ପରେ ପୁନର୍ବାର ବଞ୍ଚିବାର ଅଧିକ ସମ୍ଭାବନା ରହିଥାଏ। ଏହି ପ୍ରକ୍ରିୟାରେ ଲଗାଯାଇଥିବା ଗଛ ଗୁଡ଼ିକ ମଧ୍ୟରୁ ପ୍ରଥମ ବର୍ଷରେ ୫୦-୮୦ ପ୍ରତିଶତ ଗଛ ବଞ୍ଚୁଥିବା ବେଳେ ଦ୍ୱିତୀୟ ବର୍ଷରେ ୩୦-୭୦ ପ୍ରତିଶତ ଗଛ ବଞ୍ଚିବା ନେଇ ଜଣାପଡ଼ିଛି। ଯେଉଁ ଗଛଗୁଡ଼ିକ କାଟିବା ପରେ କୁଆଁ ବାହାର କରିବାର କ୍ଷମତା ରଖୁଥାଏ, ସେହି ଗଛ ପ୍ରତ୍ୟାରୋପଣ ପରେ ମଧ ବଞ୍ଚିବାର କ୍ଷମତା ସବୁଠୁ ଅଧିକ ରହିଥାଏ। ଗଛ କଟା ହେବାରୁ ପରିବେଶର ସନ୍ତୁଳନ ବିଗିଡି ଯାଉଛି। ନୂଆ ଚାରାକୁ ଗଛ ହେବାକୁ ସମୟ ଲାଗୁଛି। ଚଳିତ ଅଗଷ୍ଟରେ ବର୍ଷା ଦିନ ସତ୍ତ୍ୱେ ଆକାଶରୁ ନିଆଁ ବର୍ଷା ହେଉଛି। ଏପରି ସ୍ଥିତିରେ ବୃକ୍ଷ ପ୍ରତ୍ୟାରୋପଣକୁ ସ୍ୱାଗତ କରିଛନ୍ତି ପରିବେଶବିତ। ସହରର କଂକ୍ରିଟ ଜଙ୍ଗଲରେ ବୃକ୍ଷ ନଷ୍ଟ ହେବାକୁ ଲାଗିଲାଣି। ପରିବେଶ ପ୍ରଦୂଷଣ ବଢୁଛି। ମୃତିକା ଅବକ୍ଷୟ ବି ହେଉଛି। ହେଲେ ମଣିଷର ପ୍ରକୃତ ବନ୍ଧୁ ଗଛକୁ ନୂଆ ଜୀବନ ଦେଲେ ସେ ବି ମଣିଷକୁ ଅମ୍ଳଜାନ ଯୋଗାଇବ।

# ୧୧ରୁ କଟକ ନେତାଜୀ ବସ୍ ଟର୍ମିନାଲରୁ ଗଡ଼ିବ ବସ୍



**କଟକ :** ଆଗାମୀ ସେପ୍ଟେମ୍ବର ୧୧ରୁ କଟକ ନେତାଜୀ ବସ୍ ଟର୍ମିନାଲ (ସିଏନବିଟି)ରୁ ବସ୍ ଚଳାଚଳ ଆରମ୍ଭ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ପୁରୀ, ଅନୁଗୋଳ, ସମ୍ବଲପୁର ଏବଂ ରାଉରକେଲାକୁ ସିଏନବିଟିରୁ ବସ୍ ରହଣି ସହ ଯାତାୟାତ କରିବ। ଏଥିପୂର୍ବରୁ ବସ ଟର୍ମିନାଲରେ ବାକିଥିବା ଛୋଟ ଛୋଟ କାମ ତୁରନ୍ତ ଶେଷ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ସେପ୍ଟେମ୍ବର ୭ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଅଧ୍ୟକ୍ଷ ଅନୀଲ କୁମାର ସାମଲ କହିଛନ୍ତି। ଏନେଇ ବସ୍ ଟର୍ମିନାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏ ଅଧ୍ୟକ୍ଷ ସାମଲ ଅଧ୍ୟକ୍ଷତା କରିଥିଲେ। ସିଡିଏ ଉପାଧ୍ୟକ୍ଷ ତଥା ସିଏମସି କମିଶନର ନିଖିଲ ପଥ୍ୱନ କଲ୍ୟାଣ, ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର, କଟକ ଆରଟିଓ, ଓବିସିସି ଚିଫ୍ ଜେନେରାଲ ମ୍ୟାନେଜର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଟିପିସିଓଡିଏଲ ନିର୍ବାହୀ ଯନ୍ତ୍ରୀ, ଓ୍ୱାଟ୍‌କୋର ପରିଚାଳକ ଯୋଗଦେଇଥିଲେ। ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତାମାନେ ବୈଠକରେ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିଏନ୍‌ବିଟିରୁ ଆସନ୍ତା ୧୧ ତାରିଖରୁ ପରୀକ୍ଷାମୂଳକ ଭାବେ ବସ ଚଳାଚଳ କରିବ ବୋଲି ନିଷ୍ପତ୍ତି ହୋଇଛି। କେଉଁ ରୁଟ୍‌ରେ କେଉଁ ବସ୍ ଚଳାଚଳ କରିବ ସେ ସଂକ୍ରାନ୍ତରେ ମଧ୍ୟ ସ୍ଥିର ହୋଇଛି। ସେହିପରି ସହରରେ ମୋ ବସ୍ କେଉଁ ରୁଟ୍‌ରେ ଯାତାୟାତ କରିବ ସେ ସମ୍ପର୍କରେ ଆଲୋଚନା ହୋଇଛି। ମୋ ବସ୍ ରୁଟ୍ ଓ ରହଣିସ୍ଥଳ (ବସ୍ ଷ୍ଟପ୍) ସମ୍ପର୍କରେ ଡିସିପି ମିଶ୍ର ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ। ସିଏନ୍ବିଟିର କେଉଁ ପଟରେ ବସ୍ ପ୍ରବେଶ କରିବ ଓ ବାହାରିବ ତାହା ଅନୁଧ୍ୟାନ କରାଯାଇ ପ୍ରସ୍ଥାନ ଦ୍ୱାର (ଏକ୍ସିଜିଟ୍ ପଏଣ୍ଟ)କୁ ଚଉଡ଼ା କରାଯିବ। ବସ୍ ଟର୍ମିନାଲ ପରିସରରେ ଷ୍ଟ୍ରିଟ୍ ଲାଇଟ ଲଗାଇ ଆଲୋକୀକରଣ କରିବାକୁ ସିଏମ୍‌ସିକୁ ଦାୟିତ୍ୱ ଦିଆଯାଇଛି। ସିଏନ୍‌ବିଟିକୁ ସଂଯୋଗ କରୁଥିବା ମଲାଚଣ୍ଡିଆ ଛକ ନିକଟ ଓ ରାସ୍ତାରେ ଥିବା ଅବ୍ୟବହୃତ ଲାଇଟ ଖୁଣ୍ଟଗୁଡ଼ିକୁ ତୁରନ୍ତ ସ୍ଥାନାନ୍ତର କରାଯାଇ ସୌନ୍ଦର୍ଯ୍ୟକରଣ କାମ ଶେଷ କରିବାକୁ ବିଦ୍ୟୁତ ଓ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସିଏନ୍ବିଟି ଦାୟିତ୍ୱରେ ଥିବା ସଂସ୍ଥା ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ନିୟୋଜନ କରିବାକୁ ମଧ୍ୟ କୁହାଯାଇଛି। ଟର୍ମିନାଲର ଭିତର ପାର୍ଶ୍ୱରେ ଇଣ୍ଟରନାଲ ପାର୍ଟିସନ ସହ କଞ୍ଜୁମର ପଏଣ୍ଟକୁ ବିଦ୍ୟୁତକରଣ କରିବାକୁ ଓବିସିସିକୁ କୁହାଯାଇଛି। ବୈଠକ ପରେ ଅଧିକାରୀମାନେ ସିଏନବିଟି ପରିସର ବୁଲି ସ୍ଥିତି ସମୀକ୍ଷା କରିଥିଲେ।

PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

### ଗ୍ରାମାଞ୍ଚଳରେ ବ୍ୟାପକ ଯୁବ ଉଦ୍ୟୋଗୀ ସୃଷ୍ଟି ଲକ୍ଷ୍ୟ

# ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ଏମ୍ଏସ୍ଏମ୍ଇ ସେକ୍ଟର



**ଭୁବନେଶ୍ୱର :** କ୍ଷୁଦ୍ର ଶିଳ୍ପରେ ବଡ଼ ସୁଯୋଗ। ଫୋକସରେ ଅର୍ଥନୈତିକ ବିକାଶ ଓ ବ୍ୟାପକ ନିଯୁକ୍ତି। ଏମ୍ଏସ୍ଏମ୍ଇ ସେକ୍ଟରକୁ ଦେବ ସ୍ରିମ୍ ସ୍କିମ୍ ବୁଷ୍ଟ। ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସରେ ପ୍ରୋତ୍ସାହନ ପେଡି ଖୋଲିଲା ଓଡ଼ିଶା। ଶିଳ୍ପ ବିଭାଗ ଜାରି କଲା ସ୍ରିମ୍ ସ୍କିମ୍ ଯୋଜନାର ବିଧିବଦ୍ଧ ନୋଟିସ। ଛୋଟ ବ୍ୟବସାୟ, ବଡ ପ୍ରୋତ୍ସାହନ। କମିବ ବେକାରୀ ସମସ୍ୟା, ବଢିବ ରୋଜଗାର। ଅର୍ଥନୈତିକ ବିକାଶରେ କ୍ଷୁଦ୍ରଶିଳ୍ପ ନେବ ପ୍ରମୁଖ ଭୂମିକା। ଓଡ଼ିଶାରେ କ୍ଷୁଦ୍ର ଶିଳ୍ପର ନୂଆ ସମ୍ଭାବନା ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏମ୍ଏସ୍ଏମ୍ଇ ସେକ୍ଟର ପାଇଁ ମୁଖ୍ୟମନ୍ତ୍ରୀ ସ୍କିମ୍ ଫର୍ ରି-ଇମ୍ବରସମେଣ୍ଟ ଅଫ୍ ଇଣ୍ଟରେଷ୍ଟ ଟୁ ଏମ୍ଏସ୍ଏମ୍ଇ ବା ସ୍ରିମ୍ ସ୍କିମ୍ ଯୋଜନା ଆଣିଛନ୍ତି। ଏଣିକି ଏମ୍ଏସ୍ଏମ୍ଇ କ୍ଷେତ୍ରର ନିବେଶ ପାଇଁ ଋଣ ରିହାତି ଯୋଗାଇ ଦେବେ ରାଜ୍ୟ ସରକାର। ଏନେଇ ଶିଳ୍ପ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଗ୍ରାମାଞ୍ଚଳମାନଙ୍କରେ ଛୋଟ ବ୍ୟବସାୟୀ ଓ କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ଏହା ବେଶ ସହାୟକ ହେବ। ଗାଁ ଗାଁରେ କ୍ଷୁଦ୍ର ଉଦ୍ୟୋଗୀ ପ୍ରତିଷ୍ଠା କରିବା ସହ ଘରପାଖରେ ଯୁବପିଢିଙ୍କୁ ରୋଜଗାର ଯୋଗାଇ ଦେବାକୁ ରାଜ୍ୟ ସରକାର ଫୋକସ କରିଛନ୍ତି ବୋଲି ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ସ୍ରିମ୍ ସ୍କିମ୍ ଯୋଜନା ଅନୁସାରେ ଏମ୍ଏସ୍ଏମ୍ଇ ସେକ୍ଟରରେ ୧୦ ଲକ୍ଷ କୋଟି ନିବେଶ କରିଥିବା ନିବେଶକାରୀଙ୍କୁ ସମ୍ପୂର୍ଣ୍ଣ ଋଣ ଛାଡ଼ କରିବେ ରାଜ୍ୟ ସରକାର। ସେହିପରି ୧୦ ଲକ୍ଷରୁ ୫୦ ଲକ୍ଷ ପର୍ଯ୍ୟନ୍ତ ନିବେଶ କରିଥିବା ନିବେଶକାରୀଙ୍କୁ ୭୫ ପ୍ରତିଶତ, ୫୦ ଲକ୍ଷରୁ ଏକ କୋଟି ଯାଏଁ ୫୦ ପ୍ରତିଶତ, ଏକ କୋଟିରୁ ୩ କୋଟି ପର୍ଯ୍ୟନ୍ତ ନିବେଶକାରୀଙ୍କୁ ୨୫ ପ୍ରତିଶତ ଋଣ ରିହାତି ଯୋଗାଇ ଦିଆଯିବ। ଯାହା ଗ୍ରାମାଞ୍ଚଳ ଶିଳ୍ପାୟନରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଶିଳ୍ପ ବିଶେଷଜ୍ଞ କହିଛନ୍ତି। କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଫଳରେ ମହିଳାମାନେ ଅଧିକ ଉପକୃତ ହେଉଛନ୍ତି। ଯାହା ମହିଳା ସଶକ୍ତିକରଣରେ ପ୍ରମୁଖ ଭୂମିକା ଗ୍ରହଣ କରଛି ବୋଲି ଶାସକ ଦଳ କହିଛି। ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା ଏମଏସଏମଇ ସେକ୍ଟରର ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଆର୍ଥିକ ସ୍ଥିତିକୁ ଅଧିକ ମଜଭୁତ କରିବା ସହ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବ ବୋଲି ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସରେ ଟୁଇଟ କରି ମୁଖ୍ୟମନ୍ତ୍ରୀ ଆଶା ପୋଷଣ କରିଛନ୍ତି। ଓଡ଼ିଶାରେ ଶିଳ୍ପାୟନରେ ନୂଆ ଯୁଗ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ସରକାର କ୍ଷୁଦ୍ର, ମଧ୍ୟମ ଓ ବଡ଼ବଡ଼ ଶିଳ୍ପ ପ୍ରତିଷ୍ଠା ଲାଗି ପ୍ଲସ ଓ୍ୱାନ ସୁବିଧା ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର।

# ସେବା ପାଇଁ ସମ୍ମାନ

**ଭୁବନେଶ୍ୱର :** ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍)ର ରାଜ୍ୟ ପୁରସ୍କାରଗୁଡ଼ିକ ନିମନ୍ତେ ବିଜେତା ମାନଙ୍କ ନାମ ଘୋଷଣା କରାଯାଇଛି। ୨୦୨୨-୨୩ ମସିହା ପାଇଁ ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟରତ ଜାତୀୟ ସେବା ଯୋଜନାଗୁଡ଼ିକର ପ୍ରୋଗ୍ରାମ ଅଫିସର ଓ ୟୁନିଟ୍ରାମାନଙ୍କୁ ପୁରସ୍କୃତ କରାଯିବ। ଏହା ବ୍ୟତୀତ ବୃକ୍ଷରୋପଣ, ରକ୍ତଦାନରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୟୁନିଟ୍ ଗୁଡ଼ିକୁ ପୁରସ୍କୃତ କରାଯିବ। ଅନୁରୂପ ଭାବରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ବିଜେତା ମାନଙ୍କୁ ଟ୍ରଫି, ନଗଦ ଅର୍ଥରାଶି, ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ବିଭାଗ ପକ୍ଷରୁ ଗଠିତ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା ଏହି ବିଜେତାମାନଙ୍କୁ ନିକଟ ଭବିଷ୍ୟତରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ତିନିଜଣ ପ୍ରୋଗ୍ରାମ ଅଫିସର, ତିନୋଟି ଶ୍ରେଷ୍ଠ କଲେଜ୍ ୟୁନିଟ୍, ବୃକ୍ଷରୋପଣ, ରକ୍ତଦାନ ପାଇଁ ଦୁଇଟି ୟୁନିଟ୍ ସମେତ ୧୨ ଜଣ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯିବ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ସଡ଼କ ସୁରକ୍ଷା ପରିଷଦର ବୈଠକ



**ଭୁବନେଶ୍ୱର :** ବୁଧବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ପରିବହନ କମିଶନର ଅମିତାଭ ଠାକୁର, ଉନ୍ନୟନ କମିଶନର ଅନୁ ଗର୍ଗ, ପୁଲିସ ମହାନିର୍ଦ୍ଦେଶକ ସୁନିଲ ବଂଶଲ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଧନେଶ୍ୱର ମଲ୍ଲିକ ସହ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସଡ଼କ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଡ଼କ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ବିଭାଗମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଇଞ୍ଜିନିୟରିଂ ବିଭାଗ, ଶିକ୍ଷା ବିଭାଗ, ଟ୍ରକ-ବସ ମାଲିକ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଉପଯୁକ୍ତ ସମନ୍ୱୟ ହିଁ ସଡ଼କ ସୁରକ୍ଷା ଦିଗରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ। ଏହାସହ କହିଥିଲେ କି, ସଡ଼କ ସୁରକ୍ଷା ସାରା ଦେଶର ଚିନ୍ତାର ବିଷୟ ମଧ୍ୟ ପାଲଟିଛି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**